# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୧/୨୦୨୦ (୧୩ ପୃଷ୍ଠା) | Bhubaneswar, Saturday, July 11/2020 | ★★★★★★

୪୬ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ବ୍ରାଥ୍‌ୱେଟ୍‌ଙ୍କ ଅର୍ଦ୍ଧଶତକ**

ସାଉଥାମ୍ପଟନଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରି ୱେଷ୍ଟଇଣ୍ଡିଜକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଛନ୍ତି କ୍ରେଗ୍ ବ୍ରାଥ୍‌ୱେଟ୍।

୧୩

୧୦

**ଦୁବେ ଏନ୍‌କାଉଣ୍ଟରକୁ ବଲିଉଡ୍ ସହ ଯୋଡ଼ିଲେ ତାପସୀ**

ଅଭିନେତ୍ରୀ ତାପସୀ ପନ୍ନୁ ବିକାଶ ଦୁବେ ଏନ୍‌କାଉଣ୍ଟର ଓ ହତ୍ୟା ଘଟଣାକୁ ବଲିଉଡ୍ ସହ ଯୋଡ଼ି ଫିଲ୍ମ କାହାଣୀଗୁଡ଼ିକ ବାସ୍ତବତାଠାରୁ ବହୁ ଦୂରରେ ବୋଲି କହିଛନ୍ତି।



# ଦଶମରେ ୯୯.୩୪%, ଦ୍ୱାଦଶରେ ୯୬.୮୪% ପାସ୍

**ନୂଆଦିଲ୍ଲୀ,୧୦।୭(ପି.ଟି.)**

- ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷାଫଳ ପ୍ରକାଶିତ
- ଏବର୍ଷ ମେରିଟ୍ ଲିଷ୍ଟ ନାହିଁ

କାଉନସିଲ୍ ଫର୍ ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ପକ୍ଷରୁ ଶୁକ୍ରବାର ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାଫଳ ପ୍ରକାଶ ପାଇଛି। ତେବେ ଏବର୍ଷ ମହାମାରୀ ଜନିତ ଲକ୍‌ଡାଉନ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଅସାଧାରଣ ସ୍ଥିତି ସୃଷ୍ଟି ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ମେଧା ତାଲିକା ପ୍ରକାଶ ନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଦଶମ ଶ୍ରେଣୀରେ ପାସ୍ ହାର ୯୯.୩୪ ପ୍ରତିଶତ ରହିଛି, ଯାହା ପୂର୍ବବର୍ଷ ତୁଳନାରେ ୦.୮ ପ୍ରତିଶତ ଅଧିକ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପାସ୍ ହାର ରହିଛି ୯୬.୮୪ ପ୍ରତିଶତ। ତେବେ ଓଡ଼ିଶାରେ ଆଇସିଏସ୍‌ଇ ଦଶମରେ ପାସ୍‌ହାର ୯୭.୭୩ ପ୍ରତିଶତ ଥିବାବେଳେ ଆଇଏସ୍‌ସି ଦ୍ୱାଦଶରେ ଉତ୍ତୀର୍ଣ୍ଣ ହାର ରହିଛି ୯୨.୨୯ ପ୍ରତିଶତ। କରୋନା ମହାମାରୀ ବଢୁଥିବାରୁ ଉଭୟ ପାଠ୍ୟକ୍ରମର ବକେୟା ପରୀକ୍ଷାକୁ ବୋର୍ଡ ବାତିଲ କରିଦେଇଥିଲା। ବିକଳ୍ପ ମୂଲ୍ୟାୟନ ସ୍କିମ୍ ଆଧାରରେ ଫଳାଫଳ ହିସାବ କରାଯାଇଥିଲା।

ଆଇସିଏସ୍‌ଇ ଦଶମ ପରୀକ୍ଷାରେ ମୋଟ ୨,୦୬,୫୨୫ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୧,୩୭୭ ଜଣ ଫେଲ୍ ହୋଇଛନ୍ତି। ସେହିପରି ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୮୫,୬୧୧ ଜଣ ପାସ୍ କରିଥିବାବେଳେ ୨,୭୯୮ ଜଣ ଫେଲ୍ ହୋଇଛନ୍ତି। ୨,୩୪୧ ସ୍କୁଲ୍‌ର ପିଲା ଆଇସିଏସ୍‌ଇ ପରୀକ୍ଷା ଦେଇଥିଲେ। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଭାଗନେଇଥିଲେ ୧,୧୨୫ ସ୍କୁଲ୍‌ର ଛାତ୍ରୀଛାତ୍ର। ବକେୟା ପରୀକ୍ଷା ବାତିଲ ହେବା ପରେ ବିକଳ୍ପ ମୂଲ୍ୟାୟନ ସ୍କିମ୍ ସମ୍ପର୍କରେ ଗତ ସପ୍ତାହରେ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଥିଲା। ପିଲାମାନେ ଯେଉଁ ତିନୋଟି ବିଷୟରେ ସବୁଠୁ ଭଲ ପ୍ରତିଶତ ନମ୍ବର ରଖିଥିବେ ତାକୁ ଆଧାରକରି ପରୀକ୍ଷା ହୋଇ ନ ଥିବା ବିଷୟ ପାଇଁ ନମ୍ବର ଦିଆଯିବ। ଏଥିସହିତ ସେମାନଙ୍କର ଇଣ୍ଟରନାଲ ମୂଲ୍ୟାୟନ ଓ ପ୍ରୋଜେକ୍ଟ ୱାର୍କକୁ ହିସାବକୁ ନିଆଯିବ ବୋଲି କୁହାଯାଇଥିଲା। ଛାତ୍ରୀଛାତ୍ର ଚାହିଁଲେ ନିର୍ଦ୍ଦିଷ୍ଟ ବିଷୟର ଖାତା ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ଏଥିପାଇଁ ଛାତ୍ରୀଛାତ୍ର କିମ୍ବା ସେମାନଙ୍କ ସ୍କୁଲ୍ ମୁଖ୍ୟ ଅନ୍‌ଲାଇନରେ ଆବେଦନ କରିବାକୁ ହେବ। ୱେବ୍‌ସାଇଟ www.cisce.orgରେ ଥିବା ରେଜଲ୍ଟ ଟ୍ୟାବ୍ ଠିକ୍ ତଳେ ଏଥିପାଇଁ ବଟନ ରହିଛି। ପୁନଃ ମୂଲ୍ୟାୟନ ପାଇଁ ଆବେଦନର ଶେଷ ତାରିଖ ଜୁଲାଇ ୧୬ ରଖାଯାଇଛି।

# ସନ୍ଦେହରେ ପୋଲିସ ଭୂମିକା

**କାନପୁର/ନୂଆଦିଲ୍ଲୀ,୧୦।୭**

## ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ନିହତ



ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟି ପଡ଼ିଛି। ବିକାଶ ଦୁବେ (ଇନ୍‌ସେଟ୍)।

ଉତ୍ତରପ୍ରଦେଶର ୮ ପୋଲିସଙ୍କ ହତ୍ୟା ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ଶୁକ୍ରବାର ସକାଳେ ଏନ୍‌କାଉଣ୍ଟର କରି ପୋଲିସ ମାରିଦେଇଛି। ବିକାଶଙ୍କ ଗିରଫଦାରି ପରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ କଳା କାରନାମାର ପର୍ଦ୍ଦାଫାସ ହେବ ବୋଲି ମନେକରାଯାଉଥିଲା। କେବଳ ପୋଲିସ ଅଧିକାରୀ ନୁହନ୍ତି, ଭାଜପା ଶାସିତ ଉତ୍ତରପ୍ରଦେଶ ସରକାରରେ ଥିବା କେତେଜଣ ନେତାଙ୍କ ଅସଲ ଚେହେରା ମଧ୍ୟ ସାମ୍ନାକୁ ଆସିଯିବ ବୋଲି ଆଲୋଚନା ହେଉଥିଲା। ତାଙ୍କୁ ଯେଭଳି ଭାବେ ନାଟକୀୟ ଢଙ୍ଗରେ ହତ୍ୟା କରାଗଲା ତାହା ମିଥ୍ୟା ଏନ୍‌କାଉଣ୍ଟର ବୋଲି ଗଣମାଧ୍ୟମରୁ ଆରମ୍ଭ କରି ସାଧାରଣରେ ଚର୍ଚ୍ଚା ହେଉଛି। ବଡ଼ବଡ଼ିଆଙ୍କ ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ ଭାବେ ଲୁଚାଇଦେବାର ଲକ୍ଷ୍ୟ ରଖାଯାଇ ବିକାଶଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବିରୋଧୀ ସମାଲୋଚନା କଲେଣି। ଏହି କୁଖ୍ୟାତ୍ ଅପରାଧୀଙ୍କୁ ହତ୍ୟା କରାଯାଇପାରେ ବୋଲି ସନ୍ଦେହ କରି ଗୁରୁବାର ରାତିରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଥିଲା। ଏହାର ଶୁଣାଣି ପୂର୍ବରୁ ବିକାଶଙ୍କୁ ଏନ୍‌କାଉଣ୍ଟର କରାଯିବା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି।

ଟ୍ରାନ୍‌ଜିଟ୍ ରିମାଣ୍ଡରେ ଅଣାଯାଉଥିବା କାର୍ ଓଲଟିପଡ଼ିବା ପରେ ବିକାଶ ଆହତ ପୋଲିସ କର୍ମଚାରୀଙ୍କ ବନ୍ଧୁକ ଛଡ଼ାଇଥିଲେ। ପୋଲିସ ତାଙ୍କୁ ଘେରିଯାଇ ଆତ୍ମସମର୍ପଣ କରିବାକୁ କହିଥିଲା। ହେଲେ ସେ ପୋଲିସ କଥା ନ ଶୁଣି ଫାୟାରିଂ କରିଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲା, ଯେଉଁଥିରେ ସେ ଆହତ ହୋଇଥିଲେ। ବିକାଶଙ୍କୁ ଗୁରୁତର ଅବସ୍ଥାରେ କାନପୁରସ୍ଥିତ ଲାଲା ଲଜପତ ରାୟ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଏହି ଏନ୍‌କାଉଣ୍ଟରକୁ ନେଇ ବିଭିନ୍ନ ମହଲରେ ଅନେକ ପ୍ରଶ୍ନ ଉଠିଛି। କାରଣ ଉକ୍ତ ହସ୍ପିଟାଲର ଡାକ୍ତର ପୋଲିସର କଥାକୁ ଖଣ୍ଡନ କରି କହିଛନ୍ତି, ବିକାଶଙ୍କୁ ଜୀବିତ ଅବସ୍ଥାରେ ନୁହେଁ, ବରଂ ତାଙ୍କ ମୃତଦେହକୁ ହସ୍ପିଟାଲକୁ ଅଣାଯାଇଥିଲା।

ମଧ୍ୟପ୍ରଦେଶର ଉଜ୍ଜୟିନୀରୁ ଗୁରୁବାର ରାତି ୮ଟାରେ ବିକାଶଙ୍କୁ ଧରି ୩ଟି କାର୍ ବାହାରିଥିଲା। ସେଥି ମଧ୍ୟରୁ ଟାଟା ସଫାରିରେ ବିକାଶଙ୍କ ସହ କେତେଜଣ ପୋଲିସ କର୍ମଚାରୀ ବସିଥିଲେ, ଯାହାକି ଭୋର ୪ଟାରେ କାନ୍‌ପୁର ନିକଟସ୍ଥ ଏକ ଟୋଲ୍ ପ୍ଲାଜାରେ ଦେଖିବାକୁ ମିଳିଥିଲା। ଏନ୍‌କାଉଣ୍ଟରର କିଛି ସମୟ ପୂର୍ବରୁ ଅର୍ଥାତ୍ ୬ଟା ୩୦ରେ ଆଉ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଦେଖିବାକୁ ମିଳିଛି ଯେ, ସମ୍ପୂର୍ଣ୍ଣ ଟ୍ରାଫିକ୍‌କୁ ରୋକି ଦିଆଯାଇଥିଲା ଏବଂ ପଛରେ ଆସୁଥିବା ମିଡିଆ ଗାଡ଼ିଗୁଡ଼ିକୁ ମଧ୍ୟ ଆଗକୁ ବଢ଼ିବାକୁ ଦିଆଯାଇ ନ ଥିଲା। କିଛି ସମୟ ପରେ ଅନ୍ୟ ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ବିକାଶ ବସିଥିଲେ ବୋଲି ପୋଲିସ କହୁଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ବିକାଶଙ୍କୁ ଝାନ୍‌ସି ନିକଟରେ ଅନ୍ୟ ଗାଡ଼ିକୁ କାହିଁକି ସ୍ଥାନାନ୍ତର କରାଗଲା।

ସେହିପରି ପୋଲିସ ପ୍ରଥମେ କହିଥିଲା ଯେ, ବର୍ଷା ଯୋଗୁ ରାସ୍ତାରେ ପାଣି ଜମିଯାଇଥିବାରୁ କାର୍ ସ୍ଲିପ୍ ହୋଇ ଓଲଟିପଡ଼ିଲା। କିନ୍ତୁ ପରେ ୟୁପି ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ ବିବୃତି ଜାରି କରି କୁହାଯାଇଛି ଯେ, ☞ପୃଷ୍ଠା-୪




# ଜାରି ହେବନି ମେ' ମାସ ଶିଳ୍ପ ଉତ୍ପାଦନ ଡାଟା

**ନୂଆଦିଲ୍ଲୀ,୧୦।୭**

ମେ ମାସ ଲାଗି ଦେଶର ଶିଳ୍ପ ଉତ୍ପାଦନ ସଂକ୍ରାନ୍ତ ଡାଟା ସରକାର ଜାରି କରିବେ ନାହିଁ। ଶୁକ୍ରବାର ଏ ନେଇ ସରକାର ସ୍ପଷ୍ଟ କରିଛନ୍ତି। କରୋନା ବିରୋଧରେ ଲଢେଇ ଲାଗି ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦେଶରେ ଲକ୍‌ଡାଉନ କଟକଣା ଜାରି ହୋଇଛି। ଏହି ସମୟରେ ଠିକ୍ ଭାବେ ଡାଟା ସଂଗ୍ରହ ହୋଇ ନ ଥିବାରୁ ସରକାର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ତଥ୍ୟ ଜାରି କରିବେ ନାହିଁ। ମାର୍ଚ୍ଚ ପରଠାରୁ ଦେଶର ଅଧିକାଂଶ ବାଣିଜ୍ୟ ଠିକ୍ ଭାବେ ପରିଚାଳନା କରିବାକୁ ସକ୍ଷମ ହୋଇ ନାହାନ୍ତି ବୋଲି ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ମାସ ଲାଗି ମଧ୍ୟ ସରକାର ଏହି ଡାଟାକୁ ଜାରି କରି ନାହାନ୍ତି। ସେହିଭଳି ଏପ୍ରିଲ ଏବଂ ମେ ମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ଡାଟା ମଧ୍ୟ ଜାରି ହୋଇନାହିଁ। ରୟଟର୍ସ ଆକଳନ ମୁତାବକ ମେ ମାସରେ ଶିଳ୍ପ ଉତ୍ପାଦନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅପୂର୍ଣ୍ଣ ମେଡିକାଲ ଆୟୋଗ**

# ମାଓବାଦୀଙ୍କ କବଳରୁ ୫ ଜିଲା ମୁକ୍ତ

**ଭୁବନେଶ୍ୱର,୧୦।୭ (ବ୍ୟୁରୋ)**

- ଦୁଇବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପ ନ ଥିଲା
- ସାମାଜିକ ସ୍ରୋତରେ ସାମିଲ ହେବାକୁ ଡିଜିପିଙ୍କ ଆହ୍ୱାନ

ରାଜ୍ୟ ପୋଲିସର ସ୍ୱତନ୍ତ୍ର ରଣନୀତି ଓ ସାହସିକ ପଦକ୍ଷେପ ପାଇଁ ମାଓବାଦୀଙ୍କ ଦୁର୍ଗ ଏବେ ଭୁଶୁଡ଼ିବାରେ ଲାଗିଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ମଧ୍ୟ ସଂକୁଚିତ ହେବାରେ ଲାଗିଛି। ରାଜ୍ୟ ସରକାର ୫ ଜିଲାକୁ ମାଓବାଦୀମୁକ୍ତ ଭାବେ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ଦେବଗଡ଼ ଓ ନୟାଗଡ଼। ମାଓବାଦୀଙ୍କୁ ରାଜ୍ୟ ସରକାର ମୁଖ୍ୟସ୍ରୋତକୁ ଆଣିବା ସହ ଥଇଥାନ କରିବା, ☞ପୃଷ୍ଠା-୪






# ଡଙ୍କାରୀରେ ପୁଣି ପଥର ଖାଦାନ

**ଯାଜପୁର ଅଫିସ,୧୦।୭**

## ଅନିଶ୍ଚିତତାରେ ଚଣ୍ଡିଖୋଲ ତୈଳଭଣ୍ଡାର

- ବେଆଇନ ଭାବେ ଚାଲିଛି ୨୦ କ୍ରଶର
- ପଥର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ



ଦେଶର ୪ର୍ଥ ସର୍ବବୃହତ୍ 'ଚଣ୍ଡିଖୋଲ ତୈଳଭଣ୍ଡାର' ପ୍ରତିଷ୍ଠା କରିବାକୁ ୨୦୧୮ ଜୁନ୍ ୨୭ରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିସାରିଛି। ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ ପାଦଦେଶରେ ତାହାକୁ ପ୍ରତିଷ୍ଠା କରିବା ନିମନ୍ତେ ଜମି ଚିହ୍ନଟ ଚୂଡାନ୍ତ ହୋଇସାରିଛି। ଏଥିପାଇଁ ଏହାର ୧୦ କିମି ପରିଧି ମଧ୍ୟରେ ଚାଲିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କଳାପଥର ଖାଦାନ ବନ୍ଦ କରାଯାଇଥିଲା। କିନ୍ତୁ କ୍ୟାବିନେଟ ମଞ୍ଜୁରୀ ମିଳିବାର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିଲାନାହିଁ। ଏଭଳିସ୍ଥଳେ ଡଙ୍କାରୀରେ ପୁଣି ଆରମ୍ଭ ହୋଇଯାଇଛି ପଥର ଖାଦାନ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଏହାସହିତ ସେଠାରେ ୨୦ରୁ ଊର୍ଦ୍ଧ୍ୱ କ୍ରଶର ବେଆଇନ ଭାବେ ଚାଲିଥିବା ଦେଖାଯାଇଛି। ଏଥିରୁ ଚଣ୍ଡିଖୋଲ ତୈଳଭଣ୍ଡାର ପ୍ରତିଷ୍ଠା ନେଇ ଅନିଶ୍ଚିତତା ଦେଖାଦେଇଛି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ ପରେ ଓଡ଼ିଶାରେ ୩୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଡଙ୍କାରୀ ପାଦଦେଶରେ ୪ ମିଲିୟନ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଏହି ପେଟ୍ରୋଲିୟମ ରିଜର୍ଭ (ଚଣ୍ଡିଖୋଲ ତୈଳଭଣ୍ଡାର) ପ୍ରତିଷ୍ଠା ହେବ ବୋଲି ଜାଣି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପ୍ରାୟ ୫୦୦ ଲୋକ ନିଯୁକ୍ତି ସୁଯୋଗ ପାଇବା ସମ୍ଭାବନା ରହିଛି। ବହୁ ଲୋକ ପରୋକ୍ଷରେ ରୋଜଗାର ପାଇବେ। କିନ୍ତୁ ଦେଶ ସହ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ସ୍ୱାର୍ଥକୁ ଅଣଦେଖା କରି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ପଥରଖାଦାନ ଉପରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ୨୦୧୮ ମେ ମାସରେ ଏକ କେନ୍ଦ୍ରୀୟ ଦଳ ଡଙ୍କାରୀ ପରିଦର୍ଶନରେ ଆସିଥିଲେ। ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସମେତ ୪ଜଣ ଏହି ଦଳରେ ସାମିଲ ହୋଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବ ୨୦।୩।୨୦୧୮ରେ ଡଙ୍କାରୀ ପାହାଡରେ ଚାଲିଥିବା ☞ପୃଷ୍ଠା-୪

**୪ ମାଓବାଦୀ ନିହତ**

ବିହାରର ପଶ୍ଚିମ ଚମ୍ପାରନ୍ ଜିଲାରେ ସୁରକ୍ଷାକର୍ମୀମାନେ ଏନ୍‌କାଉଣ୍ଟର୍ କରି ୪ ମାଓବାଦୀଙ୍କୁ ଶୁକ୍ରବାର ହତ୍ୟା କରିଛନ୍ତି। ସେମାନଙ୍କଠାରୁ ଗୋଟିଏ ଏକେ ୫୬, ୩ ଏସ୍ଏଲ୍ଆର୍, ଗୋଟିଏ ଥ୍ରୀ ନଟ୍ ଥ୍ରୀ ରାଇଫଲ ସମେତ ବିପୁଳ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବାଲ୍ମୀକିନଗରର ଚରପାନିୟା ଅଞ୍ଚଳରେ ଏହି ଏନ୍‌କାଉଣ୍ଟର୍ କରାଯାଇଛି।

# ସରେଣ୍ଡରରୁ ଏନ୍‌କାଉଣ୍ଟର

**କାନପୁର/ନୂଆଦିଲ୍ଲୀ,୧୦।୭**


ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଗୁରୁବାର ଆତ୍ମସମର୍ପଣ ପରେ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ପୋଲିସ ଗିରଫ କରି ନେବା ବେଳର ଦୃଶ୍ୟ।


ବିକାଶଙ୍କ ମୃତଦେହକୁ ଶୁକ୍ରବାର ଲାଲା ଲଜପତ ରାୟ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଛି।

କାନପୁରବାଲା କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ କଳା ସାମ୍ରାଜ୍ୟର ପତନ ଘଟିଛି। ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଆତ୍ମସମର୍ପଣ କରିବାର ୨୪ ଘଣ୍ଟା ନ ପୂରୁଣୁ ପୋଲିସ ଏନ୍‌କାଉଣ୍ଟରରେ ବିକାଶଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଏନ୍‌କାଉଣ୍ଟରକୁ ନେଇ ଅନେକ ପ୍ରଶ୍ନ ଉଠିଛି। କାର୍ ଦୁର୍ଘଟଣା ପରେ ବିକାଶ ବନ୍ଧୁକ ଛଡ଼ାଇ ଗୁଳି କରିବା ସହ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଏନ୍‌କାଉଣ୍ଟର ହୋଇଥିବା ପୋଲିସ କହୁଛି। ହେଲେ ଆଉ କେତେକ ମହଲରେ ଏହାକୁ ଏକ ପ୍ରାୟୋଜିତ ହତ୍ୟା ବୋଲି ସମାଲୋଚନା କରାଯାଉଛି।

ପୋଲିସ କହିବାନୁସାରେ ଡିଏସ୍‌ପି ତେଜବାହାଦୁର ସିଂଙ୍କ ନେତୃତ୍ୱରେ ଉଜ୍ଜୟିନୀରୁ ଗୁରୁବାର ରାତିରେ ବିକାଶଙ୍କୁ ଧରି ଉତ୍ତରପ୍ରଦେଶ (ୟୁପି)ର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟ୍ରାନ୍‌ଜିଟ୍ ରିମାଣ୍ଡରେ କାନପୁରକୁ ଆଣୁଥିଲା। ବିକାଶ ବସିଥିବା ଏସ୍‌ୟୁଭି ଗାଡ଼ି କାନପୁରରୁ କିଛି ଦୂରରେ ଥିବା ସଚେଣ୍ଡି ଥାନା ଅନ୍ତର୍ଗତ କନ୍ହେୟା ଲାଲ ହସ୍ପିଟାଲ ନିକଟରେ ପହଞ୍ଚିଥିବାବେଳେ ବର୍ଷା ଯୋଗୁ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଏଥିରେ ୫ ପୋଲିସ କର୍ମୀ ଆହତ ହୋଇଛନ୍ତି। ସେମାନେ ହେଲେ ଇନ୍ସପେକ୍ଟର ରମାକାନ୍ତ ପଚୌରି, ସବ୍‌ଇନ୍ସପେକ୍ଟର ପଙ୍କଜ ସିଂ ଓ ଅନୁପ ସିଂ ଏବଂ କନଷ୍ଟେବଳ ସତ୍ୟବୀର ଓ ପ୍ରଦୀପ କୁମାର। ବିକାଶ ଏହି ଦୁର୍ଘଟଣାର ଫାଇଦା ଉଠାଇ ଜଣେ ଆହତ ପୋଲିସ କର୍ମଚାରୀଙ୍କ ବନ୍ଧୁକ ଛଡ଼ାଇନେଇଥିଲେ। ସେ ସେମାନଙ୍କ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିଲା। ବିକାଶଙ୍କ ଛାତିରେ ୩ ଓ ହାତରେ ଗୋଟିଏ ଗୁଳି ବାଜିବା ପରେ ସେ ଗୁରୁତର ହୋଇଥିଲେ। ତାଙ୍କୁ କାନପୁରସ୍ଥିତ ଲାଲା ଲଜପତ ରାୟ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠି ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବିକାଶଙ୍କ ଗୁଳିମାଡ଼ରେ ହେଡ୍ କନଷ୍ଟେବଳ ଶିବେନ୍ଦ ସିଂ ସାଗର ଓ କନ୍‌ଷ୍ଟେବଳ ବିମଳ ଯାଦବ ଆହତ ହୋଇଥିବା ପୋଲିସ କହିଛି।

ଇତିମଧ୍ୟରେ ବିକାଶଙ୍କ ସ୍ତ୍ରୀ ରିଚା ଦୁବେଙ୍କ ସମେତ ପୁଅ ଓ ଚାକରଙ୍କୁ ପୋଲିସ ଛାଡ଼ିଦେଇଛି। ଗୁରୁବାର ସେମାନଙ୍କୁ ଗିରଫ କରାଯାଇଥିବା କୁହାଯାଇଥିଲା।

୬୦ରୁ ଊର୍ଦ୍ଧ୍ୱ ମାମଲାର ଅଭିଯୁକ୍ତ ବିକାଶଙ୍କୁ କାନପୁର ପୋଲିସ ବକ୍‌ରୁ ଗ୍ରାମସ୍ଥିତ ତାଙ୍କ ଘରକୁ ଗତ ୩ ତାରିଖ ଭୋର ସମୟରେ ଧରିବାକୁ ଯାଇଥିଲା। ବିକାଶ ଆଗୁଆ ସୂଚନା ପାଇ ରାସ୍ତାରେ ଜେସିବି ମେଶିନ ରଖି ସେମାନଙ୍କ ପଥ ଅବରୋଧ କରିଥିଲେ। ପୋଲିସ କର୍ମଚାରୀମାନେ ଆଗକୁ ବଢ଼ି ନ ପାରିବାକୁ ବିକାଶ ଓ ତାଙ୍କ ସହଯୋଗୀମାନେ ଛାତ ଉପରୁ ଆଖିବୁଜା ଗୁଳି ବର୍ଷା ଓ ଟେକାମାଡ଼ କରିଥିଲେ। ଏହି ଅତର୍କିତ ଆକ୍ରମଣରେ ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ସମେତ ୮ ପୋଲିସ କର୍ମଚାରୀ ପ୍ରାଣ ହରାଇଥିଲେ। ଏହା ପରେ ବିକାଶଙ୍କୁ ଧରିବା ପାଇଁ ୨୫ଟି ଟିମ୍ ଗଠନ କରାଯାଇଥିଲା। ଗୁରୁବାର ସକାଳ ୮ଟାରେ ବିକାଶ ଉଜ୍ଜୟିନୀସ୍ଥିତ ମହାକାଳ ମନ୍ଦିରରେ ପୋଲିସକୁ ଧରାଦେଇଥିଲେ।

## ଗ୍ୟାଙ୍ଗଷ୍ଟରଙ୍କ ଉତ୍‌ଥାନ ପତନ


ବିକାଶ ଦୁବେ

ଏନ୍‌କାଉଣ୍ଟରରେ ନିହତ ହୋଇଥିବା ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ଅପରାଧ ସାମ୍ରାଜ୍ୟ ଚଳାଇବା ସହ ରିଅଲ ଇଷ୍ଟେଟ ବ୍ୟବସାୟରେ ଜଡ଼ିତ ଥିଲେ। ସେ ଏକଦା ଜିଲାସ୍ତରୀୟ ନିର୍ବାଚନ ଜିତିଥିଲେ। ବହୁ ରାଜନେତାଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା।

ଗତ ୩ ତାରିଖରେ ଦୁବେ ଓ ତାଙ୍କ ସହଯୋଗୀମାନେ ପୋଲିସ ଟିମ୍ ଉପରେ ଅଚାନକ ଆକ୍ରମଣ କରି ଜଣେ ଡିଏସ୍‌ପିଙ୍କ ସମେତ ୮ ଜଣଙ୍କୁ ହତ୍ୟା କରିବା ପରେ ଖବରକାଗଜ ଶିରୋନାମା ମଣ୍ଡନ କରିଥିଲେ। ରାଜ୍ୟର ଜଣେ ମନ୍ତ୍ରୀଙ୍କ ପାଖରେ ଦୁବେ ବସିଥିବାର ପୁରୁଣା ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହି ମନ୍ତ୍ରୀ ଜଣକ ପରେ ଭାଜପାରେ ଯୋଗଦେଇଥିଲେ। ତେଣୁ ଗ୍ୟାଙ୍ଗଷ୍ଟରଙ୍କ ପଛରେ ରାଜନୈତିକ ପୃଷ୍ଠପୋଷକ ଥିବା କୁହାଯାଉଛି।

ସେହିପରି ଅନ୍ୟ ଏକ ଫଟୋରେ ସେ ଜିଲା ପଞ୍ଚାୟତ ନିର୍ବାଚନରେ ସ୍ତ୍ରୀ ରିଚା ଦୁବେଙ୍କ ପାଇଁ ଭୋଟ ଦେବାକୁ ଯାଉଥିବା ଦେଖାଯାଇଛି। ଏହି ନିର୍ବାଚନରେ ରିଚା ବିଜୟୀ ହୋଇଥିଲେ। ଉକ୍ତ ପୋଷ୍ଟରରେ ରିଚାଙ୍କ ସହ ଦୁଇଜଣ ନେତା ରହିଛନ୍ତି, ଯେଉଁମାନେ ଏବେ ବିରୋଧୀ ଦଳରେ ଅଛନ୍ତି। ସେମାନେ ରିଚାଙ୍କ ସମର୍ଥକ ଥିଲେ ବୋଲି ସ୍ପଷ୍ଟ ହେଉଛି। ୨୦୦୦ରେ ଜିଲା ପଞ୍ଚାୟତ ନିର୍ବାଚନ ଦୁବେ ଶିବରାଜପୁର ଆସନରୁ ବିଜୟୀ ହୋଇଥିଲେ। ସେତେବେଳେ ସେ ଏକ ହତ୍ୟା ମାମଲାରେ ଜେଲ୍‌ରେ ଥାଇ ନିର୍ବାଚନ ଲଢ଼ିଥିଲେ। ବିକାଶଙ୍କ ମା’ ସରଳା ଦେବୀ କହିଥିଲେ, ପୁଅ ଏବେ ଭାଜପାରେ ନୁହେଁ, ସମାଜବାଦୀ ପାର୍ଟି (ଏସ୍‌ପି)ରେ ଅଛି। ଅନ୍ୟପକ୍ଷରେ ଦଳ ମୁଖପାତ୍ର ଏହାକୁ ଖଣ୍ଡନ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି କହିଥିଲେ।

ଏକ ହତ୍ୟା ଉଦ୍ୟମ ମାମଲାରେ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିବା ଲାଗି ପୋଲିସ ଟିମ୍ ତାଙ୍କ ବିକ୍ରୁ ଗ୍ରାମକୁ ଗତ ଶୁକ୍ରବାର ଭୋର ସମୟରେ ଯାଇଥିବାବେଳେ ତାଙ୍କ ଲୋକମାନେ ପୋଲିସ ଉପରେ ଅତର୍କିତ ଆକ୍ରମଣ କରି ୮ ଜଣଙ୍କୁ ହତ୍ୟା କରିଥିଲେ। ଏହା ପରେ ପୋଲିସ ଏନ୍‌କାଉଣ୍ଟରରେ ଦୁବେଙ୍କର ୫ ଘନିଷ୍ଠ ସହଯୋଗୀ ନିହତ ହୋଇଥିଲେ। ଦୁବେଙ୍କ ନାମରେ ୬୦ଟି ମାମଲା ରହିଥିବାବେଳେ ସେ ଏପର୍ଯ୍ୟନ୍ତ ହତ୍ୟା ଭଳି କୌଣସି ମାମଲାରେ ଦୋଷୀସାବ୍ୟସ୍ତ ହୋଇନାହାନ୍ତି। ୨୦୦୧ରେ ଶିବଲି ଥାନା ଭିତରେ ଭାଜପା ନେତା ସନ୍ତୋଷ ଶୁକ୍ଳା ହତ୍ୟା ଘଟଣାରେ ଦୁବେ ମୁଖ୍ୟ ଅଭିଯୁକ୍ତ ଥିଲେ। ଜଣେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ଭାଜପା ନେତାଙ୍କୁ ହତ୍ୟା କରାଯିବା ସତ୍ତ୍ୱେ କେହି ଜଣେ ହେଲେ ପୋଲିସ ଅଧିକାରୀ ଦୁବେଙ୍କ ବିରୋଧରେ ବୟାନ ଦେଇ ନ ଥିଲେ। ଫଳରେ ତଥ୍ୟ ପ୍ରମାଣ ଅଭାବରୁ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଜେଲ୍‌ରେ ଥାଇ ଦୁବେ ହତ୍ୟା ସମେତ ବିଭିନ୍ନ ଅପରାଧର ଯୋଜନା ପ୍ରସ୍ତୁତ କରିବା ସହ କାର୍ଯ୍ୟକାରୀ କରାଉଥିଲେ। ପୋଲିସ ମହଲରେ ତାଙ୍କର କିଭଳି ପ୍ରଭାବ ଥିଲା ତାହା ଚୌବେପୁର ଥାନାର କର୍ମଚାରୀଙ୍କ କାର୍ଯ୍ୟରୁ ସ୍ପଷ୍ଟ ହୋଇଛି। ଚଢ଼ାଉ ପୂର୍ବରୁ ଦୁବେଙ୍କୁ ଉକ୍ତ ଥାନାର କେତେଜଣ କର୍ମଚାରୀ ଜଣାଇଦେଇଥିଲେ। ଡିଆଇଜି ଅନନ୍ତ ଦେଓ ଯିଏକି ନିକଟରେ କାନପୁରର ବରିଷ୍ଠ ଏସ୍‌ପି ଥିଲେ, ତାଙ୍କୁ ଏସ୍‌ଟିଏଫରୁ ମୋରାଦାବାଦର ପ୍ରୋଭିନ୍ସିଆଲ ଆର୍ମଡ ପୋଲିସ (ପିଏସି)କୁ ବଦଳି କରାଯାଇଥିଲା। ୨୦୦୦ରେ କାନପୁରର ତାରାଚାନ୍ଦ ଇଣ୍ଟର କଲେଜର ପରିଚାଳକ ସିଦ୍ଧେଶ୍ୱର ପାଣ୍ଡେ ହତ୍ୟା ମାମଲାରେ ଦୁବେ ଅଭିଯୁକ୍ତ ଥିଲେ। ସେହିବର୍ଷ ଜେଲ୍‌ରେ ଥାଇ ରାମବାବୁ ଯାଦବଙ୍କ ହତ୍ୟା ଯୋଜନା କାର୍ଯ୍ୟକାରୀ କରାଇଥିଲେ ଦୁବେ। ସେହିପରି ୨୦୦୪ରେ ବ୍ୟବସାୟୀ ଦିନେଶ ଦୁବେ ହତ୍ୟାକାଣ୍ଡ ସହ ସେ ସମ୍ପୃକ୍ତ ଥିଲେ। ୨୦୧୮ରେ ଜେଲ୍‌ରେ ଥାଇ ଗ୍ୟାଙ୍ଗଷ୍ଟର ତାଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

## ‘ସୁପ୍ରିମକୋର୍ଟ ବିଚାରପତିଙ୍କୁ ଦିଆଯାଉ ତଦନ୍ତ ଦାୟିତ୍ୱ’


ରଣଦୀପ ସୁର୍ଜେୱାଲା

ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ଅତି ନାଟକୀୟ ଭାବେ ପୋଲିସ ଏନ୍‌କାଉଣ୍ଟରରେ ନିହତ ହେବା ପରେ କଂଗ୍ରେସ ଏହାର ନ୍ୟାୟିକ ତଦନ୍ତ ଦାବି କରିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏକ ପ୍ରେସ୍ କନଫରେନ୍ସରେ କହିଛନ୍ତି, ବିକାଶଙ୍କୁ କେଉଁମାନେ ସୁରକ୍ଷା ଦେଉଥିଲେ ସେନେଇ ସତ ବାହାରକୁ ଆସିବା ଜରୁରୀ। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରକରଣର ବିଚାର ବିଭାଗୀୟ ତଦନ୍ତ କରାଯାଉ। ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଉ।

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହାର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ଅପରାଧୀଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଯେଉଁମାନେ ତାଙ୍କୁ ସୁରକ୍ଷା ଦେଉଥିଲେ ସେମାନଙ୍କର କ’ଣ ହେବ ବୋଲି ପ୍ରିୟଙ୍କା ଟୁଇଟରରେ ପ୍ରଶ୍ନ କରିଛନ୍ତି।

## ପ୍ରମାଣ ନଷ୍ଟ ପାଇଁ ଷଡ଼ଯନ୍ତ୍ର...



“ବିକାଶଙ୍କୁ ହତ୍ୟା କରାଯିବ ବୋଲି ପୂର୍ବରୁ ଅନେକ ଲୋକ ଭବିଷ୍ୟବାଣୀ କରିଥିଲେ। ବିକାଶ ଧରାପଡ଼ିଲେ କେତେଜଣ ନେତାଙ୍କ ନାମ ସାମ୍ନାକୁ ଆସିବ ବୋଲି କୁହାଯାଉଥିବାରୁ ଏପରି କରାଯାଇ ଥାଇପାରେ। କେତେକ ନିର୍ଦ୍ଦିଷ୍ଟ ଦଳ ଓ ବ୍ୟକ୍ତିବିଶେଷଙ୍କ ସମ୍ପର୍କିତ ପ୍ରମାଣକୁ ନଷ୍ଟ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

**–କପିଳ ସିବଲ, ବରିଷ୍ଠ କଂଗ୍ରେସ ନେତା**



“ବିକାଶ ଦୁବେଙ୍କୁ ନେଇ ଯାଉଥିବା କାର୍ ଓଲଟିଯାଇ ନ ଥିଲା। ସତ ପଦାକୁ ଆସିଲେ ସରକାର ଭାଙ୍ଗିଯିବ ବୋଲି ଆଶଙ୍କା କରାଯାଉଥିବାରୁ ଜାଣିଶୁଣି ଏପରି କରାଯାଇଛି।

**–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



“ପୋଲିସ ଗାଡ଼ି କିପରି ଦୁର୍ଘଟଣାଗ୍ରସ୍ତ ହେଲା ଓ ଗ୍ୟାଙ୍ଗଷ୍ଟର ବିକାଶ କିଭଳି ଭାବେ ସେଠାରୁ ବାହାରି ଫେରାର ହେବାକୁ ଉଦ୍ୟମ କଲେ, ଯାହାଫଳରେ ଏନ୍‌କାଉଣ୍ଟରରେ ତାଙ୍କୁ ମାରି ଦିଆଗଲା ସେସବୁର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯାଉ।

**–ମାୟାବତୀ, ବହୁଜନ ସମାଜ ପାର୍ଟି ସୁପ୍ରିମୋ**



“ବିକାଶ ଦୁବେ କିପରି ଉଜ୍ଜୟିନୀରେ ପହଞ୍ଚିଥିଲେ ଓ ମହାକାଳ ମନ୍ଦିରରେ କେତେ ସମୟ ରହିଥିଲେ? ବିକାଶ ଜଣେ ରାକ୍ଷସ। ଭଗବାନ ଶିବ ତାଙ୍କ ଜୀବନ ନେଲେ।

**–ଉମା ଭାରତୀ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ଭୂସ୍ଖଳନରେ ୧୨ ମୃତ

କାଠମାଣ୍ଡୁ,୧୦।୭(ପି.ଟି.):ନେପାଳରେ ପ୍ରବଳ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୧୨ ଜଣଙ୍କ ମୃତ୍ୟୁ ହେବା ସହ ୧୯ ନିଖୋଜ ଅଛନ୍ତି। ଶୁକ୍ରବାର ଭୋର ସମୟରେ ଭୂସ୍ଖଳନ ଯୋଗୁ କାସ୍କି ଜିଲା ପୋଖରା ସହରର ସାରଙ୍ଗକୋଟ ଓ ହେମଜାନ ଅଞ୍ଚଳରେ ୩ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଲାମଜଙ୍ଗ ଜିଲାର ବେସିଶହର ଅଞ୍ଚଳରେ ଭୂସ୍ଖଳନ ଯୋଗୁ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ରୁକୁମ୍ ଜିଲାର ଆଠବିସ୍କୋଟ ଅଞ୍ଚଳରେ ୨ ଜଣଙ୍କ ଜୀବନ ଯାଇଛି। ଜାଜୋରକୋଟ ଜିଲାରେ ଦୁଇଟି ଘର ଭାସିଯାଇଥିବାବେଳେ ୧୨ ଜଣ ନିଖୋଜ ହୋଇଛନ୍ତି। ମ୍ୟାଗ୍‌ଡି ଜିଲାରେ ଭୂସ୍ଖଳନ ପରେ ୭ ଜଣଙ୍କ ପତ୍ତା ମିଳୁନାହିଁ।

## ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ

ନୂଆଦିଲ୍ଲୀ,୧୦।୭: ଆସନ୍ତା ଅଗଷ୍ଟ ମାସ ଦ୍ୱିତୀୟ ସପ୍ତାହରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ପ୍ରଥମ ସମ୍ପ୍ରସାରଣ କରାଯିବ। ୨୦୧୯ ମେ ୩୦ରେ ଦ୍ୱିତୀୟ ଥର ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ପଦଭାର ଗ୍ରହଣ କରିବା ସମୟରେ ୫୭ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଥିଲେ। ଆଇନ ମୁତାବକ ସର୍ବାଧିକ ୮୧ ମନ୍ତ୍ରୀଙ୍କୁ ନିଯୁକ୍ତି ମିଳିପାରିବ। ପୂର୍ବ ସରକାରରେ ମୋଦି ୭୦ ମନ୍ତ୍ରୀଙ୍କୁ ସାମିଲ କରିଥିଲେ। ଏଥର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଅଧିକ ୧୩ ନୂଆ ମନ୍ତ୍ରୀଙ୍କୁ ସ୍ଥାନ ଦିଆଯିବ ବୋଲି କୁହାଯାଉଛି। ଦଳୀୟ ସୂତ୍ରରୁ ମିଳିଥିବା ରିପୋର୍ଟ ମୁତାବକ ଆର୍‌ଏସ୍‌ଏସ୍ ନେତା କ୍ରିଷ୍ଣାଗୋପାଲ, ଭାଜପା ଜାତୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଭାଜପା ସାଙ୍ଗଠନିକ ମହାସଚିବ ବି.ଏଲ୍. ସନ୍ତୋଷ ଏନେଇ ମୋଦିଙ୍କ ସହ ଆଲୋଚନା କରିଛନ୍ତି। ତେବେ କାହାକୁ ମନ୍ତ୍ରୀପଦ ମିଳିବ ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ସଙ୍ଗଠନରୁ ଭୂପେନ୍ଦ୍ର ଯାଦବ, ଅନିଲ ଜୈନ୍, ଅନିଲ ବାଲୁନିଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି। ରାଜ୍ୟ ସଭା ସଦସ୍ୟ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ହେବା ସମ୍ଭାବନା ରହିଛି।

## ନେପାଳରେ ଭାରତୀୟ ନ୍ୟୁଜ୍ ଚ୍ୟାନେଲ ମନା

**କେବଳ ଦୂରଦର୍ଶନକୁ ଅନୁମତି**

**ନୂଆଦିଲ୍ଲୀ,୧୦।୭**

କେବଳ ଡିଡିନ୍ୟୁଜ୍‌କୁ ଛାଡ଼ି ଭାରତର ବାକି ସବୁ ନ୍ୟୁଜ୍ ଚ୍ୟାନେଲକୁ ପଡ଼ୋଶୀ ନେପାଳ ନିଷେଧ କରିଛି। ଦେଶ ବିରୋଧରେ ଅପପ୍ରଚାର କରାଯିବା କାରଣରୁ ଏଭଳି ପଦକ୍ଷେପ ନେପାଳ ନେଇଥିବା ଜଣାପଡ଼ିଛି। ନେପାଳ କେବୁଲ ଅପରେଟର୍ସ ଭାରତୀୟ ନ୍ୟୁଜ୍ ସିଗ୍‌ନାଲ ବନ୍ଦ କରିଦେଇଛନ୍ତି। ଏନେଇ ନେପାଳ ସରକାରଙ୍କ ମୁଖପାତ୍ର ଯୁବରାଜ ଖାତିୱାଡା କହିଛନ୍ତି, ନେପାଳର ସମ୍ମାନ ଓ ସାର୍ବଭୌମତ୍ୱ ପ୍ରତି କୌଣସି ନ୍ୟୁଜ୍ ଚ୍ୟାନେଲ ଅପପ୍ରଚାର କରିବା ଅନୁଚିତ। ପଡ଼ୋଶୀ ଦେଶର ମିଡିଆ ଆମ ବିରୋଧରେ ଅପପ୍ରଚାର ଚଳାଇଛି। ପ୍ରକାଶଥାଉ କି, ନେପାଳ ଏହାର ମାନଚିତ୍ରରେ ସଂଶୋଧନ କରିବା ସହ କେତେକ ଭାରତୀୟ ଅଞ୍ଚଳକୁ ଏଥିରେ ସ୍ଥାନ ଦେଇଛି। ଜୁନ୍ ୧୩ରେ ନେପାଳ ପାର୍ଲାମେଣ୍ଟ ଏହି ବିଲ୍‌କୁ ସର୍ବସମ୍ମତିକ୍ରମେ ଗ୍ରହଣ କରିଛି। ଏଥିରେ ଭାରତୀୟ ଅଞ୍ଚଳ କାଲାପାଣି, ଲିପୁଲେଖ ଓ ଲିମ୍ପିୟାଧୁରାକୁ ସ୍ଥାନିତ କରାଯାଇଛି।

## ଦକ୍ଷିଣ କୋରିଆ ସହ ପ୍ରତିରକ୍ଷା ସହଯୋଗ ବଢ଼ିବ

**ନୂଆଦିଲ୍ଲୀ,୧୦।୭**

ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରାଯିବ। ପ୍ରତିରକ୍ଷା ସରଞ୍ଜାମ ସହଯୋଗ ଓ ଔଦ୍ୟୋଗିକ କାର୍ଯ୍ୟ ବୃଦ୍ଧି କରାଯିବ। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଦକ୍ଷିଣ କୋରିଆ ପ୍ରତିପକ୍ଷ ଜିଓଙ୍ଗ କେଓଙ୍ଗଙ୍କ ମଧ୍ୟରେ ଶୁକ୍ରବାର ଟେଲିଫୋନ ଯୋଗେ ବାର୍ତ୍ତାଳାପ ହୋଇଛି। ପ୍ରତିରକ୍ଷା ଶିଳ୍ପ, ପ୍ରତିରକ୍ଷା କାରିଗରି ସହଯୋଗ ଲାଗି ଉଭୟ ରାଜି ହୋଇଥିବା ରାଜନାଥ ପ୍ରକାଶ କରିଛନ୍ତି।

## ସ୍କୁଲ ଫି ଛାଡ଼ ଆବେଦନ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୭(ପି.ଟି.)**



କରୋନା ଜନିତ ଲକ୍‌ଡାଉନ ସମୟର ସ୍କୁଲ୍ ଫି ଆଦାୟ ବନ୍ଦ ରଖିବା ପାଇଁ ବିଭିନ୍ନ ରାଜ୍ୟର ଅଭିଭାବକମାନେ କରିଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ସହାୟତା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ବିଭିନ୍ନ ରାଜ୍ୟର ସମସ୍ୟା ଭିନ୍ନ ଭିନ୍ନ। ଆବେଦନକାରୀ ଯଦି ପ୍ରତ୍ୟେକଙ୍କର ସମସ୍ୟାର ସମାଧାନ କରିପାରନ୍ତି ତେବେ ତାହା ବହୁତ ଉନ୍ନତ ବିଚାର ହେବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଦେୟ ବୃଦ୍ଧି ମାମଲା ରାଜ୍ୟ ହାଇକୋର୍ଟରେ ଉଠାଯିବା ଆବଶ୍ୟକ ବୋଲି ଅଦାଲତ କହିଥିଲେ। ବର୍ଦ୍ଧିତ ଫି ଆଦାୟ ପାଇଁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସ୍କୁଲଗୁଡ଼ିକୁ ଅନୁମତି ଦେଇଥିବା ଆଇନଜୀବୀ ବାଲାଜୀ ଶ୍ରୀନିବାସନ ଏବଂ ମୟଙ୍କ କ୍ଷୀରସାଗର କହିବା ପରେ ଉକ୍ତ ରାୟ ବିରୋଧରେ ଅପିଲ୍ କରାଯାଇପାରିବ ବୋଲି ଖଣ୍ଡପୀଠ କହିଥିଲେ।

## ସବୁ ମାମଲାକୁ ପ୍ରାଥମିକତା ଦେଇ ହେବନାହିଁ

**ପ୍ରବାସୀ ଶ୍ରମିକଙ୍କ ମାମଲା ଶୀଘ୍ର ଗ୍ରହଣ କରା ନ ଯିବାର କାରଣ କହିଲେ ସିଜେଆଇ**

**ନୂଆଦିଲ୍ଲୀ,୧୦।୭**


ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

ପ୍ରତ୍ୟେକ ମାମଲାକୁ ପ୍ରାଥମିକତା ଦେଇ ସର୍ବୋଚ୍ଚ ଅଦାଲତ ଗ୍ରହଣ କରିପାରିବ ନାହିଁ। ବିଶେଷକରି ଗୋଟିଏ ରାଜ୍ୟ ସହ ଅନ୍ୟ ରାଜ୍ୟର ଘଟଣାରେ ଭିନ୍ନତା ପରିଲକ୍ଷିତ ହେଉଥିବା ମାମଲାକୁ ଶୀଘ୍ର ଗ୍ରହଣ କରାଯାଇ ନ ପାରେ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଶୁକ୍ରବାର ପ୍ରକାଶ କରିଛନ୍ତି। ମହାମାରୀ କରୋନାର ପ୍ରକୋପ ବଢ଼ିବା ସହ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବଢ଼ିବାରେ ଲାଗିଥିଲା। ସେମାନେ ଘରମୁହାଁ ହେବା ସ୍ୱାଭାବିକ। ହେଲେ ପ୍ରବାସୀ ଶ୍ରମିକ ସମସ୍ୟା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପରିସ୍ଥିତି ସୃଷ୍ଟି କରିଥିଲା। ଏହି ମାମଲାକୁ ସର୍ବୋଚ୍ଚ ଅଦାଲତ କାହିଁକି ଶୀଘ୍ର ଗ୍ରହଣ କରି ବିଚାର କରୁନାହାନ୍ତି ବୋଲି ଆଇନଜୀବୀ ଓ ସାଧାରଣ ଜନତା ପ୍ରଶ୍ନ କରିଥିଲେ। ଏହା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ବିଚାର ବିଭାଗୀୟ ଅଦାଲତ ତଥ୍ୟକୁ ଆଧାର କରି ପ୍ରବାସୀ ଶ୍ରମିକ ମାମଲାର ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ପ୍ରକାଶ କରିଛନ୍ତି।

## ହ୍ୱାଟ୍ସଆପ୍, ଇମେଲ୍, ଫାକ୍ସରେ ଜାରି ହେବ ସମନ

**ନୂଆଦିଲ୍ଲୀ,୧୦।୭(ଆଇଏଏନ୍ଏସ୍)**

ସମସ୍ତ ଆଇନଗତ ମାମଲାର ସମନ ଓ ନୋଟିସ ହ୍ୱାଟ୍ସଆପ୍, ଇମେଲ୍ ଏବଂ ଫାକ୍ସ ମାଧ୍ୟମରେ ପଠାଯାଇପାରିବ। ପ୍ରଥମ ଥର ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ନୋଟିସ୍, ସମନ ଆଦି ପଠାଇବା ପାଇଁ ପୋଷ୍ଟ ଅଫିସ୍ ଦୌଡ଼ିବା ସମ୍ଭବ ନୁହେଁ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅନୁଭବ କରିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଆର୍. ସୁଭାଷ ରେଡ୍ଡୀ ରହିଥିଲେ। ଇ-ମେଲ୍‌ରେ କିମ୍ବା ଦ୍ରୁତ୍ ମେସେଜ ଆପ୍ଲିକେଶନ୍ ହ୍ୱାଟ୍ସଆପ୍ ଓ ଅନ୍ୟାନ୍ୟ ଫୋନ୍ ମେସେଞ୍ଜର ସେବା ଜରିଆରେ ନୋଟିସ ଇସ୍ୟୁ ହେବା ଦିନ ପକ୍ଷଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ପକ୍ଷଙ୍କୁ ବୈଧ ସେବା ଯୋଗାଇଦେବାରେ ସବୁ ପଦ୍ଧତିକୁ ଆପଣାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଦୁଇଟି ସବୁଜ ରଙ୍ଗର ଟିକ୍ ଚିହ୍ନରୁ ନୋଟିସ ପାଇବାକୁ ଥିବା ବ୍ୟକ୍ତି ଏହାକୁ ଦେଖିଥିବା ଜଣାପଡିଯିବ।

ପ୍ରଭାବୀ ସେବା ମାଧ୍ୟମ ରୂପେ ନିର୍ଦ୍ଦିଷ୍ଟ ଭାବେ ହ୍ୱାଟ୍ସଆପ୍ ନାଁ ଉଲ୍ଲେଖ କରିବା ପାଇଁ ଆର୍ଟର୍ନି ଜେନେରାଲ ଅନୁରୋଧ କରିଥିଲେ ହେଁ ଖଣ୍ଡପୀଠ ମନା କରିଦେଇଥିଲେ। କୌଣସି ନିର୍ଦ୍ଦିଷ୍ଟ ଆପ୍ ନାଁ ଉଲ୍ଲେଖ କରିବା ଠିକ୍ ନୁହେଁ ବୋଲି ଅଦାଲତ କହିଥିଲେ। ସେହିପରି କରୋନା ମହାମାରୀ ଜନିତ ଲକ୍‌ଡାଉନ ପାଇଁ ଚେକ୍‌ର ବୈଧତା ସମୟ ବଢ଼ାଇବାକୁ ସୁପ୍ରିମକୋର୍ଟ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଅନୁମତି ପ୍ରଦାନ କରିଛନ୍ତି।

## ସ୍ୱପ୍ନାଙ୍କ ଜାମିନକୁ କେନ୍ଦ୍ରର ବିରୋଧ

**କେରଳ ସୁନା ଚାଲାଣ ମାମଲା: ଶୁଣାଣି ୧୪କୁ ଘୁଞ୍ଚିଲା**

**ଚେନ୍ନାଇ,୧୦।୭**

କେରଳ ସୁନା ଚାଲାଣ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶଙ୍କ ଜାମିନ ଆବେଦନକୁ ଶୁକ୍ରବାର କେନ୍ଦ୍ର ସରକାର ବିରୋଧ କରିଛନ୍ତି। ତାଙ୍କୁ ଜାମିନ ଦିଆଗଲେ ଏନ୍ଆଇଏର ତଦନ୍ତରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଥିବା କେରଳ ହାଇକୋର୍ଟରେ କେନ୍ଦ୍ର ଦର୍ଶାଇଛି। ଏଥିରେ ଖଣ୍ଡପୀଠ ସମ୍ମତି ପ୍ରକାଶ କରିବା ସହ ଶୁଣାଣିକୁ ଜୁଲାଇ ୧୪ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଏଥିସହ ସ୍ୱପ୍ନାଙ୍କ ଓକିଲଙ୍କୁ ଏନ୍ଆଇଏ ଦ୍ୱାରା ଆଗତ ଏଫ୍ଆଇଆର୍ କପି ଦେବାକୁ କୋର୍ଟ ରାଜି ହୋଇଛନ୍ତି। ସ୍ୱପ୍ନା ଆଗୁଆ ଜାମିନ ଲାଗି ଗୁରୁବାର ହାଇକୋର୍ଟରେ ଆବେଦନ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇନଜୀବୀ ରବି ପ୍ରକାଶ ଏହାକୁ ବିରୋଧ କରି ମାମଲାର ତଦନ୍ତ ଚାଲିଛି ଓ ସ୍ୱପ୍ନାଙ୍କୁ ଜେରା କରାଯିବା ବାକି ଅଛି ବୋଲି ଯୁକ୍ତି ବାଢ଼ିଥିଲେ। ପ୍ରକାଶଥାଉ କି, ଏହି ମାମଲାରେ ଶୁକ୍ରବାର ଏନ୍ଆଇଏ ପକ୍ଷରୁ ୪ ଜଣଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରାଯାଇଛି। ସେମାନେ ହେଲେ ସରିଥ କୁମାର, ସ୍ୱପ୍ନା ସୁରେଶ, ୟୁଏଇର କୁଖ୍ୟାତ ଚୋରା ବ୍ୟବସାୟୀ ତଥା କିଙ୍ଗପିନ୍ ଫାଜିଲ ପରିଦ ଓ ସ୍ୱପ୍ନାଙ୍କ ବନ୍ଧୁ ସନ୍ଦୀପ ନାୟର। ରବିବାର ୟୁଏଇରୁ ଥିରୁଭାନନ୍ତପୁରମ୍‌କୁ ୩୦ କେଜି ସୁନା ଚାଲାଣ ହେବା ବେଳେ ଜବତ ହୋଇଥିଲା।

# ୮ ଲକ୍ଷ ଟପିଲା ସଂକ୍ରମଣ

**ନୂଆଦିଲ୍ଲୀ,୧୦।୭**



- ୩ ଦିନରେ ଲକ୍ଷେ ଆକ୍ରାନ୍ତ
- ୨୧,୭୨୪ ଜୀବନ ନେଲାଣି କରୋନା
- ମୃତ୍ୟୁହାର ୨.୭୨%କୁ ହ୍ରାସ

ଭାରତରେ କରୋନା ସଂକ୍ରମଣ ଶୁକ୍ରବାର ୮ ଲକ୍ଷ ଟପିଥିବାବେଳେ ମୃତ୍ୟୁସଂଖ୍ୟା ୨୧,୭୨୪ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ ୨୬,୫୦୬ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ୪୭୫ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୦୧,୨୮୬ରେ ପହଞ୍ଚିଛି। ଗତ ୩ ଦିନରେ ପାଖାପାଖି ଲକ୍ଷେ ସଂକ୍ରମିତ ହୋଇଛନ୍ତି। ସକ୍ରିୟ ମାମଲା ୨,୭୬,୬୮୫ ରହିଥିବାବେଳେ ୪,୯୫,୫୧୨ ଜଣ ସୁସ୍ଥ ହେଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆରୋଗ୍ୟ ହାର ୬୨.୪୨ ପ୍ରତିଶତ ରହିଛି। ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରୋଗ୍ୟ ହାର ଜାତୀୟ ହାର ଠାରୁ କମ୍ ରହିଛି। ବର୍ତ୍ତମାନ ସୁଦ୍ଧା ୧.୧ କୋଟି ଲୋକଙ୍କର କୋଭିଡ୍ ପରୀକ୍ଷା କରାଗଲାଣି।

ମହାରାଷ୍ଟ୍ରରେ ସର୍ବାଧିକ ୨,୩୦,୫୯୯ ସଂକ୍ରମିତ ହୋଇଥିବା ବେଳେ ତାମିଲନାଡୁରେ ୧,୨୬,୫୮୧, ଦିଲ୍ଲୀରେ ୧,୦୭,୦୫୧ ଆକ୍ରାନ୍ତ ହୋଇଛନ୍ତି।

ମାସେ ପୂର୍ବରୁ ଦେଶରେ କରୋନା ଜନିତ ମୃତ୍ୟୁହାର ୨.୮୨ ପ୍ରତିଶତ ଥିବାବେଳେ ଏବେ ତାହା ୨.୭୨ ପ୍ରତିଶତକୁ ହ୍ରାସ ପାଇଛି। ଏହା ଅନ୍ୟ ଦେଶଗୁଡ଼ିକ ତୁଳନାରେ ଯଥେଷ୍ଟ କମ୍ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। କରୋନା ରୋଗୀଙ୍କ ଚିକିତ୍ସାରେ ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯାଉଛି। ସଂକ୍ରମିତଙ୍କୁ ଚିହ୍ନଟ କରିବାରେ ଆଶା, ଏଏନ୍ଏମ୍‌ମାନଙ୍କୁ ନିୟୋଜିତ କରାଯିବା ସହ ଆୟୁଷ୍ମାନ ଭାରତ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ସେଣ୍ଟରଗୁଡ଼ିକ ମଧ୍ୟ ଯାଞ୍ଚ କାର୍ଯ୍ୟରେ ସହାୟତା କରୁଛନ୍ତି। କେରଳରେ କରୋନା ଜନିତ ମୃତ୍ୟୁହାର ସର୍ବନିମ୍ନ ୦.୪୧ ପ୍ରତିଶତ ଥିବାବେଳେ ଝାଡ଼ଖଣ୍ଡରେ ୦.୭୧, ବିହାରରେ ୦.୮୨% ରହିଛି।

## ଏସ୍‌ସିବି ଆଇସୋଲେଶନ୍ ୱାର୍ଡରୁ ୧୩ ପଜିଟିଭ

**କଟକ ଅଫିସ,୧୦।୭:** ହସ୍ପିଟାଲରେ ଦୈନିକ ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଗୋଟିଏ ଦିନରେ ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୧୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ସେବିକା। ୨ଜଣ ଏସ୍‌ସିବି ଆଇସୋଲେଶନ ୱାର୍ଡରେ କାମ କରୁଥିଲେ ଓ ଅନ୍ୟଜଣେ ପଲମୋନାରୀ ମେଡିସିନ ବିଭାଗର ବୋଲି ଜଣାପଡ଼ିଛି। ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ ରେକର୍ଡ ଛୁଇଁଛି। ଏଠାରେ ଗୋଟିଏ ଦିନରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛନ୍ତି।

# ଦିନକରେ ୭୫୫ ଆକ୍ରାନ୍ତ, ଆଉ ୪ ମୃତ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

**ରେକର୍ଡ ଭାଙ୍ଗିଲା ପଜିଟିଭ୍ ସଂଖ୍ୟା**

- କ୍ୱାରାଣ୍ଟାଇନ୍‌ରୁ ୫୦୮, ସ୍ଥାନୀୟ ଆକ୍ରାନ୍ତ ୨୪୭
- ରାଜ୍ୟରେ ଆକ୍ରାନ୍ତ ହେଲେଣି ୧୧,୯୫୬ ଓ ମଲେଣି ୫୬
- କେବଳ ଗଞ୍ଜାମରେ ଗଲାଣି ୩୪ ଜୀବନ

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଛି। ପୂର୍ବରୁ ପ୍ରତିଦିନ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଶେଷ ୨୪ ଘଣ୍ଟାରେ ୨୩ ଜିଲାରୁ ୭୫୫ଜଣଙ୍କ ନମୁନା ପଜିଟିଭ୍ ଆସିଛି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୫୦୮ଜଣଙ୍କୁ ଠାବ କରାଯାଇଥିବାବେଳେ ୨୪୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଦିନକରେ ପ୍ରଥମଥର ଏତେ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ରେକର୍ଡ ଭାଙ୍ଗିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୯୫୬କୁ ବୃଦ୍ଧି ପାଇଛି। କରୋନାର ଏଭଳି ଲମ୍ଫଡିଆଁ ଓ ଅଧିକରୁ ଅଧିକ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହେବା ରାଜ୍ୟରେ କୋକୁଆ ଭୟ ସୃଷ୍ଟି କରିଛି।

ତେବେ ଗଞ୍ଜାମର ସ୍ଥିତି ସବୁଠୁ ଉଦ୍‌ବେଗଜନକ ରହିଛି। ଏଠାରେ କରୋନା ଉଗ୍ର ହେବାରେ ଲାଗିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଗଞ୍ଜାମରୁ ୩୨୦ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୩,୪୧୬କୁ ବୃଦ୍ଧି ପାଇଛି। ସେହିପରି ଯାଜପୁରରୁ ୮୬, ସୁନ୍ଦରଗଡ଼ରୁ ୬୨, ଖୋର୍ଦ୍ଧାରୁ ୫୯, କଟକରୁ ୫୫, କେନ୍ଦୁଝରରୁ ୩୨, ଗଜପତିରୁ ୩୦, ମାଲକାନଗିରିରୁ ୧୮, ନୟାଗଡ଼ରୁ ୧୬, ମୟୂରଭଞ୍ଜ ଓ ବଲାଙ୍ଗୀରରୁ ୧୨ଜଣ ଲେଖାଏ, ପୁରୀରୁ ୧୧, ବାଲେଶ୍ୱରରୁ ୯, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟରୁ ୫ଜଣ ଲେଖାଏ, ଦେବଗଡ଼ ଓ ଢେଙ୍କାନାଳରୁ ୪ଜଣ ଲେଖାଏ, ଅନୁଗୋଳ ୩, ଭଦ୍ରକ, ସମ୍ବଲପୁର ଓ କନ୍ଧମାଳରୁ ୨ଜଣ ଲେଖାଏ, ବରଗଡ଼ରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଆଉ ୪ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା। ସମସ୍ତ ମୃତକ ପୁରୁଷ ହୋଇଥିବାବେଳେ ଘର ଗଞ୍ଜାମ ଜିଲାରେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ସେମାନଙ୍କ ବୟସ ଯଥାକ୍ରମେ ୩୨, ୪୧, ୪୮ ଓ ୫୮। ମୃତ ୪୧ ବର୍ଷୀୟ ଆକ୍ରାନ୍ତ ଜଣକ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିବାବେଳେ ୪୮ ବର୍ଷୀୟ ଓ ୩୨ ବର୍ଷୀୟ ମୃତକମାନେ ମଧୁମେହରେ ଆକ୍ରାନ୍ତ ଥିଲେ। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫୬ରେ ପହଞ୍ଚିଥିବାବେଳେ କେବଳ ଗଞ୍ଜାମ ଜିଲାରୁ ୩୪ଜଣଙ୍କ ମୁଣ୍ଡ ନେଇଛି କରୋନା।

ଅନ୍ୟପକ୍ଷରେ ସୁନ୍ଦରଗଡ଼ ଓ ଭଦ୍ରକରୁ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ମୃତ୍ୟୁର କାରଣ କ୍ୟାନସର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଏବେସୁଦ୍ଧା ୧୭ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ସର୍ବାଧିକ ୫୬୫ ସୁସ୍ଥ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ):** କରୋନାକୁ ନେଇ ଚିନ୍ତା ବଢ଼ିଥିବାବେଳେ ରାଜ୍ୟବାସୀଙ୍କ ପାଇଁ ଆସିଛି ଖୁସି ଖବର। ଦିନକରେ ରେକର୍ଡ ସଂଖ୍ୟକ ୫୬୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ୧୮୫ଜଣ ସୁସ୍ଥ ହୋଇଥିବାବେଳେ ରାୟଗଡ଼ାରୁ ୮୫, ବଲାଙ୍ଗୀରରୁ ୪୫, କଟକରୁ ୩୨, ମାଲାକନଗିରିରୁ ୩୦, ବରଗଡ଼ ଓ ସୁନ୍ଦରଗଡ଼ରୁ ୨୪ଜଣ ଲେଖାଏ, ଅନୁଗୋଳରୁ ୨୩, ବାଲେଶ୍ୱର ଓ ଜଗତ୍‌ସିଂହପୁରରୁ ୧୭ଜଣ ଲେଖାଏ, ଖୋର୍ଦ୍ଧାରୁ ୧୫, ଯାଜପୁରରୁ ୧୩, କେନ୍ଦ୍ରାପଡ଼ାରୁ ୧୦, ଗଜପତି, ଝାରସୁଗୁଡ଼ା ଓ ନବରଙ୍ଗପୁରରୁ ୮ଜଣ ଲେଖାଏ, ମୟୂରଭଞ୍ଜରୁ ୭, ଭଦ୍ରକରୁ ୪, ପୁରୀରୁ ୩, ଢେଙ୍କାନାଳ ଓ କେନ୍ଦୁଝରରୁ ୨ଜଣ ଲେଖାଏ, ବୌଦ୍ଧ, କନ୍ଧମାଳ ଓ ସମ୍ବଲପୁରରୁ ଜଣେ ଲେଖାଏ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୭,୯୭୨କୁ ବୃଦ୍ଧି ପାଇଛି। ୩,୯୧୧ଜଣ ସକ୍ରିୟ ଆକ୍ରାନ୍ତ ଥିବାବେଳେ ୫୬ଜଣଙ୍କ କରୋନାଜନିତ ମୃତ୍ୟୁ ଓ ୧୭ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟରେ କରୋନା ସଂକ୍ରମଣ ହାର ବୃଦ୍ଧି

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

- ଜାତୀୟ ହାର ୨.୮୫%, ଓଡ଼ିଶାରେ ୫.୪୩%
- ଟିପିଆର୍‌ରେ ଦ୍ରୁତ ବୃଦ୍ଧି, ୨୭ ନମୁନାରୁ ଜଣେ ପଜିଟିଭ୍



ରାଜ୍ୟରେ କରୋନା ସଂକ୍ରମଣ ହାରରେ ହଠାତ୍ ବୃଦ୍ଧି ଘଟିଛି। ଜୁନ୍ ମାସ ପର୍ଯ୍ୟନ୍ତ ଓଡ଼ିଶାରେ ଏହି ସଂକ୍ରମଣ ହାର ବେଶ୍ ସନ୍ତୋଷଜନକ ଥିବାବେଳେ ଜୁଲାଇ ଆରମ୍ଭରୁ ସ୍ଥିତି ଅଧିକ ବିପଜ୍ଜନକ ହେବାରେ ଲାଗିଛି। ଏବେ ଦୈନିକ ସଂକ୍ରମଣ ବୃଦ୍ଧି ହାର ଜାତୀୟ ହାରଠାରୁ ଢେର୍ ଉପରକୁ ଚାଲିଗଲାଣି। ଜାତୀୟସ୍ତରରେ ଦୈନିକ ସଂକ୍ରମଣ ବୃଦ୍ଧି ହାର ୨.୮୫% ଥିବାବେଳେ ଓଡ଼ିଶାରେ ଏହା ୫.୪୩% ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଟେଷ୍ଟ ପଜିଟିଭ୍ ରେଟ୍ (ଟିପିଆର୍)ରେ ମଧ୍ୟ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ଏପ୍ରିଲ ଶେଷ ଆଡ଼କୁ ୨୦୦ରୁ ଅଧିକ ନମୁନାରୁ ଜଣେ ପଜିଟିଭ୍ ଚିହ୍ନଟ ହେଉଥିଲେ। କିନ୍ତୁ ଏବେ ୨୭ଟି ନମୁନାରୁ ଜଣେ ପଜିଟିଭ୍ ଚିହ୍ନଟ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ଅଧିକ ଟେଷ୍ଟ ହେଉଥିବାରୁ ଅଧିକ ପଜିଟିଭ୍ ଚିହ୍ନଟ ହେଉଥିବା କୁହାଯାଉଛି। କିନ୍ତୁ ଆସାମ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟର ବହୁ ସଂଖ୍ୟାରେ କୋଭିଡ୍ ପରୀକ୍ଷା କରାଯାଉଥିବାରୁ ସେସବୁ ରାଜ୍ୟରେ ୩୬ ଓ ୪୮ଟି ନମୁନାରୁ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ତେଣୁ ଓଡ଼ିଶା ହଟ୍‌ସ୍ପଟ ରାଜ୍ୟ ଆଡ଼କୁ ମୁହାଁଇଥିବା ଆଶଙ୍କା କରାଯାଉଛି।

ସେପଟେ ରାଜ୍ୟରେ ଯଦି ଅଧିକ ସଂଖ୍ୟାରେ ନମୁନା ପରୀକ୍ଷଣ ହେବ, ପଜିଟିଭ୍ ସଂଖ୍ୟା ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ରାଣ୍ଡମ୍ ବଦଳରେ କେବଳ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କର ହିଁ ନମୁନା ପରୀକ୍ଷା ହେଉଛି। ଗତ ଜୁନ୍ ଶେଷ ସୁଦ୍ଧା ଯଥେଷ୍ଟ କମ୍ ସଂଖ୍ୟକ ପରୀକ୍ଷା କରାଯାଉଥିଲା। ତେବେ ଜୁଲାଇ ଆରମ୍ଭରୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଓ ଆଇସିଏମ୍‌ଆର ପକ୍ଷରୁ ରାଜ୍ୟଗୁଡ଼ିକୁ ଦୈନିକ ନମୁନା ପରୀକ୍ଷା ବଢ଼ାଇବା ଲାଗି କୁହାଯାଇଥିଲା। ତେଣୁ ରାଜ୍ୟ ସରକାର ଏବେ କୋଭିଡ ନମୁନା ପରୀକ୍ଷା ସଂଖ୍ୟାରେ ବୃଦ୍ଧି କରିଛନ୍ତି। ଦୈନିକ ସାଢ଼େ ୬ ହଜାର ପରୀକ୍ଷା କରିବା ପାଇଁ ସରକାର ଏକପ୍ରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଅପରପକ୍ଷରେ ରାଜ୍ୟରେ ଏବେ ୨୯ଟି କୋଭିଡ ପରୀକ୍ଷାଗାରକୁ ଆଇସିଏମ୍‌ଆର ପକ୍ଷରୁ ଅନୁମତି ଦିଆଯାଇଛି। ଏଥିରେ ୨୨ଟି ସରକାରୀ ପରୀକ୍ଷାଗାର ଥିବାବେଳେ ୭ଟି ଘରୋଇ ପରୀକ୍ଷାଗାର ରହିଛି। ଏହାସହ ଘରୋଇ ପରୀକ୍ଷାଗାରରେ ନିଜର କୋଭିଡ ପରୀକ୍ଷା କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ରାଜ୍ୟ ସରକାର ୨୨ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି।

# ମୁକେଶ ଜୈନ ଗିରଫ

ବାଲେଶ୍ୱର ଅଫିସ,୧୦।୭

**ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ**



ଅଭିଯୁକ୍ତ ମୁକେଶ ଜୈନ

ପୁରୀ ରଥଯାତ୍ରା ପ୍ରସଙ୍ଗରେ ରାୟ ଦେଇଥିବା ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏସ୍.ଏ. ବୋବଡେଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଦାରାସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁକେଶ ଜୈନଙ୍କୁ ଗିରଫ କରାଯାଇଛି। କଟକ କ୍ରାଇମବ୍ରାଞ୍ଚ ମୁକେଶଙ୍କୁ ଦିଲ୍ଲୀରୁ ଗିରଫ କରି ଶୁକ୍ରବାର ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନାରେ ହାଜର କରାଇଥିଲା। ସେଠାରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଇ ଅପରାହ୍ନ ଗୋଟାଏ ବେଳେ ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ମୁକେଶଙ୍କୁ ବାଲେଶ୍ୱର ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏହି ପ୍ରସଙ୍ଗ ନେଇ ବାଲେଶ୍ୱରର ଜଣେ ବରିଷ୍ଠ ଆଇନ୍‌ଜୀବୀ ସହଦେବଖୁଣ୍ଟା ମଡ଼େଲ ଥାନା ଓ ଭଦ୍ରକ ଥାନାରେ ଥିବା ସାଇବର ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ଦିନକ ପାଇଁ ବିଧାନସଭା ଶଟ୍‌ଡାଉନ

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ବିଧାନସଭାକୁ ଶୁକ୍ରବାର ଦିନକ ପାଇଁ ଶଟ୍‌ଡାଉନ କରିଦିଆଯାଇଛି। ଦୁଇଜଣ ବିଧାୟକଙ୍କ କରୋନା ପଜିଟିଭ ବାହାରିବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ନିଷ୍ପତ୍ତି ନେଇଛନ୍ତି। ଆଗକୁ ଶନିବାର ଏବଂ ରବିବାର ସରକାର ଶଟ୍‌ଡାଉନ ଘୋଷଣା କରିଥିବା ବେଳେ ଅଧିକ ଗୋଟିଏ ଦିନ ଅର୍ଥାତ୍ ଶୁକ୍ରବାର ବାଚସ୍ପତି ବିଧାନସଭା ବନ୍ଦ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ ଦିନ ମଧ୍ୟରେ ବିଧାନସଭା ଅଧିକାରୀମାନେ ଘରେ ରହିବେ ଏବଂ ନିଜର ଟେଷ୍ଟିଂ କରାଇ ସୋମବାରଠାରୁ ଆସିବେ। ଟେଷ୍ଟିଂ କରିବା ଲାଗି ବାଚସ୍ପତି ହସ୍ପିଟାଲକୁ ଲେଖି ପଠାଇଥିବା ବେଳେ ସୋମବାର କ'ଣ ନିଷ୍ପତ୍ତି ହେବ ସେତେବେଳେ ଜଣାପଡିବ ବୋଲି ବାଚସ୍ପତି କହିଛନ୍ତି।

ସେ ଆହୁରି କହିଛନ୍ତି, ୪ଦିନ ତଳେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଥିଲା। ଏହାପରେ ସେହି କମିଟିର ଜଣେ ସଦସ୍ୟଙ୍କ କରୋନା ପଜିଟିଭ ବାହାରିଲା। ଅନ୍ୟ ସଦସ୍ୟମାନଙ୍କ ସହିତ ବିଧାନସଭା ଅଧିକାରୀମାନେ ମଧ୍ୟ ରହିଥିଲେ। ତେଣୁ ବିଧାନସଭା ଅଧିକାରୀଙ୍କ ଟେଷ୍ଟିଂ ନିତାନ୍ତ ଆବଶ୍ୟକ। ଆଗକୁ ଷ୍ଟାଣ୍ଡିଂ କମିଟି ବୈଠକ ବନ୍ଦ କରାଯାଇଥିବା ବେଳେ ଯେଉଁ ବିଧାୟକମାନଙ୍କ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିବ ସେମାନେ ମେସେଜ୍ କିମ୍ବା ଟେଲିଫୋନ କରି ସମସ୍ୟା ସମ୍ପର୍କରେ ଜଣାଇପାରିବେ। ଅନ୍ୟପଟେ ପଜିଟିଭ ଚିହ୍ନଟ ହୋଇଥିବା ବିଧାୟକ ଜଣଙ୍କ ବିଧାନସଭା ସଚିବଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ଆଉ ଜଣେ ଅଧିକାରୀଙ୍କ ମା'ଙ୍କ କରୋନା ପଜିଟିଭ ବାହାରିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ଦିନକ ଲାଗି ଶଟ୍‌ଡାଉନ କରାଯାଇଛି। ଅନ୍ୟପଟେ ବିଧାନସଭାକୁ ବିଭିନ୍ନ କାର୍ଯ୍ୟ କରିବାକୁ ଆସୁଥିବା ଲୋକେ ମଧ୍ୟ ଭିତରକୁ ବାଚସ୍ପତିଙ୍କ ବିନା ଅନୁମତିରେ ପଶିପାରିବେ ନାହିଁ। ଯେଉଁମାନେ କାମ କରିବାକୁ ଆସିବେ ସେମାନେ ନିଜର ଟେଷ୍ଟିଂ କରି ନେଗେଟିଭ ରିପୋର୍ଟ ମିଳିବା ପରେ ଆସିପାରିବେ ବୋଲି ପାତ୍ର କହିଛନ୍ତି।

# ମାନବ ଅଧିକାର କମିଶନଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

**ମେଡିକାଲରେ ଦମ୍ପତିଙ୍କ ଜୀବନ ଯିବା ଘଟଣା**

ଜଗତସିଂହପୁର ମୁଖ୍ୟ ହସ୍ପିଟାଲରେ ଏକ ଅମାନବୀୟ ଘଟଣା ଘଟିଛି। ଡାକ୍ତରଙ୍କ ଅବହେଳା ଯୋଗୁ ଜଗତସିଂହପୁର ଜିଲା ଏରସମା ବ୍ଲକ କଟିଜଙ୍ଗୀ ଗାଁର ଏକ ଦମ୍ପତିଙ୍କ ଜୀବନ ଚାଲିଯାଇଛି। ଗତ ଜୁନ୍ ୩୦ରୁ ନିର୍ଲିପ୍ତ ଭୋଳ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା ସ୍ୱାଇଁ ତେଲେଙ୍ଗାନାରୁ ଫେରି କ୍ୱାରେଣ୍ଟାଇନ ସେଣ୍ଟରରେ ଥିଲେ। ଗତ ୧ରେ ହଠାତ୍ ନିଲିପ୍ତ ଭୋଳଙ୍କ ଦେହ ଖରାପ ହେବା ଯୋଗୁ ସୁଭଦ୍ରା ତାଙ୍କୁ ଜଗତସିଂହପୁର ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କୁ ଆଇସୋଲେଶନ ୱାର୍ଡରେ ରଖାଯାଇଥିଲା। ପରଦିନ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସମୟରେ ସୁଭଦ୍ରା ମେଡିକାଲ ଡ୍ୟୁଟିରେ ଥିବା ସିଡିଏମଓ ବିଜୟ ପଣ୍ଡା ଏବଂ ଡା. ଅଜୟ ସ୍ୱାଇଁଙ୍କୁ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ ଗୁରୁତର ହୋଇଥିବା ନିର୍ଲିପ୍ତଙ୍କୁ ଚିକିତ୍ସା କରି ନ ଥିଲେ। ଚିକିତ୍ସା ଅଭାବରୁ ଦୀର୍ଘ ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମ୍ରିୟମାଣ ହୋଇ ସୁଭଦ୍ରା ମେଡିକାଲରେ ନିଜ ହାତକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ମେଡିକାଲର ଷ୍ଟାଫ ଏହି ଘଟଣା ଦେଖିବା ପରେ ମଧ୍ୟ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ପରେ ସେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଭାଜପାର ଏସସି ମୋର୍ଚ୍ଚା ସଭାପତି ବିଭୁ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

# ୩ ଅଧିକାରୀଙ୍କୁ କୋଭିଡ୍ ଦାୟିତ୍ୱ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

ରାଜ୍ୟ ସରକାର ଶୁକ୍ରବାର ୩ଜଣ ବରିଷ୍ଠ ଅଧିକାରୀଙ୍କୁ ନୂଆ କୋଭିଡ ଦାୟିତ୍ୱ ପ୍ରଦାନ କରିଛନ୍ତି। ସାମାଜିକ ମଙ୍ଗଳ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶ ଲିଙ୍ଗରାଜ ପଣ୍ଡା ସ୍ୱାସ୍ଥ୍ୟ ବିଭାଗରେ କୋଭିଡ-୧୯ ପରିଚାଳନା ଦାୟିତ୍ୱ ତୁଲାଇବାରେ ସହଯୋଗ କରିବେ। ଏହି ଦୁଇଜଣଙ୍କ ସମେତ ଓପେପା ନିର୍ଦ୍ଦେଶକ ଏବଂ ସିଏଚଏସଇ ଅଧ୍ୟକ୍ଷ ଭୁପିନ୍ଦର ସିଂ ପୁନିଆଙ୍କୁ କୋଭିଡ ପରିଚାଳନା ପାଇଁ ହେଉଥିବା ସ୍ୱାସ୍ଥ୍ୟ କର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଦାରଖ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।



**ଆଜିର ମନ୍ତବ୍ୟ**

ବିକାଶ ଦୁବେ ହତ୍ୟା ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯାଉ।
**–ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଘୁ ଖଣିଜରୁ ବାର୍ଷିକ ହଜାରେ କୋଟି ରାଜସ୍ୱ ଲକ୍ଷ୍ୟ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିଯୁକ୍ତି ଭିତ୍ତିକ ପ୍ରକଳ୍ପଗୁଡ଼ିକୁ ତ୍ୱରାନିତ କରିବା ଦିଗରେ ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ରାଜ୍ୟରେ ସମସ୍ତ ଲଘୁ ଖଣିଜ କାର୍ଯ୍ୟକୁ ସରଳ କରିବା ଆରମ୍ଭ କରିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ 'ଚାହିଦା ଏବଂ ଯୋଗାଣ' ମଧ୍ୟରେ ଥିବା ଦୂରତାକୁ ପୂରଣ ପାଇଁ ନୂତନ ସଇରାତ୍ ଉତ୍ସଗୁଡ଼ିକୁ ଚିହ୍ନଟ ଏବଂ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲଘୁ ଖଣିଜରୁ ବାର୍ଷିକ ହଜାରେ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଆଇନ୍ ଅନୁଯାୟୀ ଚାଲିଥିବା ଉତ୍ସଗୁଡ଼ିକ ସକ୍ରିୟଭାବେ କାର୍ଯ୍ୟକ୍ଷମ ହେବା ଦ୍ୱାରା ନିର୍ମାଣ କ୍ଷେତ୍ର ପାଇଁ ସାମଗ୍ରୀ ଯୋଗାଣରେ ତିନିଗୁଣା ବୃଦ୍ଧି ଘଟିବ। ଅଧିକ ସଂଖ୍ୟକ ନିଯୁକ୍ତି ସୃଷ୍ଟି ସହ ଖଣିଜ ଚୋରିକୁ କମାଇବ ଏବଂ ରାଜସ୍ୱ ସଂଗ୍ରହ ବଢ଼ାଇବାରେ ଏହା ସହାୟକ ହେବ ବୋଲି ତ୍ରିପାଠୀ କହିଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଖୁବ୍ କମ୍ ସମୟରେ ଲଘୁ ଖଣିଜ ନିର୍ଦ୍ଦେଶାଳୟକୁ କାର୍ଯ୍ୟକ୍ଷମ କରାଯାଇ ପାରିଛି। ଗତ ଦୁଇମାସ ମଧ୍ୟରେ ବିଭିନ୍ନ ଜିଲାରେ ୧୧୨୯ ନୂତନ ସଇରାତ୍ ଉତ୍ସ ଚିହ୍ନଟ କରାଯାଇଛି । ଏହା ସହିତ ମୋଟ କ୍ଷୁଦ୍ର ଖଣିଜ ସଇରାତ୍ ସଂଖ୍ୟା ୪୯୬୫କୁ ବୃଦ୍ଧି ପାଇଛି । ମହାନଦୀ, ଋଷିକୁଲ୍ୟା, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଭଳି ପ୍ରମୁଖ ନଦୀ କୂଳ ଅଞ୍ଚଳ, ଯେଉଁଠି ବାଲିର ପରିମାଣ ଅଧିକ ଥିବ, ସେଭଳି ଜାଗା ଚିହ୍ନଟ କରିବାକୁ ସେଠୀ ଜଳ ସମ୍ପଦ ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବାଲି ଖନନ ପାଇଁ ବୈଜ୍ଞାନିକ ଉପାୟରେ ଯୋଜନା ପ୍ରସ୍ତୁତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟେଣ୍ଡର୍ ମାଧ୍ୟମରେ ଅନ୍ତଃରାଜ୍ୟ ବାଲି ଚାଲାଣ ପାଇଁ ଅନୁମତି ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖଣିଜ ଚୋରି ରୋକିବା ପାଇଁ କଡ଼ାକଡ଼ି ଯାଞ୍ଚ ଉପରେ ମଧ୍ୟ ସେଠୀ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ(ଓଆଇଏସ୍ଏଫ୍)କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ୍ ଖଣିଜ ଚାଲାଣ ଦିଗରେ କଠୋର ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଲଘୁ ଖଣିଜ ନିର୍ଦ୍ଦେଶକ ବିଭୂତି ଭୂଷଣ ଦାସ କହିଛନ୍ତି ଯେ, ଏପ୍ରିଲ ଏବଂ ମେ'ରେ ମୋଟ ୩୭.୧୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି । ୧୪୬୯ଟି ସଇରାତକୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ ଏବଂ ଯୋଜନା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖଣିଜ ଚୋରି ରୋକିବା ପାଇଁ ୮ଟି ଗୁରୁତ୍ୱପୂର୍ଣ୍ଣ ଜିଲାର ବିଭିନ୍ନ ସ୍ଥାନ ଯଥା କଟକ ସଦର, ବାରଙ୍ଗ, ଜଳେଶ୍ୱର, ଆନନ୍ଦପୁର, ଛତ୍ରପୁର, ଭଞ୍ଜନଗର, ଧର୍ମଶାଳା, ଟାଙ୍ଗୀ ଏବଂ ରଣପୁରରେ ଓଆଇଏସ୍ଏଫ୍ ଫୋର୍ସକୁ ମୁତୟନ ପାଇଁ ଅନୁମତି ଦିଆଯାଇଛି। ଗୋଟିଏ ସେକ୍ସନ ଫୋର୍ସ ଝାରସୁଗୁଡ଼ା, ଲକ୍ଷ୍ମଣପୁର ଏବଂ ବ୍ରଜରାଜନଗରରେ ରୋଟେସନ୍‌ରେ ନିୟୋଜିତ କରାଯିବ। ଏତଦ୍‌ବ୍ୟତୀତ ସ୍ଥାନୀୟ ପୋଲିସର ମଧ୍ୟ ସହାୟତା ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଗଜପତିବାସୀଙ୍କୁ ଗଞ୍ଜାମ, ଶ୍ରୀକାକୁଲମ ମନା

**ପାରଳାଖେମୁଣ୍ଡି, ୧୦।୭ (ସ୍ୱ.ପ୍ର.)**

ଗଜପତି ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଅନୁପମ ସାହା ଆନ୍ଧ୍ରର ଶ୍ରୀକାକୁଲମ ଓ ପଡୋଶୀ ଗଞ୍ଜାମ ଜିଲାକୁ ଯାତାୟାତ ଉପରେ ରୋକ ଲଗାଇଛନ୍ତି। ଗଞ୍ଜାମ ଓ ଶ୍ରୀକାକୁଲମରୁ ଗଜପତି ଜିଲାକୁ ଆସିବା ଉପରେ ମଧ୍ୟ ରୋକ ଲଗାଯାଇଛି। ଗଞ୍ଜାମ ଓ ଶ୍ରୀକାକୁଲମରେ ଚାକିରି କରିଥିବା ଗଜପତିବାସୀଙ୍କୁ ମଧ୍ୟ ସେଠାକୁ ଯିବାକୁ ମନା କରାଯାଇଛି। ଦୈନିକ ଗଞ୍ଜାମ ଯାଇ ଫେରୁଥିବା ଲୋକଙ୍କୁ ବାରଣ କରାଯାଇଛି। ସେସବୁ ସ୍ଥାନରୁ ବିବାହ ଓ ଅନ୍ୟ ଉତ୍ସବ ପାଇଁ ଲୋକେ ଗଜପତି ଆସୁଥିବା ନଜର ରହିଛି। ଏଥିରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ କହିଛନ୍ତି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଓ ଆମ୍ବୁଲାନ୍ସ ସେବାକୁ ଏଥିରୁ ବାଦ୍ ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିନି ମୂଷଳ,**
**ନାହିଁ କୁଶଳ ।**

ତିନିସଂଖ୍ୟା ଅମଙ୍ଗଳ। ସ୍ଥାନ କାଳ ପାତ୍ର ଅନୁସାରେ ତିନି ସଂଖ୍ୟା ଅଶୁଭ ମନେକରାଯାଉଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ତୁ ମତେ କଲୁ ସର୍ପେ ଜାତ**
**ସ୍ୱଭାବ ଛାଡ଼ିବି କେମନ୍ତ ?**

ସର୍ପର ସ୍ୱଭାବ ଦଂଶନ କରିବା। ନିଜ ଉପରେ କୌଣସି ବିପଦର ଆଶଙ୍କା ଥିଲେ ସାପ ନିଜକୁ ସୁରକ୍ଷା ଦେବା ପାଇଁ ଫଣା ଟେକିଥାଏ, ଆବଶ୍ୟକ ପଡ଼ିଲେ ଦଂଶନ କରିବାକୁ ପଛାଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାହା ସେ ସହଜରେ ଛାଡ଼ିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଆତ୍ମହତ୍ୟା ଉଦ୍ୟମ: ପ୍ରେମିକ ମୃତ, ପ୍ରେମିକା ଗୁରୁତର

**ଚଣ୍ଡିଖୋଲ, ୧୦।୭ (ଡି.ଏନ୍.ଏ.)**

ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ପ୍ରେମୀ ଯୁଗଳ। ଏଥିରେ ପ୍ରେମିକଙ୍କର ମୃତ୍ୟୁ ଘଟିଥିବା ବେଳେ ନାବାଳିକା ପ୍ରେମିକାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ। ବଡଚଣା ଥାନା ମହାଖଳା ଗ୍ରାମର ଉମେଶ ରାଉଳ(୨୨) ଓ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ପରସ୍ପରକୁ ଭଲ ପାଉଥିଲେ। ବିବାହ ପାଇଁ ପରିବାର ଲୋକେ ସ୍ୱୀକୃତି ଦେବେ ନାହିଁ ବୋଲି ଭାବି ଉଭୟେ ଗତ ୮ ତାରିଖରେ ଘର ଲୁଚି ପଳାଇଥିଲେ। ଓଳାଶୁଣୀ ପାହାଡ଼ଠାରେ ପହଞ୍ଚିବା ପରେ ଉଭୟେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ବଡଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉମେଶଙ୍କର ମୃତ୍ୟୁ ଘଟିଥିବା ବେଳେ ସମ୍ପୃକ୍ତ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତୀ ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସମ୍ପୃକ୍ତା ନାବାଳିକାଙ୍କ ବାପା ଉମେଶ ଓ ତାଙ୍କ ପରିବାର ବିରୋଧରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ମାମଲା (ନଂ.୧୬୯/୨୦) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।


# classifieds

**Everyday**
**0674-2580101, 2549302**



**SALE**

Private bounded plot 11100sqft. Keshura Bank Colony, Bhubaneswar. 8249310165. D-69423

**Urgent sale 13000 sqft commercial plot near main road near Jagannath Medical College close to Toshali Sands Hotel, Puri. 8260673884 Call 8260657123.** D-17722

ପୁରୀ ବାଟମଙ୍ଗଳା ମନ୍ଦିରଠାରୁ ଅଠରନଳା ମଝିରେ ମେନ୍‌ରୋଡ୍‌ରୁ **200** ମିଟର ଦୂରରେ **2** ମହଲା ଘର ବିକ୍ରୟ ହେବା ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। **9438109040, 8144658008.** D-17723

**Commercial SC plot 8700sqft. Hanspal, General plot 6500sqft and 2500sqft. adjacent to Puri Canal- 9040059669** D-68699

SC house 23,00,000/- finishing Hanspal, Gharabari plot- Atala, Bhingarpur- 8093465134, 9668194157 D-68700

**Bhubaneswar- Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

**1 Acre commercial land main road side suitable for Hotel/ Hospital/Petroleum adjacent to blacktop defence road, Puri. Call immediately. 8260673884 8260657123.** D-17720

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

**Earthquake proof 2BHK flat in Apartment Avantika near Gokul Kunj Apartment on Rasulgarh GGP Pandra road for immediate sale. Contact: 9938095118, 8763935874 during Office hour.** D-68095

**3BHK Botique Villa immediate sale infront of Aditya Hyundai, Tamando. Finance from all leading Banks. Call. 8260657123 8260673884.** D-17721



Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ଶ୍ରୀ ଅବକାଶ ପାତ୍ର, ଫରେଷ୍ଟଗାର୍ଡ, ରାଜନଗର ବନଖଣ୍ଡ, ଜଣାଉଅଛି କି ତା।୩୦।୦୬।୨୦୨୦ରିଖରେ ରାଜନଗର ବ୍ଲକର ଜରିମୂଳ-ରାଜନଗର ରାସ୍ତାରେ ଯିବାବେଳେ ମୋର FIR ବହି ନଂ. ୮୩୨ (କ୍ର. ନଂ. ୦୧୧୭୪୦୧ରୁ ୦୧୧୭୪୦୬ ବ୍ୟବହୃତ ଓ କ୍ର.ନଂ.୦୧୧୭୪୦୭ରୁ ୦୧୧୭୪୫୦ ଅବ୍ୟବହୃତ) ଓ ଅନ୍ୟାନ୍ୟ ସରକାରୀ କାଗଜପତ୍ର ଥିବା ଏୟାରବ୍ୟାଗ୍‌ଟି ଖସିପଡ଼ିଛି। କୌଣସି ବ୍ୟକ୍ତି ପାଇଥିଲେ ଥାନା କିମ୍ବା ମୋ. ନଂ.- ୯୪୩୮୫୯୦୮୧୫ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୭୭୧୯

I Sanjukta Mohanty would like to inform the general public that I have misplaced my original prior deed of Nagendra Nath Biswal doc. bearing No- 2104 registered at (SRO) Kendrapara. If any one finds it, kindly contact me at 6370870762 within 15days from the date of issue of this ad. D-17726

**ଜନ୍ମଦିନ ଶୁଭେଚ୍ଛା**




Sneha Panda (Micky)
ବାଇଁଶିଆ, ଯୋରନ୍ଦା, ଢେଙ୍କାନାଳ

ଆଜି ତୋର ୯ମ ଶୁଭ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥ ଏବଂ ବାଇଁଶିଆରେ ଥିବା ପ୍ରଭୁ କପିଳେଶ୍ୱରଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘ ଜୀବନ ପ୍ରାର୍ଥନା କରୁଅଛୁ।
**-:ଶୁଭେଚ୍ଛା ସହ:-**
ଅଜା, ଆଇ, ବଡ଼ ବାବା, ବଡ଼ ମାଆ, ରୁନୁ, ନାନୁ, ମିକୁନ୍ ଏବଂ Manoj Kumar.
ଧ-୬୯୦୧୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ସନ୍ଦେହରେ ପୋଲିସ ...

ଗାଈ ମଇଁଷି ରାସ୍ତା ଉପରକୁ ଆସିଯିବାରୁ ଗାଡ଼ି ମୋଡ଼ିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯାହାକି ପୂର୍ବ ସଫେଇଠାରୁ ସମ୍ପୂର୍ଣ୍ଣ ଭିନ୍ନ। ନିର୍ଦ୍ଦିଷ୍ଟ ଭାବେ କେଉଁ ସମୟରେ ଦୁର୍ଘଟଣା ଘଟିଥିଲା ଓ ଏନ୍‌କାଉଣ୍ଟରରେ ବିକାଶଙ୍କ ମୃତ୍ୟୁ କେତେବେଳେ ହୋଇଥିଲା ସେନେଇ ମଧ୍ୟ ପୋଲିସ ସ୍ପଷ୍ଟ ଭାବେ କହିପାରି ନାହିଁ।

ଗୁରୁବାର ରାତିରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। ଏଥିରେ ବିକାଶଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯିବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଥିଲା। ଏହାସହ ତାଙ୍କୁ ସୁରକ୍ଷା ଦେବା ଏବଂ ସିବିଆଇ ଦ୍ୱାରା ମାମଲାର ତଦନ୍ତ ପାଇଁ ଅନୁରୋଧ କରାଯାଇଥିଲା। ବ୍ୟକ୍ତିଗତ ଭାବେ ଦାଏର କରିଥିବା ଉକ୍ତ ପିଟିଶନର ଜରୁରୀ ଶୁଣାଣି ପାଇଁ ଆଇନଜୀବୀ ଘନଶ୍ୟାମ ଉପାଧ୍ୟାୟ ଶୀର୍ଷ ଅଦାଲତଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କ ଆବେଦନର ଶୁଣାଣି ହେବା ପୂର୍ବରୁ ଏନ୍‌କାଉଣ୍ଟରରେ ବିକାଶଙ୍କ ଜୀବନ ଗଲା। ଉପରୋକ୍ତ ସମସ୍ତ ବିଷୟ ସମ୍ପୂର୍ଣ୍ଣ ଘଟଣାକୁ ରହସ୍ୟ ଭିତରକୁ ଟାଣି ନେଉଛି। ଏଥିପାଇଁ ରାଜନୈତିକ ଦଳ ସମେତ ବିଭିନ୍ନ ମହଲରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

### ଡଙ୍କାରୀରେ ପୁଣି ...

ପଥର ଖାଦାନଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଧର୍ମଶାଳା ତହସିଲଦାର ଡଙ୍କାରୀ ଓ ଏହାର ଆଖପାଖରେ ଚାଲିଥିବା ଖାଦାନଗୁଡ଼ିକ ବନ୍ଦ ହେଲେ ସରକାର ପ୍ରାୟ ୧, ୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା କ୍ଷତିରେ ପଡ଼ିବେ ବୋଲି ସରକାରଙ୍କୁ ଜଣାଇଥିଲେ। ତଥାପି ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଲିଜ୍‌ଧାରୀମାନଙ୍କୁ ୧୨।୪।୨୦୧୮ରେ ଖାଦାନ ବନ୍ଦ କରିବାକୁ ନୋଟିସ ଜାରି ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକ ୪୦୦ ଏକର ଜମି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ କଳାପଥର ଖାଦାନ ବନ୍ଦ ନ ହେବାରୁ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟ ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ । ଏନ୍‌ଜିଟି ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଜଣେ ଲିଜ୍‌ଧାରୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏନ୍‌ଜିଟିର ନିର୍ଦ୍ଦେଶନାମା ବିରୋଧରେ ରହିତାଦେଶ ଆଣିଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟ ନିକଟରେ ଆବଶ୍ୟକ ଜବାବ ଦାଖଲ ହୋଇ ନ ପାରିବାରୁ ରହିତାଦେଶ ଏବେ ବି ବଳବତ୍ତର ରହିଛି। ଏଭଳି ସ୍ଥିତିରେ ଡଙ୍କାରୀର ଏକ ଖାଦାନ ଚଳାଇବାକୁ ଅନୁମତି ଦିଆଯିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ସାମାଜିକ କର୍ମୀ ସର୍ବେଶ୍ୱର କୁହନ୍ତି, କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ତୈଳଭଣ୍ଡାର କାର୍ଯ୍ୟକାରୀ ନ ହେବା ଦୁର୍ଭାଗ୍ୟଜନକ। ପଥର ମାଫିଆଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ବେକାରି ସମସ୍ୟା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ତେଣୁ ତୈଳଭଣ୍ଡାର ପ୍ରତିଷ୍ଠା ହେବା ନେଇ ଅନିଶ୍ଚିତତା ଲାଗି ରହିଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀସ୍ତରରେ ଯାହା ନିଷ୍ପତ୍ତି ହେବ ତଦନୁସାରେ କାର୍ଯ୍ୟକାରୀ କରାଯିବ। ପ୍ରଶାସନିକସ୍ତରରେ କୌଣସି କାମ ହୋଇନାହିଁ ବୋଲି ସେ କହିଛନ୍ତି।

### ମାଓବାଦୀଙ୍କ କବଳରୁ ...

ବିଭିନ୍ନ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ପ୍ରଦାନ କରିବା, ସ୍ଥାନୀୟ ଅଞ୍ଚଳରେ ଦ୍ରୁତ ବିକାଶ ଏବଂ ମାଓବାଦୀଙ୍କ ବିରୋଧରେ ଓଡ଼ିଶା ପୋଲିସର କଡ଼ା ଅପରେଶନ ହିଁ ଏହି ସଫଳତା ଆଣି ଦେଇଥିବା ପୋଲିସ ଡିଜି ଅଭୟ କହିଛନ୍ତି। ଗୁରୁବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଜିପି ଅଭୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ୫ ଜିଲାକୁ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ ଯୋଜନାରୁ ବାଦ୍ ଦିଆଯାଇଛି। ଏହାସହ ଆଗାମୀ ଦିନରେ ଆଉ କେତେକ ଜିଲା ମଧ୍ୟ ମାଓବାଦୀ କବଳରୁ ମୁକ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଡିଜିପି ଅଭୟ କହିଲେ, ଗତ ୨ବର୍ଷ ଧରି ଏହି ୫ ଜିଲାରେ ସେଭଳି କିଛି ହିଂସାକାଣ୍ଡ ଘଟିନାହିଁ। ସବୁଠୁ ବଡ଼ କଥା ହେଲା, ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇନାହିଁ। ଫଳରେ ଏହିସବୁ ଜିଲାରେ ମାଓବାଦୀ ନ ଥିବା ସ୍ପଷ୍ଟ ହୋଇଛି। ଏହାସହ ବିଗତ ଦିନଗୁଡ଼ିକରେ ଏକାଧିକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ଧାରା ମଧ୍ୟ ଆଗାମୀ ଦିନରେ ଜାରି ରହିବ ବୋଲି ପୋଲିସ ଆଶା ରଖିଛି। ୨୦୧୯ରେ ୧୩ ଓ ୨୦୨୦ ଜୁଲାଇ ସୁଦ୍ଧା ୧୭ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଯଦି କୌଣସି ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି, ପୋଲିସ ପକ୍ଷରୁ ସେମାନଙ୍କୁ ସବୁପ୍ରକାର ସହଯୋଗ ଯୋଗାଇ ଦେବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହାସହ ବନ୍ଧୁକ ସହ ନିଜକୁ ପୋଲିସ ନିକଟରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜିପି ମାଓବାଦୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ମୋଟ ୨୧ ଜିଲା ମାଓବାଦୀ କବ୍‌ଜାରେ ରହିଥିଲା। ୨୦୧୮ରେ ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ଗଞ୍ଜାମ ଆଦି ୬ ଜିଲାକୁ ମାଓବାଦୀମୁକ୍ତ ଜିଲା ଭାବେ ଘୋଷଣା କରାଯାଇଥିଲା। ଏବେ ୧୦ ଜିଲା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଓ ସୁନ୍ଦରଗଡ଼ ମାଓବାଦୀ ଅଧ୍ୟୁଷିତ ରହିଛି। ଏସବୁ ଜିଲାରେ ମାଓବାଦୀଙ୍କୁ ଦମନ ପାଇଁ ସ୍ୱତନ୍ତ୍ର ଅପରେଶନ ଜାରି ରହିଛି। ଗତ ଫେବୃୟାରୀରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ଆଡ୍ଡାସ୍ଥଳ ଉପରେ ଚଢ଼ାଉ କରାଯାଇ ଅସ୍ତ୍ରଭଣ୍ଡାରକୁ ଠାବ କରିଥିଲା ପୋଲିସ ବାହିନୀ। ମାଓବାଦୀଙ୍କଠାରୁ ବିପୁଳ ପରିମାଣର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ ଘଟଣା ଓଡ଼ିଶାରେ ମାଓବାଦୀ ଦମନ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ସେହିପରି ନିକଟରେ ଫୁଲବାଣୀ ଜିଲା ସର୍ଲା ଜଙ୍ଗଲରେ ପୋଲିସ ଏନ୍‌କାଉଣ୍ଟରରେ ୪ଜଣ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଦମନନୀତି ଆଗାମୀ ଦିନରେ ଆଉ କେତେକ ଜିଲାକୁ ମାଓବାଦୀଙ୍କ କବ୍‌ଜାରୁ ଛଡ଼ାଇ ଆଣିବ ବୋଲି ଆଶା କରାଯାଉଛି।

### ଜାରି ହେବନି ମେ' ମାସ ...

୩୪.୭୧% ଖସିଛି। ଉପଲବ୍ଧ ଥିବା ଡାଟାକୁ ନେଇ ରୟଟର୍ସ ଏଭଳି ସୂଚନା ଦେଇଛି। ସେହିଭଳି ଶିଳ୍ପ ଉତ୍ପାଦନ ୩୭.୮% ଖସିଯିବ ବୋଲି ରୟଟର୍ସ ପୋଲ୍‌ର ଆନାଲିଷ୍ଟମାନେ ପୂର୍ବାନୁମାନରେ କହିଛନ୍ତି। କୋଭିଡ୍-୧୯ ପୂର୍ବର ମାସଗୁଡ଼ିକ ସହ ଏହି ସମୟକୁ ତୁଳନା କରିବା ଠିକ୍ ନୁହେଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ହଠାତ୍ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ଭୁଲ୍ ବୁଝାମଣାଜନିତ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି ଭିନ୍ନ ପ୍ରକାର ହେତୁ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ। ସମସ୍ୟା ସମାଧାନ କରିବାରେ ସଫଳତା ପାଇବେ।

**ବୃଷ**

ନିକଟ ସମ୍ପର୍କୀୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ରୋହିଣୀର ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ମିଥୁନ**

ବନ୍ଧୁମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ବ୍ୟବସାୟ, ପରିବହନ, ଦୋକାନ ତଥା ଜୀବିକା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ।

**କର୍କଟ**

ଚେଷ୍ଟା କରୁଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ । ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡିପାରେ।

**ସିଂହ**

ଆଜି ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। କିନ୍ତୁ ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିବ।

**କନ୍ୟା**

ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଚିତ୍ରା ନକ୍ଷତ୍ର ଫେରନ୍ତା ବାଟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ କିଛି ଯୋଡିବା ସକାଶେ ଚିନ୍ତା କରିପାରନ୍ତି ।

**ତୁଳା**

ସ୍ୱାତୀ ନକ୍ଷତ୍ର ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବ୍ୟବସାୟରେ ଝଗଡା ଲାଗିପାରେ କିନ୍ତୁ ପ୍ରଶାସନିକ ସଫଳତା ହାସଲ କରିବେ। ଭଲ କାମ କରି ମଧ୍ୟ ପ୍ରଶଂସା ବଦଳରେ ନିନ୍ଦା ଶୁଣିବେ ।

**ବିଛା**

ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି । ଅନୁରାଧା ନକ୍ଷତ୍ରର ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ଆଜି ସ୍ଥଗିତ କାମ, ଯାତ୍ରା ଏବଂ ବନ୍ଧୁଙ୍କ ଆଲୋଚନା ଫଳପ୍ରଦ ରହିବ।

**ଧନୁ**

କୌଣସି ନୂତନ ଯୋଜନାରମ୍ଭ କରିବା ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବା ଦୁଶ୍ଚିନ୍ତାର କାରଣ ହୋଇପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କରେ ଚଳିବା ଭଲ ହେବ। ମୂଳା ନକ୍ଷତ୍ର ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

**ମକର**

ଶ୍ରବଣା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ କିନ୍ତୁ ସମ୍ପର୍କୀୟଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ**

ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ତାହା ପ୍ରଥମେ ପ୍ରଥମେ କଷ୍ଟକର ମନେହୋଇପାରେ। ସଭାସମିତି, ପରିବହନ,ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକଥିରେ ସୁଫଳ ପାଇବେ। ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ଶତଭିଷା ନକ୍ଷତ୍ରର ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ ।

**ମୀନ**

ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେବାର ଆଶଙ୍କା ଦେଖାଦେବ। ବରାଦ ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଶ୍ରାବଣ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ଶନିବାର, ଜୁଲାଇ ୧୧ ତାରିଖ, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିଶ୍ୱ ଜନସଂଖ୍ୟା ଦିବସ, ଅପରାହ୍ଣ, ଘ.୦୨.୦୩ମି. ଗତେ, ଘ.୦୩.୪୮ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୯ମି. ଗତେ ଘ.୦୭.୫୨ମି. ମଧ୍ୟେ, ରାତ୍ରି ଘ.୧୧.୩୦ମି. ଗତେ ଘ.୦୧.୪୧ମି. ମଧ୍ୟେ, ଘ.୦୩.୦୮ମି. ଗତେ ଘ.୦୫.୧୯ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୮ମି.ଗତେ ଘ.୦୬.୧୧ମି.ମଧ୍ୟେ, ଘ.୦୯.୪୧ମି.ଗତେ ଘ.୧୨.୧୮ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୩୫ମି.ଗତେ ଘ.୧୦.୧୩ମି. ମଧ୍ୟେ ରାହୁକାଳ।

## ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି, ୨ ଫଟୋ ସାମ୍ବାଦିକଙ୍କୁ କରୋନା

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ମହାନଗର ଅଞ୍ଚଳରେ କାର୍ଯ୍ୟରତ ଏକ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଓ ୨ଜଣ ଫଟୋ ସାମ୍ବାଦିକ କରୋନା ସଂକ୍ରମିତ ହୋଇଛନ୍ତି। ସମସ୍ତଙ୍କୁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ନିକଟରେ କୌଣସ ଲକ୍ଷଣ ନଥିଲା। ଖବର ସଂଗ୍ରହ ବେଳେ ଜଣେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସି ଏହି ୩ଜଣ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଗୁରୁବାର ୩ଜଣଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଶୁକ୍ରବାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବ୍ରହ୍ମପୁର ସହରର କାର୍ଯ୍ୟରତ ସାମ୍ବାଦିକ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**ସଂକ୍ଷେପରେ**

### ଭିଜିଲାନ୍ସ ଜାଲରେ କୁଚିଣ୍ଡା ବିଇଓ

**ସମ୍ବଲପୁର/କୁଚିଣ୍ଡା, ୧୦।୭ (ବ୍ୟୁରୋ/ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ପ୍ରଫୁଲ୍ଲ କୁମାର ନାୟକଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ତାଙ୍କ କାରରୁ ୯୯ ହଜାର ୯୫୦ ଟଙ୍କା ଜବତ ହୋଇଛି। ପୂର୍ବାହ୍ନ ୧୧ଟା ୪୦ରେ ବିଇଓ ନାୟକ କୁଚିଣ୍ଡାରୁ ବାହାରି ବରଗଡ ବିଜେପୁରସ୍ଥିତ ନିଜ ଘରକୁ ଯାଉଥିବା ସମୟରେ ସମ୍ବଲପୁର ଭିଜିଲାନ୍ସ ଟିମ୍ ତାଙ୍କୁ ବାଟରୁ ଧରିଥିଲା। ଏହି ସମୟରେ କାରରୁ ମିଳିଥିବା ଟଙ୍କାର ସେ ହିସାବ ଦେଇପାରି ନ ଥିଲେ। ଅନ୍ୟପକ୍ଷେ ଭିଜିଲାନ୍ସ ଟିମ୍ ବିଇଓଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଛି। ଏହାସହ ବିଜେପୁରସ୍ଥିତ ପୈତୃକ ଘର, କୁଚିଣ୍ଡାରେ ରହୁଥିବା ଭଡା ଘରେ ମଧ୍ୟ ଚଢ଼ାଉ କରାଯାଇଛି। ଏ ନେଇ ଭିଜିଲାନ୍ସ ଏକ ମାମଲା (ନଂ. ୧୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ବେକାରିଙ୍କ ସମ୍ପର୍କରେ ଶ୍ୱେତପତ୍ର ଦାବି କଲା ଯୁବ କଂଗ୍ରେସ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ):** ରାଜ୍ୟ ସରକାର ଆସନ୍ତା ୨ବର୍ଷ ପାଇଁ କରୋନା ଆଳରେ ଆର୍ଥିକ କଟକଣା ଲଗାଇ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ବନ୍ଦ କରିବାକୁ ଯେଉଁ ନିଷ୍ପତି ନେଇଛନ୍ତି ତାହା ରାଜ୍ୟର ଯୁବଗୋଷ୍ଠୀଙ୍କ ଜୀବନ ଜୀବିକାକୁ ବିପନ୍ନ କରିବ। ନବୀନ ସରକାର ୨୦ବର୍ଷର ସ୍ଥିର ଓ ନିରଙ୍କୁଶ ଶାସନଭାର ମଧ୍ୟରେ ଓଡ଼ିଶାର ଯୁବକ ଓ ଛାତ୍ରମାନଙ୍କୁ ଭୂଆଁ ବୁଲାଇ ବର୍ଷକୁ ୧ ଲକ୍ଷ ନିଯୁକ୍ତି ଦେବାର ସ୍ୱପ୍ନ ଦେଖାଇ ଏପର୍ଯ୍ୟନ୍ତ ମାତ୍ର ୫୦ ହଜାର ନିଯୁକ୍ତି ଦେବାରେ ସକ୍ଷମ ହୋଇନାହାନ୍ତି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପ୍ରକାଶ କରିଛନ୍ତି। ସ୍ମୃତି କହିଛନ୍ତି ଯେ, ଏଭଳି ସଙ୍କଟ ସମୟରେ ଯେତେବେଳେ ସମଗ୍ର ରାଜ୍ୟରେ କର୍ମନିଯୁକ୍ତିର ଘୋର ସମସ୍ୟା ଦେଖାଦେଇଛି ସେ ସମୟରେ ଯୁବପିଢ଼ିଙ୍କୁ ନିଯୁକ୍ତି ଦେବା ସରକାରଙ୍କର ପ୍ରାଥମିକତା ହେବା ଉଚିତ।

### ଫରେଷ୍ଟର, ଗାର୍ଡ ନିଲମ୍ବିତ ହାତୀଛୁଆର ଗଳିତ ମୃତଦେହ ଉଦ୍ଧାର ଘଟଣା

**କେନ୍ଦୁଝର, ୧୦।୭ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ରେଞ୍ଜ ଗୁଆଲି ସେକ୍ସନ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ଚୋରମାଲଦା ନିକଟରୁ ଏକ ୪ ବର୍ଷର ହାତୀଛୁଆର ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଗୁଆଲି ଫରେଷ୍ଟର ବିଦ୍ୟାଧର ବେହେରା ଏବଂ ରୁଗୁଡି ଫରେଷ୍ଟଗାର୍ଡ ସରୋଜ ନାୟକଙ୍କୁ କେନ୍ଦୁଝର ଡିଏଫ୍ଓ ନିଲମ୍ବିତ କରିଛନ୍ତି।

ହାତୀ ଶାବକର ମୃତ୍ୟୁ ହେବା ନେଇ ବିଳମ୍ବରେ ଜାଣିବା ଏବଂ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବନ କରାଯାଇଥିବା ଡିଏଫ୍ଓ ସନ୍ତୋଷ ଯୋଶୀ ସୂଚନା ଦେଇଛନ୍ତି। ୧୫ ଦିନ ପୂର୍ବେ ଛୁଆ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାତୀଛୁଆଟି ମରି ସମ୍ପୂର୍ଣ୍ଣ ପଚିଯାଇଥିବାବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୨୦ ଜଣ ପାଇବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

**୨୦୧୫ ଓ ୨୦୧୬ ବର୍ଷ ପୁରସ୍କାର ଘୋଷିତ**

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଶୁକ୍ରବାର ୨୦୧୫ ଓ ୨୦୧୬ ବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ବିଭିନ୍ନ ବିଭାଗରେ ବହୁ ପ୍ରତିଷ୍ଠିତ ସାହିତ୍ୟିକ, ଲେଖକ, ଗାଳ୍ପିକ, ନାଟ୍ୟକାର ଓ ଔପନ୍ୟାସିକଙ୍କୁ ଏକାଡେମୀ ପକ୍ଷରୁ ଚୟନ କରାଯାଇଛି। ୨୦୧୫ ପାଇଁ ଉପନ୍ୟାସ ବିଭାଗରେ 'ଗୋଟିଏ ଯୋଡ଼ି ଗାଆଁର କାହାଣୀ' ଲାଗି ନିତ୍ୟାନନ୍ଦ ପଣ୍ଡା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେପିପରି କ୍ଷୁଦ୍ରଗଳ୍ପ 'ଗପର ମୁହଁ' ପାଇଁ ପବିତ୍ର ପାଣିଗ୍ରାହୀ, କାବ୍ୟ କବିତା 'ଗୋଧୂଳି ଗୀତ' ପାଇଁ ବୀଣାପାଣି ପଣ୍ଡା ପାଇବେ ଏହି ପୁରସ୍କାର। ସେହିପରି ନାଟକ ଓ ଏକାଙ୍କିକାରେ 'ମଞ୍ଚମାୟା' ପାଇଁ ସଞ୍ଜୟ ହାତୀ ଓ 'ନାଟୁଆ ଓ ଅନ୍ୟାନ୍ୟ ନାଟକ' ପାଇଁ ନବୀନ କୁମାର ପରିଡ଼ା ଯୁଗ୍ମ ଭାବେ ପୁରସ୍କାର ପାଇବେ। ପ୍ରବନ୍ଧ ଓ ସମାଲୋଚନା ବିଭାଗରେ 'ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ' ପାଇଁ ପଞ୍ଚାନନ ମିଶ୍ର, ଜୀବନୀ ଓ ଭ୍ରମଣ ସାହିତ୍ୟ ବିଭାଗରେ 'ଲୌହମାନବ ସର୍ଦ୍ଦାର ପଟେଲ' ପାଇଁ ଧରଣୀଧର ପାଣିଗ୍ରାହୀ, ଅନୁବାଦରେ 'ତଥାପି କିଛି ରହିଯିବ' ପାଇଁ ବିଜୟ କୁମାର ମହାନ୍ତି, ଶିଶୁ ସାହିତ୍ୟରେ 'ଗଛଟିଏ ଗୀତଟିଏ' ପାଇଁ ରବୀନ୍ଦ୍ର ବିଶ୍ୱାଳ ଓ ଗୀତିକବିତା ବିଭାଗରେ 'ପ୍ରତି ପଲକରେ ତୁମେ' ପାଇଁ ମନୋଜ ମହାନ୍ତି ପୁରସ୍କାର ପାଇବେ।

୨୦୧୬ ପାଇଁ ଉପନ୍ୟାସରେ 'ଅମ୍ବା' ପାଇଁ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, କ୍ଷୁଦ୍ରଗଳ୍ପରେ 'ରମାକୁ ମାରିବାର ପାଞ୍ଚଟି ଉପାୟ' ପାଇଁ ଦେବଦାସ ଛୋଟରାୟ, କାବ୍ୟ କବିତା ବିଭାଗରେ 'ଫେରନ୍ତି ଘର' ପାଇଁ ଭଗବାନ ଜୟସିଂହ, ନାଟକ ଓ ଏକାଙ୍କିକାରେ 'ଆମ୍ରଲିପି ଓ ଅନ୍ୟାନ୍ୟ' ପାଇଁ ଫକୀର ସିଂହ, ପ୍ରବନ୍ଧ ଓ ସମାଲୋଚନା ବିଭାଗରେ 'ଆଲୋଚନା ପ୍ରସଙ୍ଗ' ପାଇଁ ପ୍ରସନ୍ନ କୁମାର ସ୍ୱାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ଜୀବନୀ ଓ ଭ୍ରମଣ ସାହିତ୍ୟ ବିଭାଗରେ 'ପ୍ରଫେସର ନବୀନ କୁମାର ସାହୁ' ପାଇଁ ସୁରେନ୍ଦ୍ର କୁମାର ମହାରଣା ଓ 'ଚାଲିଛି...ଚାଲିବି ନ ପଡ଼ିବି ଥକି(ଜଣେ ବିରଳ ବିପ୍ଳବୀର କାହାଣୀ)' ପାଇଁ ପ୍ରଦୋଷ ପଟ୍ଟନାୟକ ଯୁଗ୍ମ ଭାବେ ପୁରସ୍କୃତ ହେବେ। ଅନୁବାଦରେ 'ମେଘବାହନ' ପାଇଁ ଶାରଦା ରଥ, ଶିଶୁ ସାହିତ୍ୟରେ 'ତୁଇଁ ଚଢ଼େଇ' ପାଇଁ ଦେବେନ୍ଦ୍ର ଚୌଧୁରୀ ଓ ଗୀତି କବିତା ବର୍ଗରେ 'ମିଶ୍ରରାଗ' ପାଇଁ ମିଶ୍ର ସତ୍ୟନାରାୟଣ ପୁରସ୍କାର ପାଇବେ। ସୂଚନାଯୋଗ୍ୟ, ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇ ୯ଟି ବିଭାଗ ପାଇଁ ଏହି ପୁରସ୍କାରର ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯାଇଥିଲା।

# ଝିଆରୀଙ୍କୁ ହତ୍ୟା ଅଭିଯୋଗ

**ନବରଙ୍ଗପୁର, ୧୦।୭(ବି.ପ୍ର.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ତାଙ୍କ ସମ୍ପର୍କୀୟ ଦାଦା ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ପରିବାର ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ସମ୍ପର୍କୀୟ ଦାଦା ଭୀଷ୍ମ ହରିଜନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମୃତକ ତେନ୍ତୁଳିଖୁଣ୍ଟିର ଏକ କଲେଜରେ ଯୁକ୍ତ ତିନି ଶ୍ରେଣୀରେ ପଢୁଥିଲେ। ଭୀଷ୍ମଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା ବୋଲି ପରିବାର ଲୋକେ କହିଛନ୍ତି।

ମୃତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଭୀଷ୍ମ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ବିବାହ ପ୍ରଲୋଭନ ଦେଖାଇ ଭୀଷ୍ମ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଗୁରୁବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ଫୋନ୍‌ରେ କୌଣସି କାରଣ ପାଇଁ ଝଗଡ଼ା ହୋଇଥିବା ପରିବାର ଲୋକେ କହିଛନ୍ତି। ଏହାପରେ ଉଭୟେ ସନ୍ଧ୍ୟା ୫ଟାରେ ସ୍ଥାନୀୟ ହାଇସ୍କୁଲ ଭିତରକୁ ଯାଇଥିବା କେତେଜଣ ଲୋକ ଦେଖିଥିଲେ। ରାତି ସୁଦ୍ଧା ଝିଅ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ସ୍କୁଲ ଭିତରେ ସେ ପଡ଼ିଥିବା ଦେଖି ତେନ୍ତୁଳିଖୁଣ୍ଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କଲେ।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
LIVE 24 X 7 NEWS & ANB NEWS
NEPAL 1 TV ALSO
Lucky Yantra In Every 15 Minutes
Check Your Lucky Yantra on 24X7 NEWS

| DTH Platform | Channel No. |
|---|---|
| AIRTEL | 362 |
| DD DIRECT | 102 |
| DEN | 316 |
| HATHW@Y | 210 |
| VIDEOCON | 335 |
| GTPL | 250 |
| F W | 193 |
| SITI | 372 |
| JIO TV | - |
| ADARSH CABLE | 432 |

Check Your Lucky Yantra on ANB NEWS
DTH Platform Channel No.
AIRTEL - 356 KGMP -305
TATA SKY -1923 GFC -180
SITI -348 BATHINDA CCN- 79
MC CABLE -194 JIO TV

| 10.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 24 | 09 | 46 | 38 |
| 09.00 | 88 | 70 | 29 | 03 |
| 09.30 | 38 | 93 | 87 | 98 |
| 10.00 | 59 | 72 | 14 | 03 |
| 10.30 | 94 | 73 | 79 | 56 |
| 11.00 | 59 | 12 | 33 | 53 |
| 11.30 | 52 | 84 | 42 | 84 |
| 12.00 | 04 | 47 | 62 | 64 |
| 12.30 | 88 | 80 | 54 | 32 |
| 01.00 | 74 | 18 | 92 | 05 |
| 01.30 | 62 | 34 | 88 | 48 |
| 02.00 | 59 | 80 | 83 | 21 |
| 02.30 | 80 | 59 | 38 | 47 |
| 03.00 | 81 | 63 | 24 | 96 |
| 03.30 | 33 | 41 | 08 | 08 |
| 04.00 | 82 | 55 | 68 | 40 |
| 04.30 | 31 | 94 | 86 | 97 |
| 05.00 | 57 | 63 | 69 | 46 |
| 05.30 | 24 | 43 | 89 | 25 |
| 06.00 | 10 | 86 | 27 | 57 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
navratnayantracoupon.com
goldennavratnacoupon.com

# ଲୟୋଲାରେ ୩ ଦଶମ ଟପ୍ପର

**ଆଇସିଏସ୍ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ**

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

କାଉନସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍ଜାମିନେଶନ (ସିଆଇଏସ୍ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍ଇ ଦଶମ ଓ ଆଇଏସ୍ସି ଦ୍ୱାଦଶ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ଲୟୋଲା ସ୍କୁଲର ଆଇସିଏସ୍ଇ ଦଶମରେ ଶିବମ ମହାପାତ୍ର, ଭି. ରାଜୁ ଓ ଇବ୍‌ତେସାମ ଆଜ୍‌ମି ଖାନ୍ ୯୮.୮% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଜ୍ୟୋତିର୍ମୟ ପାତ୍ର ୯୮.୨% ମାର୍କ ରଖି ଦ୍ୱିତୀୟରେ ରହିଥିବାବେଳେ ପ୍ରଜ୍ଞା ରଥ ଓ ତମୋଜିତ ବେରା ୯୮% ମାର୍କ ରଖି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଲୟୋଲା ଆଇଏସ୍ସି ଦ୍ୱାଦଶ କଳା ବିଭାଗରେ ସୁମେଧା ରାୟ ୯୫% ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ରନ୍ୟା ଦେବ ୯୪.୫% ମାର୍କ ପାଇ ଦ୍ୱିତୀୟ ଓ ଅମ୍ରିତା ମିଶ୍ର ୯୦.୭% ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଇଏସ୍ସି ଦ୍ୱାଦଶ ବାଣିଜ୍ୟ ବିଭାଗରେ ଅନିକେତ ମହାନ୍ତି ୮୯.୭% ମାର୍କ ପାଇ ପ୍ରଥମ ହୋଇଥିବାବେଳେ ଆଇଏସ୍ସି ପିଓର ସାଇନ୍ସରେ କନ୍ୟକ ସାମନ୍ତରା ୯୫.୭% ମାର୍କ ସହ ପ୍ରଥମ, ସିପ୍ରା ସ୍ୱାଗତିକା ମିଶ୍ର ୯୫% ମାର୍କ ରଖି ଦ୍ୱିତୀୟ ଓ ସି.ଭି. ଅନିଷ ୯୧.୫% ନମ୍ବର ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଆଇଏସ୍ସି ବାୟୋ ସାଇନ୍ସରେ ଲାସ୍ୟା ଭି ୯୬.୭% ମାର୍କ ରଖି ପ୍ରଥମ ହୋଇଥିବାବେଳେ ଆଶୁତୋଷ ସାହୁ ୯୬% ମାର୍କ ସହ ଦ୍ୱିତୀୟ ଏବଂ ଅଭିପ୍ସା ବେହେରା ୯୪.୭% ମାର୍କ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଷ୍ଟିୱାର୍ଟରେ କିରଣ**

ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲରେ ଉଭୟ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ହୋଇଛି। ଆଇସିଏସ୍ଇ ଦଶମରେ ୧୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ କିରଣ ମହାପାତ୍ର ୯୯.୫% ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ୫୨ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଆଇଏସ୍ସି ଦ୍ୱାଦଶରେ ୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଓ ସମସ୍ତେ ପାସ୍ ହୋଇଛନ୍ତି। ପ୍ରକାଶ ଷଡ଼ଙ୍ଗୀ ୯୬% ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ସୂଚନା ମିଳିଛି।

# ପ୍ଲାଜ୍‌ମା ଥେରାପି ହବ୍ ହେବ ଏସ୍‌ସିବି

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ପ୍ଲାଜ୍‌ମା ଥେରାପି ଆରମ୍ଭ ହେବ। ପୂର୍ବରୁ ସ୍ଥିର ହୋଇଥିବା ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କିମ୍ସ, ସମ୍ ଓ ଅଶ୍ୱିନୀ ଆଦି ୪ଟି କୋଭିଡ୍ ହସ୍ପିଟାଲରେ ପ୍ଲାଜ୍‌ମା ଥେରାପି ଚିକିତ୍ସା ଉପଲବ୍ଧ ହେବ। ତେବେ ଏସ୍‌ସିବିକୁ ପ୍ଲାଜ୍‌ମା ଥେରାପିର ଏକ ହବ୍ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ଆଇଏଲ୍ଏସ୍) ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୧୦ରୁ ୧୨ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଚାରୋଟି ହସ୍ପିଟାଲରେ ପ୍ଲାଜ୍‌ମା ଥେରାପି ସେବାର ଉଦ୍‌ଘାଟନ କରିବେ। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନମୁନା ପରୀକ୍ଷା କିପରି ବୃଦ୍ଧି ପାଇବ ସେନେଇ ଆଲୋଚନା ହୋଇଥିଲା। ରାଜ୍ୟରେ ଦିନକୁ ୫ହଜାରରୁ ଅଧିକ ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଉଛି। ଏବେ ପରୀକ୍ଷା କ୍ଷମତା ୬ହଜାରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି କୋଭିଡ୍ ପରୀକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୧ ଲକ୍ଷ ଦ୍ରୁତ ଆଣ୍ଟିଜେନ୍ ଟେଷ୍ଟ କିଟ୍ କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିଟ୍‌ଗୁଡ଼ିକ ରାଜ୍ୟରେ ପହଞ୍ଚିବା ପରେ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ। ରାଜ୍ୟରେ ୬ହଜାର ଆର୍‌ଟି-ପିସିଆର୍ ପରୀକ୍ଷା ଏବଂ ୨ହଜାର ଆଣ୍ଟିଜେନ୍ ପରୀକ୍ଷା କରାଗଲେ ରାଜ୍ୟରେ ପ୍ରତିଦିନ ୮ହଜାରରୁ ୯ହଜାର ପରୀକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି।

# କରୋନାକୁ ହରାଇ କାର୍ଯ୍ୟକୁ ଫେରିଲେ ଏସ୍ଆଇ

**ଖୋର୍ଦ୍ଧା ଅଫିସ, ୧୦।୭**

କର୍ତ୍ତବ୍ୟ ଓ ସେବା ଆଗରେ ସବୁ କିଛି ହାର ମାନିଛି। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ବାଲେଡିହ ଗ୍ରାମର ଜଣେ କୋଭିଡ୍ ଯୋଦ୍ଧାଙ୍କ କ୍ଷେତ୍ରରେ। କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ବ୍ରହ୍ମପୁର ପୋଲିସ ଜିଲା ସଦର ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ବିଭୂତି ଭୂଷଣ ସେଠୀ ଗତ ୩ତାରିଖରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏ ନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଟୁଇଟ୍ କରି ସୂଚନା ଦେଇଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏସ୍‌ପିଙ୍କ ଟୁଇଟକୁ ରି-ଟୁଇଟ କରାଯାଇ ସବ୍ ଇନ୍ସପେକ୍ଟର ସେଠୀଙ୍କୁ ପ୍ରଶଂସା କରାଯାଇଛି।

ସୂଚନାଥାଉ କି, ବାଲେଡିହ ଗ୍ରାମରେ ବିଭୂତିଙ୍କ ଘର ହୋଇଥିବା ବେଳେ ସେ ୨୦୧୭ମସିହାରେ ଓଡ଼ିଶା ପୋଲିସରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ତାଙ୍କ ବିବାହ ସ୍ଥିର ହୋଇଥିଲା। କିନ୍ତୁ ଲୋକଙ୍କ ସେବା ଓ କର୍ତ୍ତବ୍ୟ ଲାଗି ସେ ବିବାହକୁ ସ୍ଥଗିତ ରଖି ଡ୍ୟୁଟିରେ ଯୋଗ ଦେଇଥିଲେ। ସେ ନିଜର ବିବାହକୁ ସ୍ଥଗିତ ରଖିବାରୁ ପ୍ରଶଂସିତ ହୋଇଥିଲେ। ଜୁନ୍ ମାସରେ ତାଙ୍କଠାରେ କରୋନା ଲକ୍ଷଣ ଦେଖାଦେବାରୁ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସ୍ୱାବ୍ ପରୀକ୍ଷା ହୋଇ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେବା ନେଇ ଏସ୍‌ପି ଟୁଇଟ୍ ମାଧ୍ୟମରେ ସୂଚନା ଦେଇଥିଲେ। ବିଭୂତି କରୋନା ଯୁଦ୍ଧ କ୍ଷେତ୍ରରେ ଲଢ଼ି ସୁସ୍ଥ ହେବା ପରେ ପୁଣି କାର୍ଯ୍ୟରେ ଯୋଗଦେଇଛନ୍ତି। ମହାମାରୀ ସମୟରେ ତାଙ୍କର ଏଭଳି ନିଷ୍ପତ୍ତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଏ ସମ୍ପର୍କରେ ବିଭୂତି କହିଛନ୍ତି, ଉପରିସ୍ଥ ପୋଲିସ ଅଧିକାରୀ ତଥା ବିଭିନ୍ନ ବର୍ଗର ଲୋକେ ଫୋନ କରି ଶୁଭେଚ୍ଛା ଜଣାଉଛନ୍ତି। ଏହା ମୋ ପାଇଁ ପ୍ରେରଣା ଓ ଉତ୍ସାହ ଆଣି ଦେଇଛି। ଲୋକଙ୍କ ସେବା ଲାଗି ଓଡ଼ିଶା ପୋଲିସରେ ଯୋଗଦାନ କରିଛି। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ତୁଲାଇବା ଲାଗି ଉଦ୍ୟମ ଜାରି ରହିବ। ଅନ୍ୟପଟେ ବ୍ରହ୍ମପୁର ଏସ୍‌ପି ବିଭୂତିଙ୍କ ଧୈର୍ଯ୍ୟ ଓ ସାହସ ଲାଗି ଧନ୍ୟବାଦ ଜଣାଇବା ସହ ଜଣେ କରୋନା ଯୋଦ୍ଧା ଭାବେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଛନ୍ତି।




- ଟୁଇଟ୍ କରି ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ
- ବିଭୂତିଙ୍କ କାର୍ଯ୍ୟ ପ୍ରଶଂସନୀୟ: ଏସ୍‌ପି
- ପୂର୍ବରୁ ବିବାହ ସ୍ଥଗିତ ରଖି ହୋଇଥିଲେ ପ୍ରଶଂସିତ

DSPL-20
ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ
କୋଭିଡ୍-୧୯, ଅଣସଂକ୍ରାମକ ରୋଗ, ଯକ୍ଷ୍ମା, ମ୍ୟାଲେରିଆ, ଡେଙ୍ଗୁ ଓ ଜଳବାହିତ ରୋଗ ଚିହ୍ନଟ କାର୍ଯ୍ୟକ୍ରମ
(୧୬ ଜୁନ୍ ରୁ ୩୧ ଜୁଲାଇ, ୨୦୨୦)
ଆଶା ଓ ସ୍ୱାସ୍ଥ୍ୟକର୍ମୀ ଆପଣଙ୍କ ଘରକୁ ଯାଇ ଖବର ସଂଗ୍ରହ କରିବେ।
ଆପଣଙ୍କଠାରେ ଏଥି ମଧ୍ୟରୁ କୌଣସି ଲକ୍ଷଣ ଥିଲେ ତାଙ୍କୁ ଜଣାନ୍ତୁ।
୧) ଜ୍ୱର, କାଶ, ସର୍ଦ୍ଦି, ଛାତି ଯନ୍ତ୍ରଣା କିମ୍ବା ନିଶ୍ୱାସରେ କଷ୍ଟ।
୨) • ଦୁଇ ସପ୍ତାହରୁ ଅଧିକ ଦିନ କାଶ/ଜ୍ୱର
• କଫରେ ରକ୍ତ ପଡିବା
• ଓଜନ କମିଯିବା, ଭୋକ କମିଯିବା
୩) ଜ୍ୱର ସହ କମ୍ପ, ଗଣ୍ଠି ବିନ୍ଧା, ପିଉବାନ୍ତି କିମ୍ବା ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା।
୪) ପତଳା ଝାଡା, ବାନ୍ତି କିମ୍ବା ଆଖି ହଳଦିଆ ପଡିବା ଓ ପରିସ୍ରା ହଳଦିଆ ହେବା।
ମାନି ଚଳନ୍ତୁ :
• ଘର ଭିତରେ ରହନ୍ତୁ
• ମାସ୍କ ବ୍ୟବହାର କରନ୍ତୁ
• ସାବୁନ ଓ ପାଣିରେ ହାତକୁ ବାରମ୍ବାର ୪୦-୬୦ ସେକେଣ୍ଡ୍ ପର୍ଯ୍ୟନ୍ତ ଧୁଅନ୍ତୁ କିମ୍ବା ସାନିଟାଇଜର୍‌ରେ ୨୦ ସେକେଣ୍ଡ୍ ପର୍ଯ୍ୟନ୍ତ ସଫା କରନ୍ତୁ
• କାଶିବା / ଛିଙ୍କିବା ବେଳେ ମୁହଁକୁ ରୁମାଲ୍ / କପଡା / ଟିସୁ ପେପର ବା କହୁଣିରେ ଘୋଡାନ୍ତୁ
• ପାଣିକୁ ଫୁଟାଇ କିମ୍ବା ହାଲୋଜେନ୍ ବଟିକା ପକାଇ ବ୍ୟବହାର କରନ୍ତୁ
• ବାହାରେ ଛେପ ପକାନ୍ତୁ ନାହିଁ
• ପରସ୍ପର ଠାରୁ ୨ ମିଟର ଦୂରତା ରକ୍ଷା କରନ୍ତୁ
• ୩୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯାହାର ବ୍ଲଡ୍ ସୁଗାର ଏବଂ ବ୍ଲଡ୍ ପ୍ରେସର ପରୀକ୍ଷା ହୋଇନାହିଁ, ତୁରନ୍ତ ପରୀକ୍ଷା କରନ୍ତୁ
• ଅଣସଂକ୍ରାମକ ରୋଗ ପାଇଁ ଔଷଧ ସେବନ କରୁଥିଲେ ଅନ୍ତତଃ ମାସକ ପାଇଁ ଔଷଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଣି ରଖନ୍ତୁ
• ଘରେ ତିଆରି ତଟକା ଖାଦ୍ୟ ଖାଆନ୍ତୁ
• ପତଳା ଝାଡା ହେଲେ ଓ.ଆର୍.ଏସ୍ ପଣା ପିଅନ୍ତୁ
• ମଶାରୀ ଟାଙ୍ଗି ଶୁଅନ୍ତୁ
• ଘର ପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ
୨ ମିଟର
OIPR-10003/13/0005/2021
NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ବିଦେଶିନୀଙ୍କ ହାତ ଧରିଲେ କ୍ଷୀରୋଦ

**ପ୍ରେମ ଆଗରେ ହାର ମାନିଲା ସୀମା ବିବାଦ**

**ଖଇରା, ୧୦।୭(ଡି.ଏନ.ଏ.)**

ଭାରତ-ନେପାଳ ସୀମା ବିବାଦ ହେଉ କି କରୋନା ଲକଡାଉନ କଟକଣା ସବୁ ସମସ୍ୟା ପ୍ରେମ ଆଗରେ ହାର ମାନିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ଗ୍ରାମର କ୍ଷିରୋଦ ସିଅ ନାମକ ଯୁବକ ତାଙ୍କ ପ୍ରେମିକା ନେପାଳ ଯୁବତୀଙ୍କୁ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ଏଥିରେ ମୁଖ୍ୟ ଭୂମିକା ନିଭାଇଛନ୍ତି ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଘଡେଇ ତାଙ୍କ ସ୍ୱାମୀ ସମ୍ପଦ। ସରପଞ୍ଚ ଦମ୍ପତିଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ପ୍ରେମୀଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

କ୍ଷିରୋଦ ସିଅ ବମ୍ବେରେ କାମ କରୁଥିବା ବେଳେ ୨୩ ବର୍ଷୀୟା ନେପାଳ ଯୁବତୀ ପ୍ରଣିଶା ବିସ୍ତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଯୁବତୀ ଜଣକ ବମ୍ବେରେ ତାଙ୍କ ଭଉଣୀ ଭିଶୋଇଙ୍କ ପାଖରେ ରହୁଥିଲେ। ମାର୍ଚ୍ଚରେ ଲକ୍‌ଡାଉନ ଘୋଷଣା ହେବା ପରେ କ୍ଷୀରୋଦ ଘରକୁ ଆସିବାକୁ ବ୍ୟଗ୍ର ହୋଇପଡିଥିଲେ। ହେଲେ ନିଜର ପ୍ରେମିକାଙ୍କ କଥା ଭାବି ଦୋଛକିରେ ପଡିଯାଇଥିଲେ। ମେ' ବେଳକୁ ଭାରତ ଓ ନେପାଳ ମଧ୍ୟରେ ସୀମା ବିବାଦକୁ ନେଇ ତିକ୍ତତା ଆରମ୍ଭ ହୋଇଯିବା ପରେ କ୍ଷୀରୋଦ ଅଡୁଆରେ ପଡିଯାଇଥିଲେ। ପ୍ରଣିଶାଙ୍କ ଭଉଣୀ ଭିଣୋଇ ନିଜ ଦେଶକୁ ପଳାଇଯାଇଥିଲେ ହେଁ ସେ କ୍ଷୀରୋଦଙ୍କୁ ଛାଡି ଯାଇ ନ ଥିଲେ। କ୍ଷୀରୋଦ ନିଜ ମନକୁ ଦୃଢ କରି ପ୍ରଣିଶାଙ୍କୁ ସାଙ୍ଗରେ ଧରି ଗୋଳିହା ଗ୍ରାମକୁ ପଳାଇ ଆସିଥିଲେ। ହେଲେ ବାହାରୁ ଆସିଥିବାରୁ ଘର ଲୋକ ଗ୍ରହଣ କରିବାକୁ ସାହସ କରି ନ ଥିଲେ। ଏହି ଖବର ସରପଞ୍ଚ ଓ ତାଙ୍କ ସ୍ୱାମୀ ଜାଣିବା ପରେ ସେମାନଙ୍କୁ ସ୍ଥାନୀୟ ଗୋଳିହା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରଖାଇଥିଲେ। ଶେଷରେ ଖଇରା ଆଇଆଇସି ଓ ବିଡିଓଙ୍କ ପରାମର୍ଶକ୍ରମେ ଶୁକ୍ରବାର ସଙ୍ଗରୋଧ କେନ୍ଦ୍ର ସଂଲଗ୍ନ ଚଣ୍ଡି ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ସରପଞ୍ଚ ଓ ତାଙ୍କ ସ୍ୱାମୀ କନ୍ୟାଦାନ କରିବା ସହ ସରକାରଙ୍କ ଗାଇଡଲାଇନ ମୁତାବକ ଗ୍ରାମବାସୀଙ୍କୁ ଭୋଜି ଖୁଆଇଥିଲେ। ଉଭୟ କନ୍ୟା ବର ଖୁବ୍ ଖୁସି ଥିବା କହିଛନ୍ତି। ପଣ୍ଡିତ ନୃସିଂହ ଦ୍ୱିବେଦୀ, ମନୋରଞ୍ଜନ ଶୁକ୍ଳ, ରାଧାକାନ୍ତ ମିଶ୍ର, ମଧୁସୂଦନ ପଣ୍ଡାଙ୍କ ସମେତ ଭାଗିରଥି ଶିଅ, ରାମଚନ୍ଦ୍ର ବାରିକ ପ୍ରମୁଖ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ।

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ଅପୂର୍ଣ୍ଣ ମେଡିକାଲ ଆୟୋଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଡାକ୍ତରୀ ଶିକ୍ଷା, ବୃତ୍ତି ଓ ଅନୁଷ୍ଠାନର ସମସ୍ତ ଦିଗର ବିକାଶ ତଥା ନିୟନ୍ତ୍ରଣ ପାଇଁ ପୂର୍ବର ଦୁର୍ନୀତିଗ୍ରସ୍ତ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)କୁ ବଦଳାଇ ଗତବର୍ଷ ଜାତୀୟ ମେଡିକାଲ ଆୟୋଗ (ଏନ୍‌ଏମ୍‌ସି) ଗଠନ କରାଯାଇଥିଲା। ତଥାପି ନୂତନ ନିୟାମକ ଗଠନ କରିବାରେ ସରକାର ତତ୍ପରତା ଦେଖାଇଥିଲେ ମଧ୍ୟ ଆୟୋଗର ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ଏପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି କରିନାହାନ୍ତି। ଛଅ ମାସ ପୂର୍ବେ ସରକାର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (AIIMS)ର ପ୍ରଫେସର ଏସ୍.ସି. ଶର୍ମାଙ୍କୁ ତିନିବର୍ଷ ପାଇଁ ନୂତନ ଆୟୋଗର ଅଧ୍ୟକ୍ଷ ଭାବରେ ମନୋନୀତ କରିଥିଲେ। ତଥାପି ତାଙ୍କ ନିଯୁକ୍ତି ନେଇ ଏପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି କରି ନାହାନ୍ତି। ଏହି ଅଯଥା ବିଳମ୍ବକୁ ନେଇ ସରକାରଙ୍କ ଉଦ୍ଦେଶ୍ୟ ବିଷୟରେ ବାବୁ ମହଲରେ ନାନା ପ୍ରକାର ଫୁସୁରୁଫାସୁରୁ ଚାଲିଛି। ସୂଚନାନୁସାରେ, ବିଳମ୍ବର କାରଣ ହେଉଛି ଆୟୋଗ ନିଜେ ଏପର୍ଯ୍ୟନ୍ତ ପୂର୍ଣ୍ଣତଃ ଗଠିତ ହୋଇପାରି ନାହିଁ (ଏହା କେବଳ କାଗଜକଲମରେ ସୀମିତ ଅଛି କହିଲେ ଚଳେ)। କାରଣ ଅନ୍ୟ ପଦବୀଗୁଡ଼ିକ ପାଇଁ ଚୟନ କମିଟିର ସୁପାରିସ ତଥାପି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବିଚାରାଧୀନ ରହିଛି। ତେଣୁ ସେମାନଙ୍କ ମତରେ, ଆୟୋଗ ଗଠନ ଶେଷ ହେବା ପରେ ହିଁ ଏହାର ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରାଯାଇପାରିବ। ଜାତୀୟ ମେଡିକାଲ ଆୟୋଗ ଅଧିନିୟମ, ୨୦୧୯ ଅନୁଯାୟୀ ଆୟୋଗର ଜଣେ ଅଧ୍ୟକ୍ଷ, ୧୦ ଜଣ ଏକ୍ସ-ଅଫିସିଓ (ପଦପ୍ରଯୁକ୍ତ) ସଦସ୍ୟ ଏବଂ ୨୨ ଜଣ ପାର୍ଟଟାଇମ୍ ସଦସ୍ୟ ରହିବେ। ପ୍ରଫେସର ଶର୍ମାଙ୍କ ବ୍ୟତୀତ ଏପର୍ଯ୍ୟନ୍ତ ନିଯୁକ୍ତ ଏକମାତ୍ର ବ୍ୟକ୍ତି ହେଉଛନ୍ତି ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆର ଗଭର୍ନର ବୋର୍ଡର ମହାସଚିବ ଆର୍.କେ. ବସ୍ସ। ସେ ମଧ୍ୟ ତିନିବର୍ଷ ପାଇଁ ଆୟୋଗର ସଚିବ ଭାବରେ ନିଯୁକ୍ତ ହୋଇଥିଲେ।

### ସେବିରେ ଉତ୍ତରାଧିକାରୀ ଖୋଜା

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷ ଅଜୟ ତ୍ୟାଗୀଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେବାକୁ ଯାଉଥିବା ବେଳେ ତାଙ୍କ ଉତ୍ତରାଧିକାରୀ ଖୋଜା ଜୋର୍‌ସୋର୍‌ରେ ଆରମ୍ଭ ହୋଇଛି। ହିମାଚଳ ପ୍ରଦେଶ କ୍ୟାଡରର ୧୯୮୪-ବ୍ୟାଚ୍ ଆଇଏଏସ୍ ଅଧିକାରୀ ତ୍ୟାଗୀଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀରେ ପୂରୁଥିଲା। କିନ୍ତୁ ଜାରି ରହିଥିବା କୋଭିଡ୍-୧୯ ମହାମାରୀ ଜନିତ ସଂକଟ ହେତୁ ନିୟାମକଙ୍କ ନିରନ୍ତରତା ରକ୍ଷା କରିବାକୁ ଯାଇ ତାଙ୍କ କାର୍ଯ୍ୟକାଳ ଛଅମାସ ବୃଦ୍ଧି କରାଯାଇଥିଲା। ସୂଚନାନୁସାରେ, ତ୍ୟାଗୀଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବରେ ଅନେକ ନାମ ଚର୍ଚ୍ଚାକୁ ଆସୁଛି। ସେମାନଙ୍କ ମଧ୍ୟରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍‌ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଆଇବିବିଆଇ) ଅଧ୍ୟକ୍ଷ ମଧୁସୂଦନ ସାହୁ ଏବଂ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ଥିବା ମାଧବୀ ପୁରୀ ବୁଚ୍ ଅଛନ୍ତି। ତା'ଛଡ଼ା ପୂର୍ବତନ କର୍ପୋରେଟ୍ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସଙ୍କ ସହ ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର କିଛି ଅଧିକାରୀ ମଧ୍ୟ ଅଛନ୍ତି। ପ୍ରକାଶ ଥାଉକି, ସରକାର ତ୍ୟାଗୀଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ ଫେବୃୟାରୀରେ କେତେକ ସମ୍ଭାବ୍ୟ ପ୍ରାର୍ଥୀଙ୍କ ଆଶା ଧୂଳିସାତ୍ କରିଦେଇଥିଲେ। ସେ ତାଲିକା ବର୍ତ୍ତମାନ ପୁଣି ସଂଶୋଧିତ ହେବ କି? ଏଥିରେ କେବଳ ବାବୁମାନେ ଅନ୍ତର୍ଭୁକ୍ତ ହେବେ କି? ତେବେ ଏସବୁ ଜାଣିବା ପାଇଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ।

### ମେଣ୍ଟରେ ଫାଟ ନା ଆଉ କିଛି

ମୁମ୍ବାଇ ପୋଲିସ ମୁଖ୍ୟ ପରମବୀର ସିଂ ନିକଟରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ କୌଣସି ସୂଚନା ନ ଦେଇ ୧୦ ଜଣ ଡେପୁଟି କମିଶନରଙ୍କୁ ବଦଳି କରିଥିଲେ। ଏହି ପଦକ୍ଷେପ ବିଷୟରେ ଜାଣିବା ପରେ ଠାକ୍‌ରେ ତୁରନ୍ତ ରାଜ୍ୟ ଗୃହ ବିଭାଗକୁ ବଦଳି ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଅବଗତି ବିନା ଏତେ ସଂଖ୍ୟକ ଡିସିପିଙ୍କୁ ବଦଳି କରିବା ପରମବୀରଙ୍କ ପକ୍ଷେ ଅନୁଚିତ ଥିଲା। କିନ୍ତୁ ପରେ ଜଣାପଡିଲା ଯେ, ପରମବୀର ଗୃହମନ୍ତ୍ରୀ ଅନିଲ ଦେଶ୍‌ମୁଖଙ୍କୁ ବଦଳି ବାବଦରେ ସୂଚନା ଦେଇଥିଲେ। କିନ୍ତୁ ସେ ଠାକ୍‌ରେଙ୍କୁ ଏହା ଜଣାଇ ନ ଥିଲେ। ଠାକ୍‌ରେଙ୍କ ମେଣ୍ଟ ସହଯୋଗୀ ଜାତୀୟ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାରଙ୍କୁ କ୍ରୋଧିତ ମୁଖ୍ୟମନ୍ତ୍ରୀଙ୍କୁ ଶାନ୍ତ କରିବାର ଥିଲା। ସୂଚନାନୁସାରେ, ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଦେଶ୍‌ମୁଖ ଯୁକ୍ତି ବାଢ଼ିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ନ ଜଣାଇ ଅଧିକାରୀଙ୍କୁ ସ୍ଥାନାନ୍ତର କରିବା ମୁମ୍ବାଇ ପୋଲିସ କମିଶନରଙ୍କ କ୍ଷମତା ମଧ୍ୟରେ ଅଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମତ ପ୍ରକାଶ କରିଛି ଯେ, ଏହା ରୁଲ୍‌ବୁକ୍ ନୁହେଁ ବରଂ ପରମ୍ପରା ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ, ଅର୍ଥାତ୍ ଘୋଷଣା ପୂର୍ବରୁ ଠାକ୍‌ରେଙ୍କ ସହ ବଦଳି ବିଷୟରେ ଆଲୋଚନା କରିବା ଉଚିତ। ତେବେ ଏହା କ'ଣ ସୂଚାଇ ଦେଉଛି କି ମହାରାଷ୍ଟ୍ରରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାରରେ ଭାଗୀଦାରି ଦଳଗୁଡ଼ିକ ଭିତରେ ଫାଟ ସୃଷ୍ଟି ହୋଇଛି, ଯେଉଁଥିପାଇଁ ଭାଗୀଦାରମାନେ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଉ ପରସ୍ପର ଆଖି ସହ ଆଖି ମିଳାଇ ଆଲୋଚନା କରୁ ନାହାନ୍ତି?

Email: dilipcherian@gmail.com

# ସରକାରଙ୍କ ଆଭିମୁଖ୍ୟ– ଚାହିଦା ନା ସମ୍ପୂର୍ଣ୍ଣ ଚାହିଦା



ଡ. ପ୍ରୀତିଶ କୁମାର ସାହୁ

ଯେଉଁ ସମୟରେ ବ୍ୟବସାୟିକ ମାନ୍ଦାବସ୍ଥା ଦେଖାଯାଏ, ଉତ୍ପାଦନ କମ୍ ହୁଏ, ବେରୋଜଗାରୀ ବଢ଼ିଚାଲେ ଏବଂ ଅଧିକ ସଂଖ୍ୟକ ପରିବାର ସରକାରୀ ସୁବିଧାର ପ୍ରତୀକ୍ଷାରେ ଥାଆନ୍ତି, ସେ ସମୟରେ ଅର୍ଥନୀତିରେ ସ୍ୱୟଂ ପ୍ରତ୍ୟାବର୍ତ୍ତନ ହେବ ତାହା ନୁହେଁ, ବରଂ ଅର୍ଥନୈତିକ ଗତିବିଧିକୁ ବେଗ ଦେବାପାଇଁ ଏକ ବୃହତ୍ ନୀତିର ଆବଶ୍ୟକତା ପଡ଼ିଥାଏ। ଲକ୍‌ଡାଉନ୍‌ର ପ୍ରାରମ୍ଭରୁ ଏହା ଗୋଟିଏ ପ୍ରକାର ସ୍ପଷ୍ଟ ଥିଲା ଯେ, ସରକାର ଏବଂ ରିଜର୍ଭ ବ୍ୟାଙ୍କ ଆଜିର କରୋନା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ବିଭିନ୍ନ ପଦକ୍ଷେପ ତଥା ରାଜକୋଷୀୟ ଏବଂ ମୌଦ୍ରିକ ନୀତିର ପ୍ରୟୋଗ କରିବେ। ରାଜକୋଷୀୟ ନୀତି ସ୍ୱଳ୍ପ ସମୟ ମଧ୍ୟରେ ଫଳପ୍ରଦ ହୋଇଥିବାବେଳେ ମୌଦ୍ରିକ ନୀତି ଫଳପ୍ରଦ ହେବାପାଇଁ ଟିକେ ଅଧିକ ସମୟ ଲାଗିଥାଏ।

ଫେବୃୟାରୀ ୨୦୨୦ର ୮ଟି କୋର୍ ସେକ୍ଟରର ଡାଟା ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଯେ, ଭାରତର ଅର୍ଥନୀତି ଏକ ଉଚ୍ଚତର ଅଭିବୃଦ୍ଧି ଆଡ଼କୁ ଗତି କରୁଥିବାବେଳେ କରୋନା ମହାମାରୀ ଏବଂ ପରବର୍ତ୍ତୀ କାଳରେ ଲକ୍‌ଡାଉନ୍ ଏହି ଗତିବିଧିରେ ପ୍ରତିରୋଧକ ସୃଷ୍ଟି କରିଥିଲା। ଏହା ସ୍ୱୀକାରଯୋଗ୍ୟ ଯେ, କୋଭିଡ୍-୧୯ ସମ୍ପ୍ରସାରଣକୁ ରୋକିବାକୁ ଯାଇ ସରକାରଙ୍କ ଲକ୍‌ଡାଉନ୍‌ର ପ୍ରଭାବରେ କୋର୍ ସେକ୍ଟର ସମେତ ଅନ୍ୟ ସମସ୍ତ ସେକ୍ଟର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କୃଷି ପାଖରୁ ଆରମ୍ଭକରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବୃହତ୍ ଶିଳ୍ପର ଉତ୍ପାଦନ ହ୍ରାସ ହେବା ସହିତ ବେରୋଜଗାରୀ ମଧ୍ୟ ବଢ଼ିଯାଇଛି। ଲକ୍‌ଡାଉନ୍ ଦ୍ୱାରା ଭାରତର ଅର୍ଥନୀତି ଏବଂ ଅର୍ଥନୈତିକ ଗତିବିଧିରେ ମନ୍ଥରତା ଆସିଛି ସତ, କିନ୍ତୁ ଏହାଦ୍ୱାରା ଭାରତରେ କରୋନାର ସମ୍ପ୍ରସାରଣ ଅନେକ ମାତ୍ରାରେ ରୋକିବା ସହିତ ସ୍ୱାସ୍ଥ୍ୟଜନିତ ଭିତ୍ତିଭୂମି ମଧ୍ୟ ସୁଦୃଢ଼ ହୋଇଛି। ଚଳିତ ଫେବୃୟାରୀ ମାସରେ ୮ଟି କୋର୍ ସେକ୍ଟରର ଅଭିବୃଦ୍ଧି ବିଗତ ୧୧ ମାସ ମଧ୍ୟରେ ସର୍ବାଧିକ ୫.୫ ପ୍ରତିଶତ ହୋଇଥିଲା, ଯାହା କି ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ବେଗ ଦେବାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ମାର୍ଚ୍ଚ ମାସରେ ତଳକୁ ଖସି –୯ପ୍ରତିଶତ, ଏପ୍ରିଲରେ ସର୍ବନିମ୍ନ –୩୮ପ୍ରତିଶତ ହୋଇଥିବାବେଳେ ମେ' ମାସରେ ଏହି କୋର୍ ସେକ୍ଟରର ଅଭିବୃଦ୍ଧି –୨୩.୪ପ୍ରତିଶତ ହୋଇଥିଲା। ଯଦି ଏହି ସମୟରେ ଭାରତର ଆର୍ଥିକ ଗତିବିଧି କୋର୍ ସେକ୍ଟର ଗତିବିଧିଠାରୁ ଆହୁରି ଅଧିକ ମାତ୍ରାରେ ଧିମି ହୋଇଥାଏ, ଅର୍ଥାତ୍ ଆନୁମାନିକ ହିସାବରେ ଯଦି ଭାରତର ସବୁ ଆର୍ଥିକ ଗତିବିଧି ୫୦ପ୍ରତିଶତ କମ୍ ହୋଇଥାଏ ତା'ହେଲେ ହିସାବ କଲେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସମୟରେ (ମେ ୩୧ ସୁଦ୍ଧା) ଭାରତର ଜିଡିପି ପ୍ରାୟତଃ ୨୭୫ ବିଲିଅନ୍ ଡଲାରର କ୍ଷତି ହୋଇଛି। ଅନ୍ୟପକ୍ଷରେ ସରକାର ପର୍ଯ୍ୟାୟ କ୍ରମେ ରାଜକୋଷୀୟ ଏବଂ ମୌଦ୍ରିକ ନୀତିର ପ୍ରୟୋଗ କରି ଏପର୍ଯ୍ୟନ୍ତ ୨୦.୯୭ ଲକ୍ଷ କୋଟି (ଅର୍ଥାତ୍ ୨୭୬ ବିଲିୟନ୍ ଡଲାର) ଟଙ୍କାର ବୃହତ ପ୍ୟାକେଜ୍ ଘୋଷଣା କରିଥିଲେ, ଯାହା କି ଭାରତର ଜିଡିପିର ପ୍ରାୟ ୧୦ପ୍ରତିଶତ। ଅର୍ଥାତ୍ ସରକାରଙ୍କ ଦ୍ୱାରା ଘୋଷିତ ପ୍ୟାକେଜ୍ ପ୍ରାୟତଃ ଏହି ସମୟର ଜିଡିପି କ୍ଷତି ସହିତ ସମାନ। ପରବର୍ତ୍ତୀ ସମୟରେ ସରକାର ଅତିରିକ୍ତ ୯୦,୦୦୦କୋଟି ଟଙ୍କାର ବ୍ୟୟରେ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଗାମୀ ୫ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଏକ ଦୃଷ୍ଟିରୁ ଦେଖିବାକୁ ଗଲେ ଯେଉଁ ସମୟରେ ବହୁମାତ୍ରାରେ ବାଣିଜ୍ୟ ଏବଂ ଶିଳ୍ପାନୁଷ୍ଠାନ ବନ୍ଦ୍ ହୋଇପଡ଼ିଛି ଏବଂ ଅନେକ ପ୍ରବାସୀ ନିଜ ନିଜ ଜାଗାକୁ ଫେରିଆସିଛନ୍ତି, ସେ ସମୟରେ ପ୍ରଶ୍ନ ଉଠୁଛି କି– ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ କ'ଣ ରହିବା ଦରକାର? ଅର୍ଥାତ୍, କେବଳ ଚାହିଦାକୁ ପ୍ରୋତ୍ସାହନ ଦେବାଲାଗି ଲୋକମାନଙ୍କ ହାତରେ କିଛି ଅର୍ଥ ନା ଚାହିଦା ସହିତ ବ୍ୟବସାୟ, ରୋଜଗାରୀ ଏବଂ ଆୟ କରିବାର ଉପାୟକୁ ମଧ୍ୟ ଠିକ୍ ପ୍ରୋତ୍ସାହନ ଏବଂ ସହାୟତା ଦେବା ଦରକାର। ଅନ୍ୟପକ୍ଷରେ, କେବଳ ଲୋକମାନଙ୍କ ହାତରେ ଅର୍ଥ ପହଞ୍ଚିଲେ ତାହା ତୁରନ୍ତ ଖର୍ଚ୍ଚ ହେବ ଏହା କହିବା ଠିକ୍ ହେବ ନାହିଁ କାରଣ – ଆଜିପରି ଏକ ଅନିର୍ଦ୍ଦିଷ୍ଟ ପରିସ୍ଥିତିରେ ଲୋକମାନେ ସେହି ଅର୍ଥକୁ ବର୍ତ୍ତମାନ ସ୍ୱଳ୍ପ ମାତ୍ରାରେ ଖର୍ଚ୍ଚ କରି ଭବିଷ୍ୟତ ପାଇଁ ଏକ ସତର୍କତା ପୂର୍ବକ ସଞ୍ଚୟ ମଧ୍ୟ କରିପାରନ୍ତି। ଅର୍ଥାତ୍ ଏହି ଅର୍ଥ ଅର୍ଥବ୍ୟବସ୍ଥାକୁ ନ ଫେରି ସଞ୍ଚିତ ହେଲେ ତାହା ସରକାରଙ୍କ ଅର୍ଥନୈତିକ ପୁନରୁଦ୍ଧାର ଉଦ୍ଦେଶ୍ୟ ପୂରା କରିପାରିବ ନାହିଁ। ତେଣୁକରି ଅର୍ଥବ୍ୟବସ୍ଥାକୁ ଏକ ସମ୍ପୂର୍ଣ୍ଣ ଗତିଦେବା ପାଇଁ ହେଲେ କେବଳ ଚାହିଦା ନୁହେଁ ବରଂ ସମ୍ପୂର୍ଣ୍ଣ ଚାହିଦାକୁ ଗୁରୁତ୍ୱ ଦେବାର ଆବଶ୍ୟକ ଅଛି। ଏହା ଚାହିଦା ସହିତ କାର୍ଯ୍ୟରତ ପୁଞ୍ଜି ଏବଂ ପୁଞ୍ଜିଲଗାଣକୁ ମଧ୍ୟ ପ୍ରୋତ୍ସାହନ ଦେବାରେ ସହାୟକ ହେବ, ଯାହା କି ମଧ୍ୟମ ଏବଂ ଦୂରଦୃଷ୍ଟି ଲକ୍ଷ୍ୟ ତଥା ରୋଜଗାରୀ ଆୟ ଏବଂ ସ୍ୱୟଂସମ୍ପନ୍ନ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ଏହା ମୁଖ୍ୟ କାରଣ ହୋଇଥାଇପାରେ କି ସରକାରଙ୍କ ଆର୍ଥିକ ପଦକ୍ଷେପ କେବଳ ଲୋକମାନଙ୍କ କ୍ରୟଶକ୍ତି ବଢ଼ାଇବା ପାଇଁ ତାହା ନୁହେଁ ବରଂ କୃଷି ପାଖରୁ ଆରମ୍ଭକରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ବ୍ୟବସ୍ଥାନ ପ୍ରତିଷ୍ଠାନକୁ ସହାୟକ ହେବ, ଯାହା ଆଗାମୀ ଦିନରେ କର୍ମନିଯୁକ୍ତି ସହିତ ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ଏବଂ ଭାରତର ଅର୍ଥନୀତିକୁ ଗତି ଦେବାରେ ସହାୟକ ହେବ।

ଏପରି କି ଇତିହାସର ଅନେକ ଆର୍ଥିକ ସଙ୍କଟ ଆଜିର ସଙ୍କଟଠାରୁ ବହୁମାତ୍ରାରେ ଅଲଗା ଏବଂ ଏହି ପରିସ୍ଥିତିରେ ମୁକାବିଲା ମଧ୍ୟ ଭିନ୍ନ ହେବାର ଅନେକ ଯଥାର୍ଥତା ଅଛି। ଉଦାହରଣ ସ୍ୱରୂପ – ଆମେରିକାର ମହା ଆର୍ଥିକ ସଙ୍କଟ (ଗ୍ରେଟ୍ ଡିପ୍ରେସନ୍) ସମୟରେ ଯଦିବା ଆର୍ଥିକ ସୁଧାରୀକରଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଥିଲେ କିନ୍ତୁ ଏହା ସତ ଯେ ସରକାର ବହୁମାତ୍ରାରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ମଧ୍ୟ କମ୍ କରିଥିଲେ। କିନ୍ତୁ ଆଜିର ପରିସ୍ଥିତିରେ ଅର୍ଥନୈତିକ ସୁଧାରୀକରଣ ସହିତ ସ୍ୱାସ୍ଥ୍ୟକ୍ଷେତ୍ରକୁ ଟିକେ ମାତ୍ର ଅବହେଳା କରିହେବ ନାହିଁ। ଏହା ପ୍ରାୟ ସୁନିଶ୍ଚିତ ଯେ, ଏହି ମହାମାରୀ ଆଗାମୀ କିଛି ସପ୍ତାହ ମଧ୍ୟରେ ଲୋପ ପାଇବ ନାହିଁ ଏବଂ ଏହା ଅନେକ ମାସ ପର୍ଯ୍ୟନ୍ତ ଲାଗି ରହିବ। ତେଣୁକରି, ଅର୍ଥନୈତିକ ଗତିବିଧି ପାଇଁ ବର୍ତ୍ତମାନର ସ୍ୱଳ୍ପ ସମୟର ଚାହିଦାର ଆବଶ୍ୟକତା ସହିତ ଆଗାମୀ ଦିନର ଆୟ, ରୋଜଗାରୀ ଏବଂ ଜିଡିପି ଅଭିବୃଦ୍ଧି ଉପାୟକୁ ଗୁରୁତ୍ୱ ଦେବାର ଆବଶ୍ୟକତା ଅତି ଜରୁରୀ। କେବଳ ବର୍ତ୍ତମାନର ଚାହିଦା ଆଗାମୀ ଦିନରେ ଭାରତର ଜିଡିପିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚିବା ପାଇଁ ସକ୍ଷମ ହେବ ବା ଭାରତକୁ ବିଶ୍ୱର ତିନି ବୃହତ ଅର୍ଥନୀତି ମଧ୍ୟରେ ସାମିଲ କରିବାରେ ସକ୍ଷମ ହେବାରେ ସମ୍ଭବ ହେବ ନାହିଁ। ଆଜିର ପରିସ୍ଥିତିକୁ ଦେଖି ଏହା ଏଡ଼ାଇ ଦିଆଯାଇପାରିବ ନାହିଁ ଯେ ଆଗାମୀ ଦିନରେ ଅନେକ ଦେଶଗୁଡ଼ିକର ବାଣିଜ୍ୟ କାରବାର ଆହୁରି ସଂକୁଚିତ ହେବ। ଅର୍ଥାତ୍, ଭାରତର ଆୟ ରପ୍ତାନିରୁ କମ୍ ହେବା ସହିତ ଅନ୍ୟ ଦେଶଗୁଡ଼ିକ ଉପରେ ଭାରତର ଅର୍ଥନୈତିକ ନିର୍ଭରତା ସଙ୍କୁଚିତ ହୋଇପାରେ। ଏହି ସମୟରେ ବାହ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି ସରକାରୀ ନୀତି ଅଧିକ ଆଭ୍ୟନ୍ତରୀଣ ଚାହିଦା ଓ ଉତ୍ପାଦନ ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ଅଛି।

ଅପରପକ୍ଷରେ ସରକାରଙ୍କ ଏହିସବୁ ଆଭ୍ୟନ୍ତରୀଣ ନୀତି ଠିକ୍ ଭାବରେ ତଳ ସ୍ତରରେ ପ୍ରତିଫଳିତ ହେବା ଦରକାର। ଅର୍ଥାତ୍, ଏହାର ସମ୍ପାଦନ ପାଇଁ ପ୍ରଶାସନିକ କ୍ଷେତ୍ରର ତତ୍ପରତା ପାଖରୁ ଆରମ୍ଭ କରି ବ୍ୟାଙ୍କର ଋଣ ଦେବାର ଇଚ୍ଛାଶକ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଠିକ୍ ସମନ୍ୱୟ ଏବଂ ନିବେଶକମାନଙ୍କ ଇଚ୍ଛାଶକ୍ତିର ଭୂମିକା ବହୁତ ଜରୁରୀ। ଏହି ମହାମାରୀର ଗଭୀରତା ଦେଖି ଲାଗୁଛି ଯେ ଆଗାମୀ ଦିନରେ ମଧ୍ୟ ସରକାର ଓ ରିଜର୍ଭ ବ୍ୟାଙ୍କ ଏପରି ଅନେକ (ରାଜକୋଷୀୟ ଏବଂ ମୌଦ୍ରିକ) ନୀତିର ପ୍ରୟୋଗ ବା ସରଳତା ଆଣିବେ ଯାହା ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ବେରୋଜଗାରୀ ସମସ୍ୟାକୁ ଦୂର କରିବାରେ ସହାୟକ ହେବ।

ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭରସିଟି,
ଭୁବନେଶ୍ୱର, ମୋ:୭୩୮୧୭୩୩୧୮୭

# ପରିବାର ନିୟନ୍ତ୍ରଣରେ ମହିଳାଙ୍କ ପ୍ରାଧାନ୍ୟ ଲୋଡ଼ା



ଡା. ଶୁଭଶ୍ରୀ ମିଶ୍ର

ଆଜି ୱାର୍ଲ୍ଡ ପପୁଲେଶନ ଡେ' ବା ବିଶ୍ୱ ଜନସଂଖ୍ୟା ଦିବସ। ପ୍ରତିବର୍ଷ ସମଗ୍ର ବିଶ୍ୱରେ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ। ଜନସଂଖ୍ୟାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୮୯ରେ ପ୍ରଥମେ ୟୁଏନ୍‌ଡିପିର ଗଭର୍ନିଂ କାଉନ୍‌ସିଲ ଜନସଂଖ୍ୟା ବିସ୍ଫୋରଣ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସାମଗ୍ରିକ ବିକାଶ କ୍ଷେତ୍ରରେ ଏହାର ପ୍ରଭାବ ଓ ଗୁରୁତ୍ୱକୁ ଉପଲବ୍ଧି କରି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜୁଲାଇ ୧୧କୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲା। ପ୍ରତିବର୍ଷ ପ୍ରାୟ ଦେଢ଼ କୋଟି କିଶୋରୀ ୧୮ ବର୍ଷ ବୟସରେ ସନ୍ତାନ ପ୍ରସବ କରୁଥିବା ବେଳେ ୩୨ ଲକ୍ଷ କିଶୋରୀ ଅସୁରକ୍ଷିତ ଗର୍ଭପାତ ଯୋଗୁ ଅସୁସ୍ଥ ହୋଇପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗତ ୨୦୧୩ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ 'କୈଶୋରରେ ଗର୍ଭଧାରଣ' ପ୍ରସଙ୍ଗକୁ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଜନସଂଖ୍ୟା ଦୃଷ୍ଟିକୋଣରୁ ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ସ୍ଥାନରେ ରହିଛି। ତେବେ ସରକାରୀ ବ୍ୟବସ୍ଥାରେ ଜନସଂଖ୍ୟା ସମ୍ପର୍କିତ ବିଭିନ୍ନ ସଚେତନାତ୍ମକ ତଥ୍ୟ ପ୍ରସାରଣ ହେଉଥିବାରୁ ଏହା ସ୍ୱାଭାବିକ ଭାବେ ସମାଜରେ ପ୍ରଭାବ ପକାଇବାକୁ କିଛି କ୍ଷେତ୍ରରେ ସମର୍ଥ ହେବ।

ଜାତିସଂଘ ଜନସଂଖ୍ୟା ପାଣ୍ଠିର ୨୦୧୯ ବିଶ୍ୱ ଲୋକସଂଖ୍ୟା ସ୍ଥିତି ରିପୋର୍ଟରେ ସତର୍କ କରାଇ ଦିଆଯାଇଛି ଯେ, ପୃଥିବୀରେ ମହିଳାଙ୍କୁ ନିଜ ଶରୀର ଉପରେ କର୍ତ୍ତୃତ୍ୱ ଦିଆଯିବାରେ ବିଫଳତା ଲିଙ୍ଗଗତ ତଥା ଅନ୍ୟାନ୍ୟ ଅସମାନତା ସମସ୍ୟାକୁ ଉତ୍କଟ କରିବ। ଏଥିରେ ଦର୍ଶାଯାଇଛି, ସମଗ୍ର ପୃଥିବୀରେ ମହିଳା ତଥା ବାଳିକାମାନଙ୍କୁ ଯୌନଗତ ବ୍ୟାପାର, ଗର୍ଭନିରୋଧ, ଗର୍ଭଧାରଣ ଓ ସନ୍ତାନ ଜନ୍ମ କ୍ଷେତ୍ରରେ ନିଷ୍ପତ୍ତି ନେବାକୁ ସୁଯୋଗ ଦିଆଯାଉନାହିଁ। ଏଣୁ ସେମାନେ ଅନିଚ୍ଛାକୃତ ଗର୍ଭଧାରଣ ଓ ଗର୍ଭପାତର ବିପଦରେ ପଡୁଛନ୍ତି। ଫଳତଃ ପ୍ରତିବର୍ଷ ବିଶ୍ୱରେ ୮୯ ନିୟୁତ ଅନିଚ୍ଛାକୃତ ଗର୍ଭଧାରଣ ଓ ୪୮ ନିୟୁତ ଗର୍ଭପାତ ହେଉଛି ବୋଲି ଏଥିରେ କୁହାଯାଇଛି। ଗରିବ ପରିବାରଗୁଡ଼ିକରେ ମହିଳାମାନେ କେବେ ଓ କେତେ ଶୀଘ୍ର ଗର୍ଭବତୀ ହେବେ ସେ ସମ୍ପର୍କରେ ସେମାନଙ୍କର କୌଣସି ପସନ୍ଦର ଅଧିକାର ନାହିଁ। ଅନ୍ୟପକ୍ଷରେ ଗର୍ଭପାତ ଓ ସନ୍ତାନ ଜନ୍ମ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର କୌଣସି ସୁଯୋଗ ସେମାନଙ୍କୁ ମିଳୁନାହିଁ। ଏ କାରଣରୁ ଜନ୍ମ ନିୟନ୍ତ୍ରଣ ସୁବିଧା ମହିଳାଙ୍କୁ ମିଳିବା ଆବଶ୍ୟକ ବୋଲି ରିପୋର୍ଟରେ ଯୁକ୍ତି କରାଯାଇଛି। ତା'ହେଲେ ଜଣେ ମହିଳା ଗର୍ଭଧାରଣର ସମୟକୁ ନିଜ ଇଚ୍ଛା ଅନୁସାରେ ବିଳମ୍ବିତ କରିପାରିବ, ଯଦ୍ୱାରା ପ୍ରତି ସନ୍ତାନ ପାଇଁ ସେ ଠିକ୍ ସମୟ ଦେଇପାରିବ। ଏଥିଯୋଗୁଁ ଗର୍ଭବତୀ ମହିଳା ଓ ନବଜାତ ଶିଶୁର ମୃତ୍ୟୁହାରକୁ ମଧ୍ୟ ନିୟନ୍ତ୍ରଣ କରିହେବ। ବଡ଼କଥା ହେଲା, ମହିଳା

### ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ

ଜଣକ ପରିବାରର ଆର୍ଥିକ ପ୍ରଗତିରେ ସାହାଯ୍ୟ କରିବା ପାଇଁ ଘର ବାହାରେ ନିଯୁକ୍ତ ହୋଇପାରିବେ।

ପୃଥିବୀର ଯେଉଁସବୁ ଇଲାକାରେ ସଂଘର୍ଷ ଲାଗି ରହୁଛି ସେ ଅଞ୍ଚଳରେ ପରିବାର ନିୟନ୍ତ୍ରଣ ଓ ଆବଶ୍ୟକ ପୁନରୁତ୍ପାଦନକାରୀ ସ୍ୱାସ୍ଥ୍ୟ ସାମଗ୍ରୀ ମିଳିବା କଷ୍ଟକର। ଜାତିସଂଘ ଜନସଂଖ୍ୟା ପାଣ୍ଠି ଏସବୁ ଅଞ୍ଚଳରେ ମହିଳାଙ୍କୁ ଉପରୋକ୍ତ ସୁବିଧା ଯୋଗାଇବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ଅର୍ଥ ଅଭାବ ଏଥିରେ ବାଧକ ହେଲାଣି। ଏହି ସଂସ୍ଥାକୁ ଆମେରିକା ବେଶି ଅର୍ଥ ଦିଏ। କିନ୍ତୁ ଏ ବର୍ଷ ଆମେରିକା କହିଛି ଯେ,ଏହା ବନ୍ଦ କରାଯିବ। ଅନ୍ୟ ଦାତାମାନେ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ଯଥେଷ୍ଟ ହୋଇ ନ ପାରେ। ଭାରତରେ ସବୁ ସରକାର ପରିବାର ନିୟୋଜନ କାର୍ଯ୍ୟକ୍ରମ ପାଇଁ ସମସ୍ତ ସହାୟତା ଦେଇଆସିଛନ୍ତି। କିନ୍ତୁ ଦେଖାଯାଉଛି ଯେ, ମହିଳାମାନଙ୍କୁ ଯଥେଷ୍ଟ ଗର୍ଭନିରୋଧକ ମିଳୁନାହିଁ। ୧୫ରୁ ୪୯ ବୟସ ମଧ୍ୟରେ ଦେଶରେ ଥିବା ମହିଳାମାନଙ୍କ ପାଇଁ ଗର୍ଭନିରୋଧକ ଯୋଗାଣ ହାର ମାତ୍ର ୫୬ ପ୍ରତିଶତ। ଆଧୁନିକ ଗର୍ଭନିରୋଧକ ପ୍ରକ୍ରିୟାର ସୁବିଧା ମାତ୍ର ୫୦ ପ୍ରତିଶତ ମିଳୁଛି। ଭାରତୀୟଙ୍କ ମଧ୍ୟରେ ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଦାୟିତ୍ୱ ବେଶି। ଅସ୍ତ୍ରୋପଚାର କ୍ଷେତ୍ରରେ ପୁରୁଷମାନେ ଏହାକୁ ପସନ୍ଦ ନ କରି ସ୍ତ୍ରୀମାନଙ୍କୁ ଏଥିପାଇଁ ପଠାଇ ଦିଅନ୍ତି। ଅସ୍ତ୍ରୋପଚାର ବାଦ୍ ଅନ୍ୟ ଗର୍ଭନିରୋଧକ ସୁବିଧା ଓ ଆନୁଷଙ୍ଗିକ ସ୍ୱାସ୍ଥ୍ୟଗତ ଆବଶ୍ୟକତା ମହିଳାଙ୍କୁ ଅଧିକ ପ୍ରାଧାନ୍ୟ ଦେବା ଦରକାର। ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ମହିଳାମାନେ ଯେପରି ସବୁ ସୁବିଧା ପାଇପାରିବେ ତାହା ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ। ତାହାଲେ ପ୍ରାୟ ଅନେକଗୁଡ଼ିଏ ପ୍ରସଙ୍ଗର ସମାଧାନ ବାହାରିପାରିବ। ଏଥିରେ ମାଆର ସ୍ୱାସ୍ଥ୍ୟ ଓ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଆଶଙ୍କା, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ତଥା ଲିଙ୍ଗଗତ ସମାନତା ସମ୍ପର୍କିତ ସମସ୍ୟା ଦୂର କରିବା ସହଜ ହେବ। ଯଦିଓ ଦେଶରେ ଜନ୍ମହାର କମୁଛି ତଥାପି ଲୋକସଂଖ୍ୟା ଅଧିକ ଥିବାରୁ ଯଥାଶୀଘ୍ର ଜନସଂଖ୍ୟାରେ ସ୍ଥିରତା ଆସିବା ଦରକାର। ଏଥିପାଇଁ ପରିବାର ନିୟନ୍ତ୍ରଣ ସେବା ସକାଶେ ଅର୍ଥ ବରାଦ ବଢ଼ାଯାଇ ଉଭୟ ପୁରୁଷ ତଥା ମହିଳାଙ୍କୁ ଏହାର ଉପକାର ସମ୍ପର୍କରେ ସଚେତନ କରାଯିବା ଲୋଡ଼ା। ଏଥିରେ ସବୁ ଜାତି ଓ ସମ୍ପ୍ରଦାୟ, ବିଭିନ୍ନ ଆର୍ଥିକ ବର୍ଗର ଲୋକଙ୍କୁ ସାମିଲ କରାଯିବା ଗୁରୁତ୍ୱପୂର୍ଣ୍ଣ। ପୁନରୁତ୍ପାଦନକାରୀ ସ୍ୱାସ୍ଥ୍ୟସେବାର ସୁବିଧା ସମସ୍ତଙ୍କୁ ମିଳିଲେ ତା'ର ଆର୍ଥିକ ଫାଇଦା ଅଧିକ ହେବ। ପରିବାର ନିୟନ୍ତ୍ରଣ ସେବାରେ ଗୋଟିଏ ଡଲାର ଖଟାଗଲେ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଗୃହ ନିର୍ମାଣ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ସେବା ୬ ଡଲାର ବଞ୍ଚାଇ ହେବ ବୋଲି ଅନୁଧ୍ୟାନରୁ ଜଣାଯାଇଛି। ଭାରତ କ୍ଷେତ୍ରରେ ବିଶେଷଜ୍ଞମାନେ ଦର୍ଶାଇଛନ୍ତି ଯେ, ଏଥିଯୋଗୁ ଆର୍ଥିକ ସଞ୍ଚୟ ଓ ମହିଳା ଉତ୍ପାଦିକା ଶକ୍ତି ବୃଦ୍ଧି ଦ୍ୱାରା ବର୍ଷକୁ ୪୩୦ ବିଲିୟନ ଡଲାର ଲାଭ ହେବ।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,
କଟକ, ମୋ:୯୮୬୧୪୬୩୪୦୬

## ଏଇ ଭାରତରେ

ଦୃଷ୍ଟିବାଧିତମାନେ ବି ଚାଷ କରିପାରିବେ। ଏହା ସମ୍ଭବ ହୋଇପାରିଛି ଗିରୀଶ ବଦ୍ରାଗୋଣ୍ଡଙ୍କ ଦ୍ୱାରା। ଗିରୀଶଙ୍କ ଘର କର୍ଣ୍ଣାଟକର ବିଜାପୁରରେ। ସେ ଚାଷ ମାଧ୍ୟମରେ ଦୃଷ୍ଟିବାଧିତଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ 'ବ୍ଲାଇଣ୍ଡ ଫାର୍ମିଂ ଟେକ୍‌ନୋଲୋଜି'ର ବିକାଶ କରିଛନ୍ତି। ବିଜାପୁରରେ ଗିରୀଶ କୃଷିତରଙ୍ଗ ଫାର୍ମ ଟେକ୍ କମ୍ପାନୀ ପ୍ରତିଷ୍ଠା କରି ଇଞ୍ଜିନିୟରିଂ ଛାତ୍ରମାନଙ୍କ ସହଯୋଗରେ ମେଶିନ ତିଆରି କରୁଛନ୍ତି। ମେଶିନଟି ସୋଲାର ପାୱାରରେ ଚାଲୁଛି। ଏଥିରେ ଡିଜିଟାଲ ଷ୍ଟିକ୍ ସମେତ ୧୬ଟି ଯନ୍ତ୍ର ଓ ସେନ୍‌ସର ଲାଗିଛି। ଏହାଦ୍ୱାରା ମାଟିର ଜଳୀୟ ଅଂଶ, ପୋଷକ ସ୍ତର ଓ ତାପମାତ୍ରା ସମ୍ପର୍କିତ ତଥ୍ୟକୁ ଏକ ଅଡିଓ ସିଷ୍ଟମ୍‌ରେ ଘୋଷଣା କରାଯାଇପାରୁଛି। ଏହି ବ୍ୟବସ୍ଥାରେ ସ୍ୱତନ୍ତ୍ର ଭାବେ ଜଳସେଚନ କରିବାକୁ ପଡୁନି। ମାଟିର ଜଳୀୟ ଅଂଶ କମିଗଲେ ଉକ୍ତ ମେଶିନ ପାଣି ମଡ଼ାଇପାରିବ। କୃଷକଙ୍କ ବିନା ଏହା ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରିପାରୁଛି। କ୍ଷେତକୁ ଜଗିବା ବ୍ୟବସ୍ଥା ବି ରହିଛି ଏଥିରେ। ଏହା ପକ୍ଷୀଙ୍କୁ କ୍ଷେତରୁ ତଡ଼ି ପାରୁଛି। କ୍ଷେତ ଭିତରକୁ କୌଣସି ବ୍ୟକ୍ତି କି ପଶୁ ପଶିଗଲେ ସତର୍କ କରିବା ଲାଗି ଏଥିରେ ଆଲାର୍ମ ସିଷ୍ଟମ ଲଗାଯାଇଛି। ଏହାର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏହି ଟେକ୍‌ନୋଲୋଜି ଉପରେ ଗିରୀଶ ଦୃଷ୍ଟିବାଧିତମାନଙ୍କୁ ମେଶିନ ଚଳାଇବା ସମ୍ବନ୍ଧରେ ପ୍ରଶିକ୍ଷଣ ଦେଉଛନ୍ତି ଓ ସେମାନେ ବି ସଫଳତାର ସହ ଚାଷ କରିପାରୁଛନ୍ତି। ପ୍ରଶିକ୍ଷଣ ପାଇ ବିଜାପୁରର ଦୃଷ୍ଟିବାଧିତ ସହଦେବ ସିନ୍ଧେ ଓ ମାରପ୍ପା ପୂଜାରୀ ୨ ଏକର ଜମିରେ କଦଳୀ, ଆମ୍ବ ଆଦି ଚାଷ କରୁଛନ୍ତି। ଗିରୀଶ ଆଗକୁ ଏକ ଟ୍ରେନିଂ ସେଣ୍ଟର ଖୋଲିବାକୁ ଯୋଜନା କରୁଛନ୍ତି। ସେ ଗ୍ରାମୀଣ ଆବିଷ୍କାରକ ଭାବେ ଜଣାଶୁଣା। ଏହା ପୂର୍ବରୁ ବି କୃଷି କ୍ଷେତ୍ରରେ ବହୁ ମେଶିନ୍ ଆବିଷ୍କାର କରି ପୁରସ୍କୃତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁଲାଇ ୧୯୯୫

- ଉତ୍ତର ବାଂଲାଦେଶରେ ପ୍ରବଳ ବନ୍ୟା ଯୋଗୁ ୨୦ ଜଣଙ୍କ ପ୍ରାଣହାନି।
- ୬ ବର୍ଷ ଧରି ଗୃହବନ୍ଦୀ ରହିବା ପରେ ମ୍ୟାନ୍‌ମାରର ଗଣତନ୍ତ୍ରବାଦୀ ନେତ୍ରୀ ନୋବେଲ ଶାନ୍ତି ବିଜୟିନୀ ଅଙ୍ଗ ସାନ୍ ସ୍ୟୁ କିଙ୍କୁ ଦେଶର ସାମରିକ ଶାସକ ବିନା ସର୍ତ୍ତରେ ମୁକ୍ତ କରିଦେଇଛନ୍ତି।
- ଜାପାନୀ ରିଲିଫ୍ ବୋଟ କିଣା ଦୁର୍ନୀତି ଘଟଣାରେ ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ହୁସେନ ମହମ୍ମଦ ଏର୍ସାଦଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ।
- ଶ୍ରୀଲଙ୍କା ସୈନ୍ୟବାହିନୀ ଦ୍ୱାରା ଏଲ୍‌ଟିଟିଇ ଘାଟି ଉପରେ ଜଳ, ସ୍ଥଳ, ଆକାଶ ମାର୍ଗରୁ ଆକ୍ରମଣ ହେବା ଫଳରେ ଶତାଧିକ ଉଗ୍ରପନ୍ଥୀ ନିହତ ହୋଇଥିବା ସାମରିକ ସୂତ୍ରରୁ ଜଣାପଡ଼ିଛି।

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି।
(ସେହି ମୁଁ ନିଜେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ|ଡୋ|କୁ

su | do | ku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | 2 | B | | | | 4 | | | | 8 | | |
| 9 | | | E | | 3 | 1 | B | | 0 | 7 | | C | | |
| | 0 | | | | | A | | | | | D | | | |
| | | 5 | | 4 | | | 8 | 9 | | | | | | |
| | | | | | 1 | | | | | 6 | | | B | 7 |
| B | | | | 5 | | 0 | 9 | 8 | | | E | | | C |
| | E | | | | 9 | | | | 4 | 8 | | | | |
| | A | 4 | 6 | | | | D | | | | | | | 8 |
| | 3 | | A | 1 | | 5 | | | | | C | | | D |
| | | 1 | | E | 0 | | 4 | B | D | | 7 | | | |
| | | | | 2 | | | | | | | | A | | |
| D | 1 | 8 | 9 | | 5 | | A | 6 | B | | | | 3 | |
| | 9 | | | C | 6 | | | 1 | | | 4 | | | |
| | | | | | | 4 | | 5 | 1 | E | 3 | | C | |
| | | | | A | B | 8 | | 7 | 6 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | A | 9 | 0 | 2 | B | 1 | D | 5 | E | 4 | C | 3 | 8 |
| D | 9 | C | 6 | A | 7 | E | 4 | 3 | 8 | 0 | B | 2 | 5 | 1 |
| 8 | 5 | 2 | 1 | 3 | B | C | 6 | 0 | 7 | 9 | D | E | 4 | A |
| 4 | 1 | 0 | E | 5 | C | 8 | 7 | A | 2 | 6 | 3 | 9 | B | D |
| 3 | B | E | D | 4 | 8 | 2 | 9 | 5 | C | A | 1 | 0 | 7 | 6 |
| 5 | C | 7 | 3 | 6 | 9 | 0 | A | 4 | 1 | B | 2 | 8 | D | E |
| A | D | 6 | 0 | C | 5 | 1 | 8 | E | 4 | 3 | 9 | 7 | 2 | B |
| 0 | 2 | B | 7 | E | 4 | 5 | D | C | A | 8 | 6 | 1 | 9 | 3 |
| 9 | 4 | 8 | 2 | B | 1 | 6 | 3 | 7 | E | D | 5 | A | 0 | C |
| 1 | E | 3 | 8 | D | A | 9 | 2 | B | 0 | 7 | C | 4 | 6 | 5 |
| B | 7 | 5 | 4 | 9 | D | A | E | 8 | 6 | C | 0 | 3 | 1 | 2 |
| 2 | 0 | 9 | C | 1 | E | 3 | 5 | 6 | D | 4 | A | B | 8 | 7 |
| 6 | A | 1 | 5 | 8 | 3 | 4 | C | 9 | B | 2 | 7 | D | E | 0 |
| E | 3 | D | A | 2 | 0 | 7 | B | 1 | 9 | 5 | 8 | 6 | C | 4 |
| C | 8 | 4 | B | 7 | 6 | D | 0 | 2 | 3 | 1 | E | 5 | A | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାଣଘାତୀ ଚାଇନା ଯନ୍ତ୍ର

ମହାଶୟ,

ବର୍ତ୍ତମାନ ସମସ୍ତଙ୍କ ହାତରେ ଶୋଭା ପାଉଥିବା ଦାମୀ ମୋବାଇଲ୍ ଫୋନ୍ ଜରିଆରେ ହ୍ୱାଟ୍ସଆପ୍ ବନ୍ଧୁତା ଏବଂ ପ୍ରତାରଣାଜନିତ ମାମଲା କିଛି କମ୍ ନୁହଁ। ଏହାପରେ ଚାଇନାରୁ ଆସିଥିବା ୪ଜି, ଟିକ୍‌ଟକ୍ ବ୍ୟବସ୍ଥାରେ କିଶୋର ଓ ଯୁବମହଲ ପାଗଳ ହୋଇ ଚିତ୍ର ଉତ୍ତୋଳନ କରିବା ପାଇଁ ନଦୀରେ ବୁଡ଼ି, ପାହାଡ଼ରୁ/ଗାଡ଼ିରୁ ପଡ଼ି ଜୀବନ ହରାଉଛନ୍ତି। ଯେଣୁ ଚାଇନା ଦେଶ ଆମ ଭାରତ ସହିତ ସୀମା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଏଣୁ ଆମେ ଚାଇନା ପ୍ରସ୍ତୁତ ସାମଗ୍ରୀ ସବୁ ବ୍ୟବହାର କରି ଚାଇନାର ଅର୍ଥନୀତିକୁ ସୁଦୃଢ଼ କରିବା ଉଚିତ କି? ପତ୍ରପ୍ରେରକର କିଶୋର ଓ ଯୁବପିଢ଼ିଙ୍କୁ ବିନୀତ ଅନୁରୋଧ ସେମାନେ ଟିକ୍‌ଟକ୍ ଛାଡ଼ି ଜ୍ଞାନର ଗନ୍ତାଘର ଏବଂ ହାତମୁଠାରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରୁଥିବା 'ଗୁଗ୍‌ଲ ସର୍ଚ୍ଚ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ମନଦେଇ ପାଠପଢ଼ିବା ଉଚିତ। ବିନା କାରଣରେ ମୋବାଇଲ୍ ବ୍ୟବହାର କ୍ଷତିକାରକ ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

### ମୋଦିଙ୍କ ମନ୍ତ୍ର କାର୍ଯ୍ୟକାରୀ ହେଉ

ପ୍ରଧାନମନ୍ତ୍ରୀ କରୋନା ପରିପ୍ରେକ୍ଷୀରେ ଯେଉଁ ମନ୍ତ୍ର ଦେଇଛନ୍ତି 'ଆତ୍ମ ନିର୍ଭର ଭାରତ' ତାହା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ। କରୋନା ଫଳରେ ଅନ୍ୟ ରାଜ୍ୟରୁ ଓ ବାହାର ଦେଶରୁ ଅନେକ ଲୋକ କର୍ମସଂସ୍ଥାନ ହରେଇ ନିଜ ଘରେ ପହଞ୍ଚିଛନ୍ତି। ଯେଉଁମାନେ ଦିନେ ବାହାରେ ଏବଂ ବିଦେଶରେ ରହି ଲକ୍ଷ ଲକ୍ଷ ଟଙ୍କା ବୁହାଇ ଆଣୁଥିଲେ, ଆଜି ସେ ପରିସ୍ଥିତି ବଦଳିଯାଇଛି। ବିଶ୍ୱରେ ପ୍ରାୟ ୫୦ କୋଟି ଲୋକ ସେମାନଙ୍କର ଜୀବିକା ହରାଇବା ସମ୍ଭାବନା ଦେଖାଦେଇଛି। କରୋନା ମାଡ଼ରେ ସାରା ଦୁନିଆ ତ୍ରାହି ତ୍ରାହି ଡାକିଲାଣି। ଅନେକ ଦେଶ ସେମାନଙ୍କ ଅର୍ଥନୀତି ସୁଧାରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏଭଳି ପରିସ୍ଥିତିରେ ଆମ ପ୍ରଧାନମନ୍ତ୍ରୀ ଯେଉଁ ଆତ୍ମନିର୍ଭର ଭାରତ କଥା କହିଛନ୍ତି ତାହାକୁ ଲୋକମାନେ ଗ୍ରହଣ କରି ନିଜର ବାଡ଼ିବଗିଚା, ବିଲ ଆଦିରେ କୃଷିକାର୍ଯ୍ୟ କରିବା, କୁଟୀରଶିଳ୍ପର ବିକାଶ କରିବା ଏବଂ ଆମେ କିପରି ନିଜର ସାଧନ ଅନୁଯାୟୀ ଉତ୍ପାଦନ କରି ନିଜର ଗୁଜୁରାଣ ମେଣ୍ଟାଇପାରିବା ସେ ଦିଗରେ ଧ୍ୟାନ ଦେବା ଉଚିତ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁକ୍ତାକାଶ କାରାଶ୍ରମରୁ ୭ କଏଦୀ ଖଲାସ

**ବାରଙ୍ଗ,୧୦।୭(ଡି.ଏନ୍.ଏ.):** ଯାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରୁ ଶୁକ୍ରବାର ଆଜୀବନ କାରାଦଣ୍ଡ ଭୋଗୁଥିବା ୭ଜଣ କଏଦୀଙ୍କୁ ଖଲାସ କରାଯାଇଛି। ସମ୍ବଲପୁର ସର୍କଲ ଜେଲରୁ ୨୦୧୫ରେ ଏଠାକୁ ଆସିଥିବା କାର୍ତ୍ତିକ ମୁଣ୍ଡା, ସୋନପୁର ଜେଲରୁ ୨୦୧୫ରେ ଆସିଥିବା କାଳିଚରଣ ନାୟକ, କଟକ ସର୍କଲ ଜେଲରୁ ୨୦୧୩ରେ ଆସିଥିବା ଅରୁଣ ସାହୁ, ଅନୁଗୋଳ ଜେଲରୁ ୨୦୧୭ରେ ଏଠାକୁ ଆସିଥିବା ପ୍ରଦୀପ ସାହୁ, ଢେଙ୍କାନାଳ ଜେଲରୁ ୨୦୧୫ରେ ଏଠାକୁ ଆସିଥିବା ତ୍ରିନାଥ ନାୟକ, ଅନୁଗୋଳ ଜେଲରୁ ୨୦୧୯ରେ ଏଠାକୁ ଆସିଥିବା ରମେଶ ପୋଡ, କୋରାପୁଟ ସର୍କଲ ଜେଲରୁ ୨୦୧୫ରେ ଆସିଥିବା ଭକ୍ତ ଗୌଡ କଏଦୀମାନଙ୍କ ଜେଲ ଭିତରେ ଉତ୍ତମ ବ୍ୟବହାର ଓ କାର୍ଯ୍ୟକଳାପ ଦେଖି ଖଲାସ କରାଯାଇଛି। ସେମାନେ ଖଲାସ ହେବାପରେ ଜେଲ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ, ଜେଲର ସ୍ମିତା ମହାନ୍ତି ଉପସ୍ଥିତ ରହି ସମସ୍ତଙ୍କୁ ବିଦାୟ ଦେଇଥିଲେ।

### ୧୫ ପୋଲିସ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ
### ୨ ଅଭିଯୁକ୍ତ ପଜିଟିଭ୍

**କଣ୍ଟାପଡ଼ା,୧୦।୭(ଡି.ଏନ୍.ଏ.):** ଓଲଟପୁର ଥାନା ଅଞ୍ଚଳରେ ୨ ଅଭିଯୁକ୍ତ କରୋନା ପଜିଟିଭ ଚିହ୍ନଟ ହୋଇନ୍ତି। ସଂକ୍ରମଣ ଆଶଙ୍କା କରି ଥାନାର ପ୍ରାୟ ୧୫ଜଣ କର୍ମଚାରୀଙ୍କ ଶୁକ୍ରବାର ସ୍ୱାବ ସଂଗ୍ରହ କରାଯାଇଛି। ଗତ ୪ ତରିଖରେ ଏକ ଜମିବାଡି ଗଣ୍ଡଗୋଳ ମାମଲାରେ ଅଡ଼ଶପୁର ପଞ୍ଚାୟତ ନଇକୂଳ ସାହିର ୨ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ପୂର୍ବରୁ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ କୋର୍ଟଚାଲାଣ କରିଥିଲା। କୋର୍ଟ ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଚୌଦ୍ୱାର ଜେଲକୁ ପଠା ଯାଇଥିଲା। ସେଠାରେ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ଗୁରୁବାର ଉଭୟଙ୍କ ରିପୋର୍ଟ ପଜିଟିଭ ଆସିଛି।

# ଲକ୍‌ଡାଉନ୍‌ରୁ ଲାଭ ଉଠାଉଛନ୍ତି ଯୁବ ଇଞ୍ଜିନିୟର

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ,୧୦।୭**


ପଲିଥିନ ଟାଙ୍କି ନିକଟରେ ବାପାଙ୍କ ସହ ଯୁବ ଇଞ୍ଜିନିୟର ସ୍ୱପ୍ନେଶ ମହାନ୍ତି।

- ପଲିଥିନ ଟାଙ୍କିରେ କରିଛନ୍ତି ମାଛ ଚାଷ
- ୬ ମାସରେ ମିଳିବ ୫ କ୍ୱିଣ୍ଟାଲ
- ଆପଣାଇଛନ୍ତି ବାୟୋଫ୍ଲକ୍ ପ୍ରଣାଳୀ

କରୋନା ଭୂତାଣୁ ଓ ଲକ୍‌ଡାଉନ୍, ଶଟ୍‌ଡାଉନଜନିତ ପରିସ୍ଥିତି ଯୋଗୁ ଅନେକେ ଚାକିରି ହରାଇ ବେରୋଜଗାର ହୋଇଯାଇଛନ୍ତି। ହଜାର ହଜାର ଲୋକ ହାତବାନ୍ଧି ହତାଶ ହୋଇ ବସିଛନ୍ତି। କିନ୍ତୁ ଏପରି ଏକ ସଙ୍କଟ ସମୟକୁ ସୁଯୋଗରେ ପରିଣତ କରିଦେଇଛନ୍ତି ଜଗତ୍‌ସିଂହପୁର ବ୍ଲକ ତରଡ଼ାପଡ଼ା ପଞ୍ଚାୟତ ଆନନ୍ଦପୁର ଗ୍ରାମର ଯୁବ ସଫ୍ଟୱେର ଇଞ୍ଜିନିୟର ସ୍ୱପ୍ନେଶ ମହାନ୍ତି (୩୨)। ମହାମାରୀ ପାଇଁ ବାଙ୍ଗାଲୋରସ୍ଥିତ ଏକ ସଫ୍ଟୱେର କମ୍ପାନୀରୁ ଗାଁକୁ ଫେରିଥିବା ସ୍ୱପ୍ନେଶ ଉନ୍ନତ ଜ୍ଞାନକୌଶଳ ତଥା ବାୟୋଫ୍ଲକ୍ ପ୍ରଣାଳୀରେ ପଲିଥିନ ଟାଙ୍କିରେ ମାଛ ଚାଷ କରି ଲକ୍ଷାଧିକ ଟଙ୍କା ଲାଭ କମାଇବା ଯୋଜନାରେ ରହିଛନ୍ତି।

ସ୍ୱପ୍ନେଶ କହିଛନ୍ତି, ବାଙ୍ଗାଲୋରରୁ ପଳାଇ ଆସିବା ପରେ ଘରେ ଅଯଥାରେ ବସି ସମୟ ନଷ୍ଟ କରିବାକୁ ଚାହିଁ ନ ଥିଲି। ତେଣୁ ଆଧୁନିକ ଜ୍ଞାନକୌଶଳରେ କି ଚାଷ କରି ଲାଭବାନ ହୋଇପାରିବି ସେ ନେଇ ଇଣ୍ଟରନେଟରେ ସର୍ଚ୍ଚ କରିଥିଲି। ଶେଷରେ ବାୟୋଫ୍ଲକ ଫିସ୍ ଫାର୍ମିଂ ପାଇଁ ନିଷ୍ପତ୍ତି ନେଇଥିଲି। ଏପ୍ରିଲ ୨୮ରେ ନିଜ ବାଡ଼ିରେ ମାତ୍ର ୪ ମିଟର ବ୍ୟାସ ଓ ୧.୩ ମିଟର ଉଚ୍ଚତାର ୨ଟି ଗୋଲେଇ ପଲିଥିନ କୁଣ୍ଡ କରି ସେଥିରେ ଭୁବନେଶ୍ୱର କୌଶଲ୍ୟାଗଙ୍ଗସ୍ଥିତ ସିଫାରୁ ୪ରୁ ୫ଗ୍ରାମ ଓଜନ ବିଶିଷ୍ଟ ୨ ହଜାର ରୁପ-ଚାନ୍ଦି ମାଛ ଯାଆଁଳ କିଣି ଛାଡିଥିଲି। ମାଛଗୁଡ଼ିକ ଏବେ ପାଖାପାଖି ୮୦ରୁ ୧୦୦ ଗ୍ରାମର ହୋଇଗଲେଣି। ଯାଆଁଳ ଯତ୍ନ ନେବା, ଦାନା ଦେବା, ପାଣିସ୍ତର ଠିକ୍ ରଖିବା, ପ୍ରତି ସପ୍ତାହରେ ଥରେ ପାଣିର ଟିଡିଏସ୍ ଯାଞ୍ଚ କରିବା ସହିତ ଆବଶ୍ୟକ ଔଷଧ ଯୋଗାଉଛି। ଆଉ ୩ରୁ ୪ ମାସରେ ପ୍ରତି ମାଛର ଓଜନ ୫ରୁ ୬ଶହ ଗ୍ରାମ ହୋଇଯିବା ଆଶା ରହିଛି। ଏସବୁ ବାବଦରେ ପାଖାପାଖି ୧.୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଠିକ୍ ଭାବେ ବଢ଼ିଲେ ୫ କ୍ୱିଣ୍ଟାଲ ମାଛ ମିଳିବ ଓ କୁଣ୍ଡପିଛା ୩୦ରୁ ୪୦ ହଜାର ଟଙ୍କା ଲାଭ ପାଇହେବ। ପ୍ରଥମେ ପରିବାର ପକ୍ଷରୁ ସମର୍ଥନ ମିଳି ନ ଥିବାବେଳେ ଏବେ ବାପା ଯଜ୍ଞେଶ୍ୱର ପ୍ରୋତ୍ସାହିତ କରୁଛନ୍ତି। ସେ ଚାକିରିକୁ ଗଲାପରେ ବାପା ଦାୟିତ୍ୱ ସମ୍ଭାଳିବେ ବୋଲି ସ୍ୱପ୍ନେଶ କହିଛନ୍ତି। ପୁଅଠାରୁ ତାଲିମ ପାଇ ସାରିଛନ୍ତି ବୋଲି ବାପା ଯଜ୍ଞେଶ୍ୱର ମଧ୍ୟ କହିଛନ୍ତି।

ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାସ କହିଛନ୍ତି, ବାସ୍ତବିକ ଯୁବଗୋଷ୍ଠୀ ଏଥିପ୍ରତି ଆକର୍ଷିତ ହେବା ଉଚିତ। କାରଣ କମ୍ ଜାଗା, ପାଣିରେ ପ୍ରଦୂଷଣମୁକ୍ତ ମାଛ ଚାଷ କରିହେବ। ଇତିମଧ୍ୟରେ ଜିଲାରେ ଯୁବଗୋଷ୍ଠୀଙ୍କ ନିଜ ଉଦ୍ୟମରେ ୮/୧୦ଟି ପ୍ରକଳ୍ପ ହୋଇ ସାରିଲାଣି। ସରକାର ଜୁଲାଇରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନା ମୁତାବକ ଜଲଙ୍ଗ, ରୁପଚାନ୍ଦି, ପିଲାକିଆ, ମାଗୁର ଓ କଉ ଆଦି ମାଛ ଚାଷ ପାଇଁ ପ୍ରୋତ୍ସାହିତ କରାଯିବ। ରୋହି, ଭାକୁର ଚାଷ ବ୍ୟାପକ ହୋଇନାହିଁ। ଗୋଟିଏ ୪ ମିଟର ବ୍ୟାସାର୍ଦ୍ଧବିଶିଷ୍ଟ କୁଣ୍ଡରେ ୧୦ ହଜାର ଲିଟର ପାଣି ଭରିଲେ ସେଥିରୁ ୫/୬ ମାସରେ ୫ କ୍ୱିଣ୍ଟାଲ ମାଛ ଉତ୍ପାଦନ ହୋଇପାରିବ। ତେବେ ସରକାରଙ୍କ ତରଫରୁ ସାଧାରଣ ବର୍ଗଙ୍କ ପାଇଁ ରିହାତି ବ୍ୟବସ୍ଥା ଥିବା ଦାଶ ସୂଚନା ଦେଇଛନ୍ତି।

# ପୁରୁଣା ଫଟୋ କପି ଦେଲା ଏଏସ୍‌ଆଇ

**ପୁରୀ ଅଫିସ, ୧୦।୭**

### ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଉଭାନ ପ୍ରସଙ୍ଗ



ଶ୍ରୀମନ୍ଦିର ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଉଭାନ ହେବା ଘଟଣାର ଖୋଳତାଡ଼ ଚାଲିଛି। ଶୁକ୍ରବାର ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଗର୍ଭଗୃହ ଏବଂ ରତ୍ନସିଂହାସନର ଅନେକ ପୁରୁଣା ଫଟୋ କପି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛି। ପଥର ଉଭାନ ଅଭିଯୋଗ ଆସିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛି ମନ୍ଦିର ପ୍ରଶାସନ। ଏହାର ସତ୍ୟାସତ୍ୟ ପାଇଁ ଏଏସ୍ଆଇଠାରୁ ରତ୍ନସିଂହାସନର ପୁରୁଣା ଫଟୋ ମଗାଯାଇଥିଲା।

ରତ୍ନସିଂହାସନରୁ ଖୋଦିତ ପଥର ଉଭାନ ଅଭିଯୋଗ ହେବା ପରେ ଗତ ବୁଧବାର ପରିଚାଳନା କମିଟିର ୩ ସେବାୟତ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ଏଏସ୍ଆଇ ଅଧିକାରୀ ଏହାର ଯାଞ୍ଚ କରିଥିଲେ। ୩ଜଣ ସେବାୟତ ଗର୍ଭଗୃହ ଭିତରକୁ ଯାଇ ରତ୍ନସିଂହାସନର ସେହି ସ୍ଥାନ ଅନୁଧ୍ୟାନ କରିଥିଲେ। ତେବେ ସମ୍ପୃକ୍ତ ସ୍ଥାନ ଏଥର ମରାମତି ହୋଇଛି ନା ନାହିଁ ତାହାର ଅନୁଧ୍ୟାନ ପାଇଁ ଏଏସ୍ଆଇଠାରୁ ରତ୍ନସିଂହାସନର ପୁରୁଣା ଫଟୋ ମଗାଯାଇଥିଲା। ଏହି ଅନୁଯାୟୀ ଏଏସ୍ଆଇ ୨୦୧୪-୧୫ ମସିହା ପରଠାରୁ ୨୦୨୦ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନର ସମସ୍ତ ଫଟୋ ଶ୍ରୀମନ୍ଦିରର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ହସ୍ତାନ୍ତର କରିଛି। ମାତ୍ର ରତ୍ନସିଂହାସନର ପ୍ରାୟ ସବୁ ଫଟୋରେ ଚାରମାଳ ବନ୍ଧାଯାଇଥିବା ସୂଚନା ମିଳିଛି। ପୁରୁଣା ଫଟୋ ଏବଂ ବର୍ତ୍ତମାନର ସ୍ଥିତାବସ୍ଥା କ'ଣ ରହିଛି ତାହାର ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି। ଯଦି କେହି ପଥର ନେଇଯାଇଥିବା ପ୍ରମାଣ ମିଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ସେବାୟତ ଇପ୍‌ସିତ ପ୍ରତିହାରୀ ଗତ ମଙ୍ଗଳବାର ଗଣମାଧ୍ୟମ ସମ୍ମୁଖରେ ରତ୍ନସିଂହାସନରୁ ପଦ୍ମଫୁଲ ଖୋଦିତ ଖଣ୍ଡିଏ ପଥର ଉଭାନ ହୋଇଥିବା କହିଥିଲେ। ଏହି ପଥରରେ ଦେଢଟି ପଦ୍ମ ପାଖୁଡ଼ା ଖୋଦିତ ହୋଇଥିଲା, ଯାହା ଏବେ ପ୍ଲେନ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନଙ୍କ ସମ୍ମୁଖ ଭାଗରେ ରହିଥିବା ଏହି ଖୋଦିତ ପଥର ଉଭାନ ହୋଇଥିବା ସେ ଅଭିଯୋଗ ରଖିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଥିଲା।

# 'ସୁଶାନ୍ତ ସିଂ ହତ୍ୟା ପଛରେ ଦାଉଦ'



**ମୁମ୍ବାଇ,୧୦।୭:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣା ରହସ୍ୟମୟ ହେବାରେ ଲାଗିଛି। ସେ ଆତ୍ମହତ୍ୟା କରିନାହାନ୍ତି ବରଂ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ର ସହଯୋଗୀ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଜଣାପଡ଼ିଛି। ଏହି ରହସ୍ୟ ଉପରୁ ଏବେ ପରଦା ହଟାଇଛନ୍ତି ଜଣେ ପୂର୍ବତନ 'ର'(ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍) ଅଧିକାରୀ। ଏନ୍.କେ. ସୁଦ୍ ନାମକ ଏହି 'ର' ଅଧିକାରୀ କହିଛନ୍ତି, ଯୋଜନାବଦ୍ଧ ଭାବେ ସୁଶାନ୍ତ ସିଂଙ୍କୁ ହତ୍ୟା କରାଯାଇଛି। ଏକ ଭିଡିଓରେ ସେ କହିଛନ୍ତି, ଯଦିଓ ଦାଉଦ ଏବେ ମୁମ୍ବାଇରେ ନାହାନ୍ତି, ତଥାପି ତାଙ୍କର ମୁମ୍ବାଇ ଓ ବଲିଉଡ୍‌ରେ ଏବେ ବି ଦବ୍‌ଦବା ରହିଛି। ଦାଉଦଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟକ୍ରମରେ ବି' ଟାଉନ୍‌ର ସେଲିବ୍ରିଟିମାନେ ଯୋଗ ଦେଇଥାନ୍ତି। ଏଥିରୁ ଅର୍ଥ ଉପାର୍ଜନ କରାଯାଇ ଆଇଏସ୍ଆଇ ପାଣ୍ଠିକୁ ପଠାଯାଇଥାଏ। ସେଲିବ୍ରିଟିମାନେ ମଧ୍ୟ ଏଥିରୁ ଭାଗ ପାଇଥାନ୍ତି। ସୁଶାନ୍ତ ମୃତ୍ୟୁ ପୂର୍ବରୁ ଫୋନ୍ ଯୋଗେ ଏଭଳି ହତ୍ୟା ଧମକ ପାଇଥିଲେ ବୋଲି ସୁଦ୍ ପ୍ରକାଶ କରିଛନ୍ତି। ସେଥିପାଇଁ ତାଙ୍କୁ ୫୦ ଥର ସିମ୍ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ପେଷାଦାର ଅପରାଧୀଙ୍କ ଦ୍ୱାରା ସୁଶାନ୍ତଙ୍କୁ ହତ୍ୟା କରାଯାଇଥିବା ସୁଦ୍ ଦାବି କରିଛନ୍ତି। ତାଙ୍କ ମୃତ୍ୟୁ ପୂର୍ବରୁ ସିସିଟିଭି କ୍ୟାମେରା ବନ୍ଦ ହେବା, ତାଙ୍କ ରୁମ୍‌ର ଡୁପ୍ଲିକେଟ ଚାବି ଅଲଗା ଜାଗାରେ ରହିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସୁଶାନ୍ତଙ୍କ ଜୀବନ ପ୍ରତି ବିପଦ ଥିବା ସମ୍ପର୍କରେ ତାଙ୍କ ପରିବାର ସଦସ୍ୟ, ବାନ୍ଧବୀ ରିଆ ଚକ୍ରବର୍ତ୍ତୀ, ବନ୍ଧୁ ସନ୍ଦୀପ ସିଂ ସବୁ ଜାଣି ତାଙ୍କଠାରୁ ଦୂରେଇ ରହୁଥିଲେ ବୋଲି ସୁଦ୍ କହିଛନ୍ତି। ମୁମ୍ବାଇ ପୋଲିସ ଘଟଣାର ଛାନ୍‌ଭିନ୍ ଜାରି ରଖିଥିଲେ ହେଁ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଥିବା ପୂର୍ବତନ 'ର' ଅଧିକାରୀ ଅଭିଯୋଗ କରିଛନ୍ତି।

# ସମ୍ପର୍କ, ଜୀବନର ବାଟ ବନ୍ଦ କରିଦେଲା କ୍ୟାନ୍‌ସର

**କଟକ ଅଫିସ,୧୦।୭ (କୁମାରଶ୍ରୀ ସାହୁ)**

ପ୍ରେମ ବିବାହ ପାଇଁ ଜିଦ୍ ଧରିଥିଲେ ବୋଲି ପରିବାର ଲୋକ ସମ୍ପର୍କ କାଟି ଦେଲେ। ବିବାହ କରି ବିହାରରେ ରହିବାବେଳେ ଜଣାପଡ଼ିଲା ତାଙ୍କୁ କ୍ୟାନ୍‌ସର। ୧୧ ବର୍ଷର ଦାମ୍ପତ୍ୟ ଜୀବନକୁ କ୍ଷଣିକରେ ଭାଙ୍ଗିଦେଲେ


ମୁନି ଦେଇଙ୍କ ସହ ୩ ପିଲା।

### ୧୧ ମାସ ସଂଘର୍ଷ ପରେ ଆଖି ବୁଜିଲେ ମହିଳା
- ଅନାଥାଶ୍ରମରେ ୩ ମା' ଛେଉଣ୍ଡ ପିଲା

ସ୍ୱାମୀ। ଏତେ ସବୁ ପରେ କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କ୍ୟାନ୍‌ସର ସହ ସଂଘର୍ଷ କରୁଥିବା ଏହି ମହିଳାଙ୍କ ବୁଧବାର ମୃତ୍ୟୁ ଘଟିଛି। ମା' ଛେଉଣ୍ଡ ତାଙ୍କ ତିନି ସନ୍ତାନଙ୍କୁ ଚୌଦ୍ୱାରସ୍ଥିତ ଏକ ଅନାଥାଶ୍ରମରେ ରଖାଯାଇଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ମୁନି ଦେଇ। ୧୧ ବର୍ଷ ତଳେ ବିହାରର ଜଣେ ମୁସଲିମ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ଏଥିପାଇଁ ମୁନିଙ୍କୁ ତାଙ୍କ ପରିବାର ଲୋକେ ଘରୁ ବାହାର କରିଦେଇଥିଲେ। ବିହାରରେ ଦାମ୍ପତ୍ୟ ଜୀବନ ଚାଲିବା ସହ ଉଭୟଙ୍କର ୩ଟି ସନ୍ତାନ ହୋଇଥିଲା। କିଛି ମାସ ତଳେ ମୁନି ମୁଖ କର୍କଟରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଏହା ଜାଣିବା ପରେ ସ୍ୱାମୀ ତାଙ୍କ ଚିକିତ୍ସା ପାଇଁ ବଡ଼ ଝିଅକୁ ବିକ୍ରି କରି ଦେବାକୁ କହିଲେ। ମୁନି ରାଜି ନ ହେବାରୁ ତାଙ୍କୁ ଘରୁ ତଡ଼ିଦେଲେ ସ୍ୱାମୀ। ତିନି ପିଲାଙ୍କୁ ଧରି ଆନନ୍ଦପୁରସ୍ଥିତ ନିଜ ଗାଁକୁ ଫେରିବା ପରେ ପରିବାର ଲୋକେ ଗ୍ରହଣ କଲେ ନାହିଁ। ନିଜ ଉଦ୍ୟମରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହେବା ପରେ କଟକ ବଡ଼ ମେଡିକାଲ ଯିବା ପାଇଁ ମୁନିଙ୍କୁ ଡାକ୍ତର ପରାମର୍ଶ ଦେଇଥିଲେ। ୩ ପିଲାଙ୍କୁ ଧରି ସେ କଟକ ଆସି ମେଡିକାଲ ବାରଣ୍ଡାରେ ୨/୩ ଦିନ ପଡ଼ି ରହିବା ପରେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ତାଙ୍କୁ ସହଯୋଗ କରିଥିଲେ। ଅସହାୟ ରୋଗୀ ଭାବେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଉପଜିଲାପାଳଙ୍କ ସହଯୋଗରେ ମୁନିଙ୍କ ତିନି ସନ୍ତାନଙ୍କୁ ଚୌଦ୍ୱାରସ୍ଥିତ ଅନାଥାଶ୍ରମରେ ଛଡ଼ାଯାଇଥିଲା। ୧୧ ମାସର ସଂଘର୍ଷ ପରେ ବୁଧବାର ମୁନିଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ନ ଆସିବାରୁ ଅଭିମନ୍ୟୁଙ୍କ ସମେତ କେତେଜଣ ଯୁବକଙ୍କ ପ୍ରଚେଷ୍ଟାରେ ଖାନ୍‌ନଗର ଶ୍ମଶାନରେ ମୁନିଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏବେ ତାଙ୍କ ତିନି ପିଲାଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ଅଭିମନ୍ୟୁ ନିବେଦନ କରିଛନ୍ତି।


**ADVERTISEMENT**

Advt. No. 6855 Date: 10.07.2020

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, NHM, BARGARH**

Applications are invited from the contractual employees currently working under NHM in the same post of OSH & FW society in other district, desiring to be posted in BARGARH District against the vacant post mentioned below.

| Sl.No. | Name of the Post | Vacancy |
|---|---|---|
| 1 | Medical Officer, Paediatrician (DEIC) | 1 No. |
| 2 | Medical Officer (DEIC) | 1 No. |
| 3 | Medical Officer (SNCU) | 3 Nos. |
| 4 | Medical Officer, AYUSH (CHC/PHC) | Ayurvedic-4, Homeopathic-4 |
| 5 | Psychiatric Nurse (National Mental Health Programme) | 1 No. |
| 6 | Clinical Psychologist (National Mental Health Programme) | 1 No. |
| 7 | Case Registry Assistant (National Mental Health Programme) | 1 No. |
| 8 | Medical Officer, RBSK | Homeopathic Male-05 Homeopathic Female-08 |
| 9 | RBSK (Staff Nurse/ANM) | 10 Nos. |
| 10 | RBSK Pharmacist | 1 No. |
| 11 | Physiotherapist, DEIC | 2 Nos. |
| 12 | Dental Technician, DEIC | 1 No. |
| 13 | Block Programme Manager | 1 No. |
| 14 | DEO Cum Accountant, NUHM (DAA) | 1 No. |
| 15 | RMNCH + A Counsellor | 1 No. |

Interested in-house candidates of NHM may login www.bargarh.nic.in for details terms and conditions & application form etc. The eligible candidates for the above post, may apply in the prescribed format to the Office of the Chief District Medical & Public Health Officer cum District Mission Director, Bargarh, Pin Code-768028, by 22.07.2020 upto 05.00 P.M.) by Regd. Post/Speed Post/ Courier only. Application received after the due date will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/reject any or all the applications without assigning any reason thereof. This office will not be responsible for any postal delay. No personal query will be entertained.

**Sd./- Chief District Medical & Public Health Officer cum DMD, NHM, Bargarh**



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୫୦-୨୦-୨୧ ତାରିଖ ୦୭।୦୭।୨୦୨୦
କାର୍ଯ୍ୟ: ସି ଆଣ୍ଡ ଡବ୍ଲ୍ୟୁ ଡିପୋଠାରେ ଫ୍ରେଟ୍ ୱାଗନ୍ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତୀକରଣ ଓ ପରିବର୍ଦ୍ଧନ। ଟେଣ୍ଡର ମୂଲ୍ୟ: ଟ. ୪,୪୧,୦୩,୭୩୨/-, ଇଏମ୍‌ଡି: ଟ. ୩,୭୦,୫୦୦/-।
(୨) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୫୧-୨୦-୨୧ ତାରିଖ ୦୭।୦୭।୨୦୨୦
କାର୍ଯ୍ୟ: ରାୟପୁର ଡିଭିଜନର ରେଳ ଷ୍ଟେଶନଠାରେ ଦିବ୍ୟାଙ୍ଗଜନଙ୍କୁ ସୁବିଧା ପ୍ରଦାନ ପାଇଁ ଥିବା ଅଭାବ ଅସୁବିଧାଗୁଡ଼ିକୁ ଦୂର କରିବା। ଟେଣ୍ଡର ମୂଲ୍ୟ: ଟ. ୬୫,୬୭,୯୩୦/-, ଇଏମ୍‌ଡି: ଟ. ୧,୩୧,୪୦୦/-।
ଟେଣ୍ଡର ଦାଖଲ: ତା୦୬।୦୮।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବ: ତା୦୬।୦୮।୨୦୨୦ରିଖ ୧୧.୦୦ ଘଟିକା। ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଇଏନ୍ (କୋ.)/ ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ଡିଭିଜନାଲ ଇଞ୍ଜିନିୟର (।।)
PR/R/Engg/VR/51 ଏସ୍.ଇ.ସି. ରେଳପଥ, ରାୟପୁର
South East Central Railway @Secrail



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751 001

**Ref. No.: OSCB/DIT/1732/2020-21 Date: 09.07.2020**

**CANCELLATION OF REQUEST FOR PROPOSAL**

No. LL-05: It is to be notified that the RFP proposal for **"Engagement of IT Consultant for CBS and IT Projects in Odisha State Cooperative Bank Ltd."** made vide No. OSCB/ DIT/1321/2020-21 dated 18.06.2020 has been cancelled.

**Sd./- Managing Director**
OIPR-39012/11/0006/2021


# ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବକୁ ଗଡ଼ିଲା ବସ୍




**ମାଲକାନଗିରି/ଚିତ୍ରକୋଣ୍ଡା,୧୦।୭(ଡି.ଏନ.ଏ.)**

ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଉଦ୍ୟମରେ ଶୁକ୍ରବାରଠାରୁ ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବକୁ ବସ୍ ସେବା ଆରମ୍ଭ ହୋଇଛି। ମାଲକାନଗିରି ସଦର ମହକୁମାରୁ ଚିତ୍ରକୋଣ୍ଡାର ଯୋଡ଼ାମ୍ବକୁ ଏହି ବସ୍ ଚଳାଚଳ କରିବ। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ହେବା ପରଠାରୁ ସ୍ୱାଭିମାନ ଅଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଲାଗିଛି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷାରେ ଅନ୍ତ ଘଟାଇ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ରାଜ୍ୟ ସଡ଼କ ପରିବହନର ବସ୍‌କୁ ସ୍ଥାନୀୟ ବସଷ୍ଟାଣ୍ଡରୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲାପାଳ ମନୀଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ବସ୍ ପ୍ରତିଦିନ ସକାଳ ୮ଟାରୁ ମାଲକାନଗିରିରୁ ବାହାରି ମଧ୍ୟାହ୍ନ ୧୨ଟାରେ ଯୋଡାମ୍ବରେ ପହଞ୍ଚିବ। ସେଠାରୁ ଅପରାହ୍ନ ୨ଟାରେ ବାହାରି ମାଲକାନଗିରିରେ ସନ୍ଧ୍ୟାରେ ପହଞ୍ଚିବ ବୋଲି ସ୍ଥିର ହୋଇଛି। ପୂର୍ବରୁ ଯୋଡାମ୍ବରୁ ମାଲକାନଗିରି ଯିବାକୁ ହେଲେ ଅଞ୍ଚଳବାସୀ ପ୍ରଥମେ ଜଳପଥ ଦେଇ ଡଙ୍ଗା କିମ୍ବା ଲଞ୍ଚରେ ଚିତ୍ରକୋଣ୍ଡା ଆସି ସେଠାରେ ଗୋଟିଏ ରାତି ବିତାଉଥିଲେ। ତା'ପରଦିନ ଚିତ୍ରକୋଣ୍ଡାରୁ ବସ୍ ଯୋଗେ ମାଲକାନଗିରି ଯାଉଥିଲେ। ସେହିପରି ମାଲକାନଗିରିରୁ ଫେରିବା ବେଳେ ପୁଣି ଗୋଟିଏ ରାତି ଚିତ୍ରକୋଣ୍ଡାରେ ବିତାଇ ତା'ପର ଦିନ ଚିତ୍ରକୋଣ୍ଡା ସ୍ୱିଲୱେ ଲଞ୍ଚଘାଟରୁ ଗ୍ରାମକୁ ଯାଉଥିଲେ।


**ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

ପତ୍ର ସଂଖ୍ୟା: ୪୨୭୮ ତା୦୬।୦୭।୨୦୨୦

**ବିଜ୍ଞାପନ**

**ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦୀ ଲିଜ୍ ନିମନ୍ତେ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଢେଙ୍କାନାଳ ଜିଲ୍ଲା ତହସିଲ, ଢେଙ୍କାନାଳ ଅନ୍ତର୍ଗତ ଲଘୁଖଣିଜ ଉତ୍ସଗୁଡ଼ିକର ଆସନ୍ତା ୫ ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ଢେଙ୍କାନାଳଙ୍କ ଦ୍ୱାରା ୦୫।୦୮।୨୦୨୦, ୧୪।୦୮।୨୦୨୦ ଓ ୨୫।୦୮।୨୦୨୦ରିଖ ଅପରାହ୍ନ ୪ ଘଟିକା ସମୟରେ ଯଥାକ୍ରମେ: ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ, ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ। ଏହି ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ, ଢେଙ୍କାନାଳ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ୍‌ସାଇଟ୍ **www.dhenkanal.nic.in**ରେ ଉପଲବ୍ଧ ଅଛି। ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥାକ୍ରମେ ୦୫।୦୮।୨୦୨୦, ୧୪।୦୮।୨୦୨୦ ଓ ୨୫।୦୮।୨୦୨୦ରିଖ ଅପରାହ୍ନ ୩ ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତି ହୋଇଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବ ନାହିଁ। ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାରୀ କର୍ତ୍ତୃପକ୍ଷଙ୍କ ପାଖରେ ରହିଅଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

ସ୍ୱା./- ତହସିଲଦାର, ଢେଙ୍କାନାଳ



**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
सिजुआ, डाक : डुमुडुमा, भुवनेश्वर -751019
Sijua, P.O.-Dumuduma, Bhubaneswar-751019

No. AIIMS/BBSR/CONT.RECT./2020/856/1323 Dated : 9th July 2020

**RECRUITMENT FOR VARIOUS POSTS OF FACULTY AND NON-FACULTY ON CONTRACTUAL BASIS**

**All India Institute of Medical Sciences, Bhubaneswar** an Autonomous Institute of National Importance is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.
Applications in prescribed proforma **(hard copy only)** from Indian citizens are invited for the following post of Faculty and Non-faculty on **CONTRACTUAL BASIS** for All India Institute of Medical Sciences, Bhubaneswar (Odisha).

**FACULTY**

| Sl. | Department | Name of Post | Monthly Remuneration (Consolidated) | Age Limit | No. of Post & Category |
|---|---|---|---|---|---|
| 01 | Endocrinology & Metabolism | Assistant Professor | Rs.1,40,000/- | 50 years | 01 (UR) |
| 02 | Nephrology | Assistant Professor | Rs.1,40,000/- | 50 years | 01 (UR) |

**NON-FACULTY**

| Sl. | Name of Post | Group | Monthly Remuneration (Consolidated) | Age Limit (in years) | No. of Post & Category |
|---|---|---|---|---|---|
| 01 | Public Relation Officer | A | Rs. 70,000/- | 30-45 | 01 (UR) |
| 02 | Medical Physicist | A | Rs. 65,000/- | 35 | 02 (UR) |
| 03 | Assistant Nursing Superintendent | A | Rs. 65,000/- | 21-35 | 10(UR-07, OBC-02, SC-01) |
| 04 | Biomedical Engineer | B | Rs. 52,000/- | 21-35 | 01 (UR) |

- Contractual engagement for all of the above post of Faculty and Non-Faculty will be only for a period of one year.
- For details of advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in/ The last date for submission of application is 31.07.2020 (up to 5:00 PM).**

Sd/-
निदेशक/Director
एम्स, भुवनेश्वर/AIIMS, Bhubaneswar

# କରୋନା ପାଇଁ ମିଳିତ ଲଢ଼େଇ

ଗୋଟିଏ ପଟେ କରୋନା ମହାମାରୀ ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଅନ୍ୟପଟେ ଏହା ବିରୋଧରେ ଲଢ଼ିବା ପାଇଁ ସରକାର ବିଭିନ୍ନ ନିୟମାବଳୀ ଜାରି କରିଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ହୋଇ ଲଢ଼ିବା ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତି ଓ ସେଥିରେ ନିଜର ଭୂମିକାକୁ ଉପଲବ୍ଧି କରି ଖିମ୍‌ଜୀ ଗ୍ରୁପ୍ କରୋନା ଲଢ଼େଇରେ ନିରନ୍ତର ଯୋଗଦାନ ରଖିଥିବା ଜଣାପଡ଼ିଛି।

କରୋନା ଯୋଗୁ ଫସି ରହିଥିବା ପ୍ରବାସୀ ଏବଂ ଦିନ ମଜୁରିଆଙ୍କୁ ସହାୟତା ଭାବେ ଗ୍ରୁପ୍ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟାଯାଉଛି। ଏଥିରେ ୫ ହଜାର ଲୋକ ଉପକୃତ ହୋଇପାରିଛନ୍ତି। ଏହି କାର୍ଯ୍ୟ ପରିଚାଳନା ପାଇଁ ମହାବୀର ଯୁବକ ସଂଘ ସହ ଏକାଠି ହୋଇଥିଲା ଖିମ୍‌ଜୀ ଗ୍ରୁପ୍। କରୋନା ବିରୋଧୀ ଲଢ଼େଇରେ କରୋନା ଯୋଦ୍ଧାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନଙ୍କ ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) କିଟ୍‌ର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏଇ ନିକଟରେ କମିଶନରେଟ ପୋଲିସକୁ ୧୦୦ ହଜମତ କେମିକାଲ ସୁଟ୍ ପ୍ରଦାନ କରିଛି ଖିମ୍‌ଜୀ ଗ୍ରୁପ୍, ଯାହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ। ସଂକ୍ରମଣ ରୋକିବା ଦିଗରେ ଏହା ପୋଲିସ କର୍ମଚାରୀଙ୍କ କାମରେ ଆସିପାରିବ ବୋଲି ସୂଚନା ମିଳିଛି। କରୋନା ଡ୍ୟୁଟିରେ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ସେମାନଙ୍କୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ରହିଥିବା ବେଳେ ଏଭଳି ଉପକରଣ ବ୍ୟବହାର ଦ୍ୱାରା ସଂକ୍ରମଣ ଏଡ଼ାଇହେବ।

ଖିମ୍‌ଜୀ ଗ୍ରୁପ୍‌ର ଏଭଳି କାର୍ଯ୍ୟ ବେଶ୍ ପ୍ରଶଂସାଯୋଗ୍ୟ। ପୋଲିସ କର୍ମଚାରୀ ଏବେଯାଏ ନିରନ୍ତର ସେବା ଦେଇ ଆସୁଛନ୍ତି। ଏଭଳି ଏକ ଛୋଟ ପଦକ୍ଷେପ ଦ୍ୱାରା ସେମାନଙ୍କ ଭଳି ସାହସୀ ହିରୋଙ୍କୁ ସମ୍ମାନିତ କରିବାକୁ ପ୍ରୟାସ କରାଯାଇଛି। ନିଜ ଜୀବନକୁ ବାଜି ଲଗାଇ ପୋଲିସ କର୍ମଚାରୀ କାମ କରୁଥିବାରୁ ଗ୍ରୁପ୍ ତାଙ୍କୁ ସାଲ୍ୟୁଟ କରୁଛି। ଜୀ ସାର୍ଥକର ରଜ କୁଇନ ଶୋ'ରେ କୋଭିଡ୍ ଯୋଦ୍ଧାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କରୋନା ଯୋଦ୍ଧାମାନେ ଆମ ସମସ୍ତଙ୍କ ପାଇଁ ବହୁ ମୂଲ୍ୟବାନ୍। କରୋନା ଟେଷ୍ଟିଂ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ୫ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରୁପ୍ ସମ୍ମାନିତ କରିଛି। ରଜ କୁଇନ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମାନଙ୍କ ଭଳି ମହିଳାମାନେ ମଧ୍ୟ କରୋନା ଯୋଦ୍ଧା ଭାବେ ନିଜର ଉଲ୍ଲେଖନୀୟ ଯୋଗଦାନ ରଖୁଛନ୍ତି। ଲିଙ୍ଗଗତ ବିଭେଦ କେବେ ସେମାନଙ୍କୁ ପଛରେ ପକାଇ ପାରିନାହିଁ। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

ରାଜ୍ୟର ଏକ ଦାୟିତ୍ୱବାନ ବ୍ରାଣ୍ଡ ଭାବେ ଖିମ୍‌ଜୀ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଛି ଯେ, ଏହି ଲଢ଼େଇ କେବଳ କରୋନା ଯୋଦ୍ଧା କିମ୍ବା ସରକାରଙ୍କ ନୁହେଁ। ଏହା ଏକ ମିଳିତ ଲଢ଼େଇ। ପ୍ରତି ଲୋକ ଏଥିରେ ସରକାରଙ୍କୁ ସହଯୋଗ କରିବା ସହ କରୋନା ଯୋଦ୍ଧାଙ୍କ ମନୋବଳ ବଢ଼ାଇବାକୁ ଗ୍ରୁପ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ବର୍ତ୍ତମାନ କଷ୍ଟକର ସମୟ ଥିବାରୁ କରୋନା ଯୋଦ୍ଧାଙ୍କ ମନୋବଳ ନିରନ୍ତର ବଢ଼ାଇବାକୁ ଖିମ୍‌ଜୀ ନିର୍ଦ୍ଦେଶକ ଲୋକଙ୍କୁ ନିବେଦନ କରିଛନ୍ତି। ଖିମ୍‌ଜୀ ଗ୍ରୁପ୍ ସର୍ବଦା ରାଜ୍ୟର ବିକାଶରେ ନିଜର ଯୋଗଦାନ ରଖି ଆସିଛି। କିଛିଦିନ ତଳେ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ବିଜେବିନଗରସ୍ଥିତ ମା' ଗାୟତ୍ରୀ ମନ୍ଦିରର ପ୍ରାର୍ଥନା ହଲ୍ ସମ୍ପ୍ରସାରଣ ଲାଗି ଅର୍ଥରାଶି ଦାନ କରାଯାଇଛି। ଏହାଦ୍ୱାରା ହଲ୍‌ର କ୍ଷମତା ବଢ଼ିଥିବା ବେଳେ ଏକାଥରକେ ଏଠାରେ ୨୦୦ ଲୋକ ବସିବାର ସୁବିଧା ପାଉଛନ୍ତି। ବାତ୍ୟା ଫନୀ ପ୍ରଭାବିତଙ୍କୁ ସହାୟତା କରିବା ଲାଗି ମଧ୍ୟ ଗ୍ରୁପ୍ ଆଗେଇ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗ୍ରୁପ୍ ପକ୍ଷରୁ ୨୧ ଲକ୍ଷ ଟଙ୍କା ଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ 'ମିଶନ ଜିରୋ ଏଫ୍' ଦିଗରେ ଯୋଗଦାନ ପୂର୍ବକ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପୂର୍ଣ୍ଣ ସଫଳତା ହାର ଦିଗରେ ଏହି କାର୍ଯ୍ୟକ୍ରମ ଜାରି ରହିଛି।








> ପୋଲିସ କର୍ମଚାରୀ ଏବେଯାଏ ନିରନ୍ତର ସେବା ଦେଇ ଆସୁଛନ୍ତି। ଏଭଳି ଏକ ଛୋଟ ପଦକ୍ଷେପ ଦ୍ୱାରା ସେମାନଙ୍କ ଭଳି ସାହସୀ ହିରୋଙ୍କୁ ସମ୍ମାନିତ କରିବାକୁ ପ୍ରୟାସ କରାଯାଇଛି।
> - ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ, ଖିମ୍‌ଜୀ ଗ୍ରୁପ୍

## ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ୧.୨୦ ଲକ୍ଷ କୋଟିର ଋଣ ମଞ୍ଜୁର

ନୂଆଦିଲ୍ଲୀ,୧୦।୭



ଦେଶର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୧.୨୦ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି। କ୍ଷୁଦ୍ର ସଂସ୍ଥାଗୁଡିକୁ ଜରୁରିକାଳୀନ ପରିଚାଳନା ପାଣ୍ଠି ଯୋଗାଇ ଦେବା ଲାଗି ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ(ଇସିଏଲ୍‌ଜିଏସ୍) ଅଧୀନରେ ଏହି ଋଣ ରାଶି ମଞ୍ଜୁର ହୋଇଛି। ଏହି ଯୋଜନାରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଣ ଲାଗି ଯୋଜନା ସମ୍ପର୍କରେ ସରକାର ନିକଟରେ ଘୋଷଣା କରିଥିଲେ। କୋଭିଡ୍ ଯୋଗୁ କମ୍ପାନୀଗୁଡିକ ବର୍ତ୍ତମାନ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ମଞ୍ଜୁର ହୋଇଥିବା ମୋଟ ଋଣ ମଧ୍ୟରୁ ବ୍ୟାଙ୍କଗୁଡିକ ଗୁରୁବାର ସୁଦ୍ଧା ୬୧,୯୮୭ କୋଟି ଟଙ୍କା ଋଣ ପ୍ରଦାନ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

ମୁମ୍ବାଇ,୧୦।୭

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୬.୪୭ ବିଲିୟନ ଡଲାର ବୃଦ୍ଧି ଘଟିଛି। ଏହା ସର୍ବକାଳୀନ ରେକର୍ଡ ସ୍ତର ୫୧୩.୨୫ ବିଲିୟନ ଡଲାର ଛୁଇଁଥିବା ରିଜର୍ଭ ବ୍ୟାଙ୍କ ଡାଟାରୁ ଜଣାପଡିଛି। ଗତ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ୧.୨୭ ବିଲିୟନ ଡଲାର ବୃଦ୍ଧି ଘଟି ୫୦୬.୮୪ ବିଲିୟନ ଡଲାର ରହିଥିଲା। ଏହାର ପୂର୍ବ ସପ୍ତାହରେ ଏଥିରେ ୮.୨୨ ବିଲିୟନ ଡଲାର ୫୦୧.୭୦ ବିଲିୟନ ଡଲାର ବଢିଥିଲା।

## ପିଏନ୍‌ବି କଟକ ମଣ୍ଡଳର ନୂତନ ମୁଖ୍ୟ

ଭୁବନେଶ୍ୱର,୧୦।୭



ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସହ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସର ମିଶ୍ରଣ ହୋଇଛି। ପିଏନ୍‌ବି ପକ୍ଷରୁ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୋଳ ଓ ଢେଙ୍କାନାଳ ଜିଲାର ୭୫ଟି ଶାଖାକୁ ନେଇ ଗଠିତ ନୂତନ କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ ଶିବାନନ୍ଦ ଭଞ୍ଜ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୂଆ ଦିଲ୍ଲୀସ୍ଥିତ ଏଆର୍‌ଏମ୍‌ବି ଶାଖାରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୯ ମସିହାରେ ସେ ପିଏନ୍‌ବିରେ ଅଫିସର ଭାବେ ଯୋଗଦେଇଥିଲେ। ସେ ହରିୟାଣା, ପଶ୍ଚିମବଙ୍ଗ, ବିହାର ଓ ଝାଡଖଣ୍ଡ ଭଳି ରାଜ୍ୟରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ତାଙ୍କର ମୋଟ ୨୮ବର୍ଷର ଅଭିଜ୍ଞତା ସହ ବିଭିନ୍ନ ଶାଖାରେ କାର୍ଯ୍ୟକରି ଗ୍ରାହକମାନଙ୍କୁ ପ୍ରତ୍ୟକ୍ଷ ଭାବେ ସେବା ପ୍ରଦାନ କରିପାରିଛନ୍ତି।

## ଶକ୍ତି କ୍ଷେତ୍ରକୁ ସୁଧାରିବାକୁ ଅନୁରୋଧ

### କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

କୋଭିଡ୍-୧୯ରେ କ୍ଷତିର ସାମ୍ନା କରୁଥିବା ଶକ୍ତି କ୍ଷେତ୍ରକୁ ସୁଧାରିବା ପାଇଁ କେତେକ ପ୍ରସ୍ତାବ ସହ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ.ସିଂହଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି । ଏଥିରେ ବିଦ୍ୟୁତ୍ କ୍ଷେତ୍ର ପାଇଁ ଅଣାଯାଇଥିବା ଋଣ ସୁଧହାରକୁ ୯.୫%ରୁ କମାଇ ୬% କରିବା ସହିତ ଏହି ଋଣ ପରିଶୋଧ ଅବଧିକୁ ୧୫ ବର୍ଷକୁ ବୃଦ୍ଧି କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଶକ୍ତି ବିତରଣ କ୍ଷେତ୍ରରେ ରାଜ୍ୟରେ କ୍ରମାଗତଭାବେ ଫନୀ, ବୁଲ୍‌ବୁଲ୍ ଓ ଅମ୍ଫାନ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଆସିଛି। ସେସବୁ ସତ୍ତ୍ୱେ ଏ କ୍ଷେତ୍ରରେ ସଂସ୍କାର ଆଣି ଗୁଣାତ୍ମକ ଓ ସ୍ଥିର ବିଦ୍ୟୁତ୍ ସେବା ଯୋଗାଇଦେବାରେ ଅଗ୍ରଣୀ ରାଜ୍ୟଭାବେ ଓଡ଼ିଶା କାର୍ଯ୍ୟ କରିଆସୁଛି। ତେବେ ଚଳିତ କୋଭିଡ୍-୧୯ରେ କଳକାରଖାନା, ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଲକ୍‌ଡାଉନ୍ ଯୋଗୁ ଶକ୍ତି ଚାହିଦା ହ୍ରାସ ପାଇଛି। ଆଶାନୁରୂପକ ବିଦ୍ୟୁତ୍ ଦେୟ ଆଦାୟ ହୋଇପାରୁ ନ ଥିବା ଯୋଗୁ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଥିବା ମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି ।

ସେ ଆହୁରି ଉଲ୍ଲେଖ କରିଛନ୍ତି, ନିକଟରେ ରାଜ୍ୟ ସରକାର ଗୋଟିଏ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ୫୧ ପ୍ରତିଶତ ଅଂଶଧନ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରି ପରିଚାଳନା ଭାରକୁ ସହଜ କରିବାର ଉଦ୍ୟମ କରିଛନ୍ତି। ଅନ୍ୟ ବିତରଣକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ଘରୋଇ ସଂସ୍ଥାକୁ ହସ୍ତାନ୍ତର ଉପରେ ଅନୁଧ୍ୟାନ କରାଯାଉଛି । ଆମେ କେନ୍ଦ୍ର ସରକାରଙ୍କ ପରାମର୍ଶ ମୁତାବକ ସଂସ୍କାରଯୁକ୍ତ ବିତରଣ ବ୍ୟବସ୍ଥା ଉପରେ ଜୋର ଦେଇଆସିଛୁ। ଦିନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଆଇପିଡିଏସ୍-୧୧ ଏବଂ ସୌଭାଗ୍ୟ ଭଳି କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଅନ୍ତରାୟ ସୃଷ୍ଟି କରୁଥିବା ଦୃଷ୍ଟିରୁ ଏହା ବିଳମ୍ବ ହେଉଛି। ସରକାର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରକୁ ସ୍ୱାଭାବିକ କରିବା ପାଇଁ ଯେତେସବୁ ପଦକ୍ଷେପ ନେଲେ ମଧ୍ୟ କୋଭିଡ୍ ଯୋଗୁ ମାନ୍ଦାବସ୍ଥା ବର୍ଷବ୍ୟାପୀ ଜାରି ରହିବ । ଏଥିରେ ବିଦ୍ୟୁତ୍ ଚାହିଦା ବହୁ ମାତ୍ରାରେ ହ୍ରାସ ପାଇ ବିତରଣ ସଂସ୍ଥାଗୁଡ଼ିକର ଆର୍ଥିକ ଅବସ୍ଥାକୁ ପ୍ରଭାବିତ କରିବ । ତେଣୁ ବିତରଣ ସଂସ୍ଥାଗୁଡ଼ିକୁ ଜାତୀୟ ତାପଜ ବିଦ୍ୟୁତ୍ ନିଗମ, ଜାତୀୟ ଜଳ ବିଦ୍ୟୁତ ନିଗମ ଓ ଭାରତୀୟ ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ରିହାତି ଦେବା ଓ ସୁଧ ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

## ମହିଳାଙ୍କୁ ସୁରକ୍ଷା ନୁହେଁ ନିର୍ଯାତନା ଦେଉଛି ପୋଲିସ

ଭୁବନେଶ୍ୱର, ୧୦।୭(ବ୍ୟୁରୋ):

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି । ଦୀର୍ଘ ସମୟ ଧରି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଚାଲିଛି । ବିଶେଷକରି ମହିଳାମାନଙ୍କ ସହ ବଳାତ୍କାର, ହତ୍ୟା, ମରଣାନ୍ତକ ଆକ୍ରମଣ, ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପୋଲିସ ମହିଳାମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ସହ ବଳାତ୍କାର କରୁଛି ବୋଲି ଭାଜପା ମହିଳା ନେତ୍ରୀ ପ୍ରଭାତୀ ପରିଡ଼ା ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ କହିଛନ୍ତି, ମାଲକାନଗିରି ପୋଲିସ କ୍ୟାଣ୍ଟିନରେ କାର୍ଯ୍ୟରତ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିନାହିଁ । ଏହି ପରିପ୍ରେକ୍ଷୀରେ ପ୍ରଭାତୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରି ଫେରିଛି । ଘଟଣାରେ ପୋଲିସ ସମ୍ପୃକ୍ତ ଥିବା ଏହି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି। ପୋଲିସ ପାଖରେ ସମସ୍ତ ତଥ୍ୟ ପ୍ରମାଣ ରହିଛି । ମହିଳାଙ୍କ ପୋଷ୍ଟମର୍ଟମ ରିପୋର୍ଟ, ସିସିଟିଭି ଫୁଟେଜ, ଡାକ୍ତରୀ ରିପୋର୍ଟ ସବୁ ରଖି ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି । ପୋଲିସ ଦିବାଦୀୟ କୁନ୍ଧୁଲି ଘଟଣା ଭଳି ଡାକ୍ତରଙ୍କ ରିପୋର୍ଟକୁ ବଦଳାଇବାକୁ ଚେଷ୍ଟା କରୁଛି। ଦୋଷୀଙ୍କୁ ଏସ୍‌ସି ଏସ୍‌ଟି ଏଟ୍ରୋସିଟି ଆକ୍ଟ ଲଗାଇ ଗିରଫ ନ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ପ୍ରଭାତୀ ଚେତାବନୀ ଦେଇଛନ୍ତି ।

## ରାଜ୍ୟବାସୀଙ୍କୁ ଆର୍ଥିକ ସ୍ଥିତି ଜଣାନ୍ତୁ ସରକାର: ନିରଞ୍ଜନ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

ରାଜ୍ୟର ସାମ୍ପ୍ରତିକ ଆର୍ଥିକ ସ୍ଥିତି ବିଷୟରେ ଓଡ଼ିଶାବାସୀଙ୍କୁ ସରକାର ଅବଗତ କରାଇବାକୁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏ ନେଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟର ଆର୍ଥିକ ସ୍ଥିତି ଭଲନାହିଁ। କୋଭିଡ୍ ମହାମାରୀ ସମୟରେ ରାଜ୍ୟ ସରକାର ଆର୍ଥିକ ଶୃଙ୍ଖଳା ନାମରେ ଜାରି କରିଥିବା ବିଭିନ୍ନ କଟକଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ୨୦ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଅର୍ଥନୀତିକୁ ସଶକ୍ତ କରିଥିବା ନେଇ ମୁଖ୍ୟମନ୍ତ୍ରୀ ଦାବି କରି ଆସୁଛନ୍ତି। ହେଲେ ୩ମାସର କୋଭିଡ୍ କଟକଣାରେ ଆର୍ଥିକସ୍ଥିତି ଦୋହଲିଯିବା ଦୀର୍ଘମିଆଦୀ ଯୋଜନାର ଅଭାବ ଏବଂ କର୍ମନିଯୁକ୍ତି ସୃଷ୍ଟି କରିବାରେ ବିଫଳତା ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କୁ ଆକ୍ଷେପ କରି ସେ କହିଛନ୍ତି, ନିର୍ବାଚନ କେନ୍ଦ୍ରିକ ଯୋଜନା ଯୋଗୁ ରାଜ୍ୟ ଅର୍ଥନୀତିର ଏପରି ଅବସ୍ଥା ହୋଇଛି। ୨୦୦୪ରେ ଖାଲି ପଡ଼ିଥିବା ସରକାରୀ ପଦବୀର ସର୍ବନିମ୍ନ ୨୫% ପୂରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ପଦବୀଗୁଡ଼ିକରେ ଠିକା କର୍ମଚାରୀଙ୍କୁ ନିୟୋଜିତ କରିଦିଆଗଲା। ଓଡ଼ିଶାରେ ହରିୟାଣା ଏବଂ ମହାରାଷ୍ଟ୍ର ଢାଞ୍ଚାରେ ଘରୋଇ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ପାଇଁ ୮୦ରୁ ୮୫% ଚାକିରି ସଂରକ୍ଷଣ ରହିବା ଜରୁରୀ। ମଦରୁ ଟିକସ ହ୍ରାସ ନେଇ ସରକାର ଯେତିକି ଦୃଢ଼ମନା, ସେତିକି ଇଚ୍ଛାଶକ୍ତି ଘରୋଇ କ୍ଷେତ୍ରରେ ଚାକିରି ସଂରକ୍ଷଣ ନେଇ ଦେଖାଇଲେ ଭଲ ନିଷ୍ପତ୍ତି ଆସିବ ବୋଲି ନିରଞ୍ଜନ ଆଶାବାଦୀ ଥିବା କହିଛନ୍ତି।

## ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

ଲାଞ୍ଜିଗଡ଼/ଭବାନୀପାଟଣା,୧୦।୭(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କୁମଖାଲ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ମଲ୍ଲିକ ଲାଞ୍ଚ ନେଇ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଟିମନବାଡି ଗାଁର ଏକ ପୋଖରୀ ପୁନରୁଦ୍ଧାର କାମର ବିଲ୍ କରାଇଦେବାକୁ ସେ ୩୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପୋଖରୀ ପୁନରୁଦ୍ଧାର କାମ ଦେଖାଶୁଣା କରୁଥିବା ଗୌତମ କୁମାର ନାଗ ନାମକ ଜଣେ ଯୁବକଙ୍କୁ ସେ ଏହି ଟଙ୍କା ମାଗିଥିଲେ। ଏହାକୁ ନେଇ ଗୌତମ କଳାହାଣ୍ଡି ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଧରିବାକୁ ଯୋଜନା କରାଇଥିଲା।

## ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଅପହରଣ

ସମ୍ବଲପୁର,୧୦।୭(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ବାଇପାସ୍ ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟୀଙ୍କୁ କେତେକ ଅଚିହ୍ନା ଯୁବକ ଉଠାଇ ନେଇଛନ୍ତି। ଏହି ବ୍ୟବସାୟୀ ଜଣକ ହେଲେ ଅଇଁଠାପାଲି ଥାନା ନୂଆପଡାର ନରେଶ ଅଗ୍ରୱାଲ (୬୩)। ତେବେ କେଉଁ କାରଣରୁ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଉଠାଇ ନେଇଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ମୁଣ୍ଡ ଜାମିନ ରଖି ଟଙ୍କା ଆଦାୟ ନଚେତ୍ ଜମି ବିବାଦକୁ ନେଇ ତାଙ୍କୁ ସେମାନେ ଉଠାଇ ନେଇଥାଇପାରନ୍ତି ବୋଲି ସନ୍ଦେହ ହେଉଛି। ଘଟଣା ସ୍ଥଳରେ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ୫ଟି ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ଜିଲା ବାହାରକୁ ମଧ୍ୟ ପୋଲିସ ଟିମ୍ ଯାଇ ରାସ୍ତା ପାର୍ଶ୍ୱର ସିସି ଟିଭି ଯାଞ୍ଚ କରୁଛି। ନରେଶଙ୍କ ପୁଅ ଦୀପକ ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶାସନ ନିକଟରେ ଏକ ଗୋଦାମ ଗୃହ ନିର୍ମାଣ କରିବା ପାଇଁ ୨ ବର୍ଷ ତଳେ ନରେଶ ଜମି କିଣିଛନ୍ତି। ସେଠାରେ ମାର୍ଚ୍ଚ ମାସରୁ ନିର୍ମାଣ କାମ ଚାଲିଛି। ଏହି ଜମିକୁ ନେଇ କୁଆଡେ ବିବାଦ ରହିଛି। ଶୁକ୍ରବାର ନରେଶ କାମ ଦେଖିବାକୁ କାର (ଓଡି -୧୫ -କେ-୬୮୮୯)ରେ ଯାଇଥିଲେ। ୧୨ଟାରେ ମଧ୍ୟାହ୍ନ ଭୋଜନ ଖାଇ ଶ୍ରମିକମାନେ ବିଶ୍ରାମ ନେଇଥିଲେ । କାର ଡ୍ରାଇଭର ମଧ୍ୟ ନରେଶଙ୍କଠାରୁ ଦୂରରେ ଛିଡା ହୋଇଥିଲେ। ଏହି ସମୟରେ କେତେକ ଯୁବକ ଏକ କାରରେ ଆସି ପହଞ୍ଚିଥିଲେ। ନରେଶଙ୍କ କାରର ଆଗପଟର ଏକ ଚକକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଚକ ଫାଟିବା ଶବ୍ଦ ଶୁଣି କିଛି ଦୂରରେ ଥିବା ନରେଶ କାର ପାଖକୁ ଆସିଥିଲେ। ତାଙ୍କ ସାଙ୍ଗରେ ୨ ଜଣ ମହିଳା ଶ୍ରମିକ ମଧ୍ୟ ଧାଇଁ ଆସିଥିଲେ। ଯୁବକମାନେ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହାପରେ ନରେଶଙ୍କୁ କାରରେ ବସାଇ ଝାରସୁଗୁଡା ପଟକୁ ନେଇ ଚାଲି ଯାଇଥିଲେ। ନରେଶଙ୍କ କାର ଡ୍ରାଇଭର ତାଙ୍କ ପରିବାର ବର୍ଗଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ପୁଅ ଦୀପକଙ୍କ କହିବା ଅନୁସାରେ ତାଙ୍କ ପରିବାରର କାହା ସହିତ ଶତ୍ରୁତା ନାହିଁ। ଜମି ବିବାଦ ହୋଇଥିଲେ କାମ ଆରମ୍ଭରୁ ଅଶାନ୍ତି ଲାଗିଥାନ୍ତା। ଏଣୁ କିଛି ବୁଝି ହେଉନି କ'ଣ ପାଇଁ ବାପାଙ୍କୁ ସେମାନେ ଉଠାଇ ନେଇଛନ୍ତି। ତେବେ ଏ ସମ୍ପର୍କରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି କହିଛନ୍ତି ଯେ, ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଅପହରଣ ମାମଲା ରୁଜୁ ହୋଇଛି। ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରୁଛି। ଘଟଣାର ତଦନ୍ତ କରାଯାଉଛି।



ନରେଶ ଅଗ୍ରୱାଲ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ !
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି । ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ଜଣେ କରୋନା ପଜିଟିଭ୍, ୧୩୭ ସ୍ୱାବ୍ ସଂଗ୍ରହ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ପୌରାଞ୍ଚଳରେ ଶୁକ୍ରବାର ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଗଞ୍ଜାମ ଜିଲା ଭଞ୍ଜନଗରରୁ ଫେରି ଖୋର୍ଦ୍ଧା ଯାତ୍ରୀନିବାସ ଅସ୍ଥାୟୀ କେନ୍ଦ୍ରରେ ରହିଥିଲେ ବୋଲି ଜିଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୌରାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଅନ୍ୟପଟେ ଜିଲାର ୧୩୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାର ୪୯, ଟାଙ୍ଗୀର ୩୨, ବାଲୁଗାଁର ୧୮, ବାଣପୁରର ୧୦, ବେଗୁନିଆର ୩, ବୋଲଗଡ଼ର ୧୦, ବାଲିପାଟଣାର ୧୫ଜଣ ରହିଛନ୍ତି।

# ଦଶଦିନରେ ଦୁଇଗୁଣ ସଂକ୍ରମଣ

## ଭୁବନେଶ୍ୱରରେ ୬୦୦ ଟପିଲା କରୋନା ଆକ୍ରାନ୍ତ ସଂଖ୍ୟା

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଏବେ କରୋନା ସଂକ୍ରମଣ ମାଡ଼ି ଚାଲିଛି। ଜୁଲାଇ ଆରମ୍ଭରୁ କୋଭିଡ୍-୧୯ ଉଗ୍ର ହେବାରେ ଲାଗିଛି। ଶେଷ ୨୪ ଘଣ୍ଟାରେ ଆଉ ୪୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ୩୫ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ୬୦୨ରେ ପହଞ୍ଚିଛି। ବିଶେଷକରି ଜୁଲାଇ ୧୦ଦିନରେ ସଂକ୍ରମଣ ଦ୍ୱିଗୁଣିତ ହୋଇଛି। ୧ ତାରିଖ ସୁଦ୍ଧା ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୨୦ ରହିଥିବାବେଳେ ୧୦ ତାରିଖରେ ୬ଶହ ଡେଇଁଛି। ଅର୍ଥାତ୍ କେବଳ ୧୦ଦିନରେ ୨୮୨ଜଣ ସଂକ୍ରମିତ ହୋଇଛନ୍ତି। ଏଥିମଧ୍ୟରୁ ୧୭୧ କ୍ୱାରାଣ୍ଟାଇନ୍ ମାମଲା ଥିବାବେଳେ ୧୧୧ଟି ସ୍ଥାନୀୟ ସଂକ୍ରମିତ ରହିଥିବା ଜଣାପଡ଼ିଛି। ଯଦି ସଂକ୍ରମଣ ଏପରି ଭାବେ ବଢ଼ିବ, ତେବେ



- ଆଉ ୪୫ ପଜିଟିଭ ଚିହ୍ନଟ
- ୧୦ଦିନରେ ଚିହ୍ନଟ ହେଲେଣି ୧୧୧ ସ୍ଥାନୀୟ ଆକ୍ରାନ୍ତ
- ଅଧିକାଂଶ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ

ଜୁଲାଇ ଶେଷସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାର ଟପିଯାଇଥିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

ଅନ୍ୟପକ୍ଷରେ ପ୍ରତିଦିନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କୋଭିଡ୍ ତଥ୍ୟକୁ ତର୍ଜମା କଲେ ସ୍ଥାନୀୟ ଆକ୍ରାନ୍ତଙ୍କ ହାର ବଢୁଥିବାରୁ ଆଗାମୀ ସ୍ଥିତି ଅସମ୍ଭାଳ ହୋଇପଡିବ ବୋଲି ଜଣାପଡୁଛି। ଶୁକ୍ରବାର ମିଳିଥିବା ତଥ୍ୟ ଅନୁସାରେ, ନୂଆ ଚିହ୍ନଟଙ୍କ ମଧ୍ୟରୁ ୧୦ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସେମାନେ ହେଲେ ବଡ଼ଗଡ଼ ବ୍ରିଟ୍ କଲୋନୀର ଜଣେ ୪୫ ବର୍ଷୀୟ ବ୍ୟକ୍ତି, ପଟିଆ ନୀଳକଣ୍ଠେଶ୍ୱର ମନ୍ଦିର ଅଞ୍ଚଳର ଜଣେ ୭୧ ବର୍ଷର ବୃଦ୍ଧ, ଶୈଳଶ୍ରୀ ବିହାରରୁ ଜଣେ ୭୩ ବର୍ଷୀୟ ବୃଦ୍ଧା, ଶୁକ ବିହାରରୁ ୨ଜଣ ( ୨୫ବର୍ଷୀୟ ଯୁବକ ଓ ୪୫ ବର୍ଷୀୟ ମହିଳା), ନୀଳାଦ୍ରିବିହାରରୁ ଜଣେ ୫୪ ବର୍ଷୀୟ ପୁରୁଷ, ବିଜେବିନଗର ଲୁଇସ୍ ରୋଡ୍‌ରୁ ଜଣେ ୨୭ ବର୍ଷୀୟ ଯୁବକ, ପଳାଶୁଣି ନିକଟ ଜିଜିପି କଲୋନୀରୁ ଜଣେ ୨୦ ବର୍ଷୀୟ ଯୁବତୀ ଓ ଘାଟିକିଆ ଖଣ୍ଡଗିରିବାରିରୁ ଜଣେ ୮୩ ବର୍ଷୀୟ ବୃଦ୍ଧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ୧୦ ସ୍ଥାନୀୟ ଆକ୍ରାନ୍ତ ଭାବେ ସୂର୍ଯ୍ୟନଗରରୁ ଚିହ୍ନଟ ହୋଇଥିବା ୨୯ ବର୍ଷୀୟ ଯୁବକ ଜଣକ ହେଉଛନ୍ତି ଦାନ୍ତ ଡାକ୍ତର। ସେ ଘରୋଇ କ୍ଲିନିକ୍‌ରେ ରୋଗୀଙ୍କୁ ଚିକିତ୍ସା କରୁଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ୩୫ଜଣଙ୍କ ମଧ୍ୟରୁ ୨୧ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେହିଭଳି କେନ୍ଦ୍ରୀୟ ମେଡିକାଲ ଏମ୍‌ସ ଭୁବନେଶ୍ୱରର ୧୧ଜଣ କର୍ମଚାରୀ, ଡୁମୁଡୁମାରୁ ଚିହ୍ନଟ ୨ଜଣଙ୍କର କୋଲକାତା ଗସ୍ତ ବିବରଣୀ ରହିଛି ଓ କଳିଙ୍ଗନଗରରୁ ଚିହ୍ନଟ ଜଣେ ବ୍ୟକ୍ତି ଏକ ଘରୋଇ ହସ୍ପିଟାଲର ଆଟେଣ୍ଡାଣ୍ଟ ବୋଲି ଜଣାପଡିଛି। ଏହାବ୍ୟତୀତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୬ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରେ ୩୦୮ଜଣ ସୁସ୍ଥ ଥିବାବେଳେ ୨୮୬ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।





ପାସିଂ ଆଉଟ୍ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି କମୋଡର୍।

# ଭାରତୀୟ ନୌସେନା ନାବିକଙ୍କ ପାସିଂ ଆଉଟ୍ ପରେଡ୍

**ବାଲୁଗାଁ,୧୦।୭(ଡି.ଏନ୍.ଏ.)**

ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ୍ କେନ୍ଦ୍ରରେ ୨୧ସପ୍ତାହ ଧରି ପ୍ରଶିକ୍ଷଣ ଲାଭ କରିଥିବା ୨୪୭୧ଜଣ ନାବିକଙ୍କ ପାସିଂ ଆଉଟ୍ ପରେଡ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଏସ୍ ଚିଲିକାର କମୋଡର ଋତୁରାଜ ସାହୁ ପ୍ରଶିକ୍ଷାର୍ଥୀଙ୍କୁ ନୌସେନାର ଆଭିମୁଖ୍ୟ, କର୍ତ୍ତବ୍ୟବୋଧତା, ସମ୍ମାନ ଏବଂ ସାହସକୁ ସାଥିରେ ନେଇ କର୍ମପଥରେ ଆଗେଇ ଯିବା ପାଇଁ ଆହ୍ୱାନ ଦେଇଥିଲେ। ପରେଡ୍‌ରେ ନାବିକମାନେ ସାମାଜିକ ଦୂରତ୍ୱ ରକ୍ଷା କରିଥିଲେ। ଏହି ଅବସରରେ ମେଧାବୀ ପ୍ରଶିକ୍ଷାର୍ଥୀ ଅଭିଷେକ୍ ସିଂ ଓ ଏମ୍.ଡ଼ି ରାଓଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦ୍ୱିଭାଷୀ ପତ୍ରିକା 'ଅଙ୍କୁର'ର ଗ୍ରୀଷ୍ମକାଳୀନ ସଂସ୍କରଣ ଉନ୍ମୋଚନ କରାଯାଇଥିଲା।

## ସଂକ୍ଷେପରେ

### ନଁପୁଟ ପଞ୍ଚାୟତ ୭୨ ଘଣ୍ଟା ଶଟ୍‌ଡାଉନ

**ଯାଁଳା,୧୦।୭(ଡି.ଏନ୍.ଏ.):** ତମାଣ୍ଡୋ ଥାନା ଅନ୍ତର୍ଗତ ନଁପୁଟ ପଞ୍ଚାୟତକୁ ସରପଞ୍ଚ ସୁରେନ୍ଦ୍ର ନାଥ ଜଗଦେବ ୭୨ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି କଟକଣା ଶୁକ୍ରବାର ସନ୍ଧ୍ୟା ୭ଟାରୁ ୧୩ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତ ଅଞ୍ଚଳକୁ ଅଗ୍ନିଶମ ବିଭାଗ ପକ୍ଷରୁ ବିଶୋଧନ କରାଯାଇଛି। ସୂଚନାଥାଉ କି, ଭୁବନେଶ୍ୱର ମଧୁସୂଦନ ନଗର ଅଞ୍ଚଳର ଜଣେ ଯୁବକ ଏମ୍‌ସକୁ ଯାଇଥିଲେ। ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ପରେ ସେ ନଁପୁଟ ପଞ୍ଚାୟତରେ ଥିବା ତାଙ୍କ ଭଉଣୀଙ୍କ ଘରେ ଆସି ରହିଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଚିକିତ୍ସା ଲାଗି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯୁବକ ଜଣକ ଉକ୍ତ ପଞ୍ଚାୟତର ଏକାଧିକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ଗୋଷ୍ଠୀ ସଂକ୍ରମଣକୁ ଆଶଙ୍କା କରି ଏହି ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରାଯାଇଛି।

### ପୁରୀ: ୧୧ ପଜିଟିଭ

**ପୁରୀ ଅଫିସ,୧୦।୭:** ପୁରୀ ଜିଲାରୁ ଶୁକ୍ରବାର ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩ ଜଣ ଆରୋଗ୍ୟ ଲାଭ କରିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩୩୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨୪୭ଜଣ ସୁସ୍ଥ ହୋଇଥିବାବେଳେ ୮୯ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନାରେ ଏବଂ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଅଣୁ ଲୋକ ଅଦାଲତ: ୩୪ ବିବାଦର ସମାଧାନ

**ପୁରୀ ଅଫିସ,୧୦।୭:** ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ଓ ନିମାପଡ଼ା କୋର୍ଟରେ ଅଣୁ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବିବାଦର ସମାଧାନ ଆପୋଷ ବୁଝାମଣାରେ କରାଯାଇଥିଲା। ୩୪ ବିବାଦର ସମାଧାନ କରାଯାଇ ୧,୧୯,୭୦,୦୦୦ ଟଙ୍କା କ୍ଷତିପୂରଣ ଆଦାୟ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିବାଦଗୁଡ଼ିକର ବିଚାର କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁରେଶ ପ୍ରଧାନ, ଶୁଭଶ୍ରୀ ତ୍ରିପାଠୀ ଯୋଗଦେଇଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ଅରୁଣ କୁମାର ପଟ୍ଟନାୟକ, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ସହଯୋଗ କରିଥିଲେ।

### କର୍ମଚାରୀ ସଂଘର ଧାରଣା ଜାରି

**ପୁରୀ ଅଫିସ,୧୦।୭:** ପୁନଃ ନିଯୁକ୍ତି ଓ ବକେୟା ଟଙ୍କା ଦାବିରେ ସେସୁ ମିଟର ରିଡିଂ ଏବଂ ବିଲ୍ କଲେକ୍ସନ କର୍ମଚାରୀ ସଂଘର ଧାରଣା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ସେସୁ ପୁରୀ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା ଦିଆଯାଇଛି। ଗତ ୬ତାରିଖରେ ଧାରଣା ବେଳେ ନିର୍ବାହୀ ଅଧିକାରୀ ଓ ଜିଲା ଶ୍ରମ ଅଧିକାରୀ କୌଣସି କର୍ମଚାରୀଙ୍କୁ ବାହାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମିଟର ରିଡିଂ ପାଇଁ ଫ୍ରାଞ୍ଚାଇଜ ନେଇଥିବା ସଂସ୍ଥା ବାହାର ଲୋକଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତୁତ ହେଉଥିବାରୁ ସଂଘ ପକ୍ଷରୁ ପୁଣି ଧାରଣା ଦିଆଯାଇଛି। ୧୩ ତାରିଖରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ୨ ଡାକ୍ତରଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧାଅଫିସ,୧୦।୭:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଦୁଇ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶରଧାପୁରର ସମିମ ଖାନ। ଗୁରୁବାର ଶଲ୍ୟ ବିଭାଗରେ ଡା. ଶ୍ୟାମାପ୍ରସନ୍ନ ମିତ୍ର ଓ ଶୁଭ୍ରାଂଶୁ ସାହୁ ରୋଗୀ ଦେଖୁଥିଲେ। ଏହି ସମୟରେ ସମିମ ହଠାତ୍ ୱାର୍ଡ ଭିତରେ ପଶି ଡାକ୍ତରଦ୍ୱୟଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଡାକ୍ତରଦ୍ୱୟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୩୩/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

# ସତ୍ୟବାଦୀର ଗୋପୀନାଥ ହସ୍ପିଟାଲ ସିଲ୍

**ପୁରୀ ଅଫିସ/ସାକ୍ଷୀଗୋପାଳ/ପିପିଲି, ୧୦।୭(ଡି.ଏନ.ଏ./ସ୍ୱ.ପ୍ର.)**

 କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ସତ୍ୟବାଦୀ ବ୍ଲକ ଛକ ନିକଟରେ ଥିବା ଗୋପୀନାଥ ହସ୍ପିଟାଲକୁ ଶୁକ୍ରବାର ସିଲ୍ କରିଦିଆଯାଇଛି। ଜିଲା ଜନ ସ୍ୱାସ୍ଥ୍ୟ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇନଚାର୍ଜ ଡା. ବିରଜା ଶଙ୍କର ରଥଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଉକ୍ତ ହସ୍ପିଟାଲରେ ଚଢ଼ାଉ କରିଥିଲେ। ପିପିଲି ଥାନା ଦୁର୍ଗାଦାସପୁର ପଞ୍ଚାୟତ ଅଧୀନ ଠଣଠଣା ଅଞ୍ଚଳର ଜଣେ ଯୁବକ(୨୭) ଗତ କିଛିଦିନ ତଳେ ଭୁବନେଶ୍ୱର ଏକ ହସ୍ପିଟାଲକୁ ହର୍ନିଆ ଚିକିତ୍ସା ପାଇଁ ଯାଇଥିଲେ। ତାଙ୍କର କରୋନା ଟେଷ୍ଟ ହୋଇ ନ ଥିବାରୁ ସେଠାରେ ଆଡମିଶନ ନ କରାଯାଇ ସ୍ୱାବ ସଂଗ୍ରହ କରି ଫେରାଇ ଦିଆଯାଇଥିଲା। ପରେ ଅଧିକ ଯନ୍ତ୍ରଣା ହେବାରୁ ଗତ ୬ତାରିଖରେ ପରିବାର ଲୋକେ ତାଙ୍କୁ ଉକ୍ତ ହସ୍ପିଟାଲକୁ ନେଇ ଅସ୍ତ୍ରୋପଚାର କରାଇଥିଲେ। ଗୁରୁବାର ଯୁବକଙ୍କ ରିପୋର୍ଟ ପଜିଟିଭ ଆସିବା ପରେ କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା। ଫଳରେ ଉକ୍ତ ହସ୍ପିଟାଲରେ ଚିକିତ୍ସା ହୋଇଥିବା ଜଣାପଡ଼ିଥିଲା। ଶୁକ୍ରବାର ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଯାଞ୍ଚ ଟିମ ଉକ୍ତ ହସ୍ପିଟାଲକୁ ଆସି ପଚରାଉଚୁରା ବେଳେ ବିନା କୌଣସି ଟେଷ୍ଟରେ ଅସ୍ତ୍ରୋପଚାର କରିଥିବା ଜଣାପଡ଼ିବା ସହ ହସ୍ପିଟାଲର ଜରୁରୀ କାଗଜପତ୍ର



ହସ୍ପିଟାଲକୁ ସିଲ୍ କରାଯାଉଛି।

- କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ
- ଠଣଠଣା, ଜେନା ସାହି କଣ୍ଟେନମେଣ୍ଟ ଜୋନ୍

ଦେଖାଇପାରି ନ ଥିଲେ। ଏ ନେଇ ଯାଞ୍ଚ ଟିମ ହସ୍ପିଟାଲ ପରିଚାଳକଙ୍କ ବିରୋଧରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିବା ଆଇଆଇସି ଦେବୀପ୍ରସାଦ ପାତ୍ର କହିଛନ୍ତି। ଏହାସହ ପୋଲିସ ଓ ଯାଞ୍ଚ ଟିମ ହସ୍ପିଟାଲର ମୁଖ୍ୟ ଫାଟକରେ ତାଲା ପକାଇ ସିଲ କରିବା ସହ ହସ୍ପିଟାଲର ସମସ୍ତ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ କୁହାଯାଇଛି। ଯାଞ୍ଚ ବେଳେ ତହସିଲଦାର କସ୍ତୁରୀ ପ୍ରଧାନ, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ମିଶ୍ର, ଜୟପୁର ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ମହାପାତ୍ର ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଦୁର୍ଗାଦାସପୁର ସରପଞ୍ଚ ବାସନ୍ତୀ ବେହେରା ଠଣଠଣା ମୌଜାର ସେଠୀ ସାହି, ଜେନା ସାହିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବାସହ ଗାଁର ପ୍ରବେଶ ପଥକୁ ସିଲ କରିଛନ୍ତି। ଏପରିକି ଅନ୍ୟ ଆଦେଶ ନ ଆସିବା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ସରପଞ୍ଚ ଚିଠି ନଂ.୩୨/୨୦ରେ ଏକ ନୋଟିସ ଜାରି କରିଛନ୍ତି। ଏହାସହ ଉକ୍ତ ପରିବାରରୁ ୨୨ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

## ପେଟିଏମ୍ ବନ୍ଦ ଆଳରେ ଲୁଟିଲେ ୬ ଲକ୍ଷ

**ଭୁବନେଶ୍ୱର,୧୦।୭(ବ୍ୟୁରୋ):** ଏୟାରଫିଲ୍ଡ ଥାନା ଭୀମଟାଙ୍ଗି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ପେଟିଏମ୍ ବନ୍ଦ ଆଳରେ ଆକାଉଣ୍ଟରୁ ୬ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ସାଇବର ଲୁଟେରା। ଲୁଟର ଶିକାର ହୋଇଛନ୍ତି ଜନ ପ୍ରକାଶ ବାର୍ଶା। ତାଙ୍କ ଅଭିଯୋଗ ପରେ ପୋଲିସ କେସ ନଂ. ୧୦୯/୨୦ ରୁଜୁ କରି ତଦନ୍ତ ଚଳାଇଛି। ଦୁଇଦିନ ତଳେ ଜନ ପ୍ରକାଶଙ୍କ ମୋବାଇଲ୍‌କୁ ଏକ କଲ୍ ଆସିଥିଲା। ଜଣେ ବ୍ୟକ୍ତି ନିଜକୁ ପେଟିଏମ୍ କର୍ମଚାରୀ କହି ୨୪ ଘଣ୍ଟା ଭିତରେ ଆକାଉଣ୍ଟ ବନ୍ଦ ହୋଇଯିବ ବୋଲି ଜଣାଇଥିଲେ। ଆକାଉଣ୍ଟ ପୂର୍ବଭଳି ଚାଲିବା ପାଇଁ ଜନ ତାଙ୍କୁ ଉପାୟ ପଚାରିଥିଲେ। ଉକ୍ତ ବ୍ୟକ୍ତିଙ୍କ କହିବାନୁଯାୟୀ ଜନ ପ୍ରଥମେ ଅନ୍ୟ ଏକ ଆକାଉଣ୍ଟକୁ ୫ଟଙ୍କା ପଠାଇଥିଲେ। ଏହାପରେ ଆକାଉଣ୍ଟରୁ ୬ଲକ୍ଷ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା।

# ହଟ୍‌ସ୍ପଟ୍ ଜିଲାରୁ କଟକ ଆସିଲେ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ

**କଟକ ଅଫିସ,୧୦।୭**

ହଟ୍‌ସ୍ପଟ୍ ଜିଲାରୁ କଟକ ସହରକୁ ଆସୁଥିବା ବ୍ୟକ୍ତିମାନେ ଏଣିକି କ୍ୱାରାଣ୍ଟାଇନରେ ରହିବେ। ସେହିପରି ବାହାର ଦେଶ କିମ୍ବା ରାଜ୍ୟରୁ କଟକ ସହରକୁ ଫେରୁଥିବା ବ୍ୟକ୍ତିଙ୍କ ପାଇଁ ୧୪ ଦିନିଆ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ। କଟକ ମହାନଗର ନିଗମ ଏଭଳି ନିର୍ଦ୍ଦେଶନାମା ଜାରି କରିଛି। କଟକ ଜିଲାର ହଟ୍‌ସ୍ପଟ୍ ବ୍ଲକରୁ ସହରକୁ ଆସିଲେ ମଧ୍ୟ କ୍ୱାରାଣ୍ଟାଇନରେ ରହିବାକୁ ହେବ। ଯଦି କେହି ଏହି ନିୟମ ଖିଲାପ କରନ୍ତି, ତେବେ ଜଣାଇବାକୁ ସିଏମ୍‌ସି କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। କରୋନା ପ୍ରଭାବିତ ଜିଲାରୁ ଆସୁଥିବା ବ୍ୟକ୍ତିଙ୍କ ଯୋଗୁ କଟକ ସହରରେ କରୋନା ସଂକ୍ରମଣ ବଢୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ୫ଟି ଜିଲା ଓ କଟକ ଜିଲାର ୫ଟି ବ୍ଲକରୁ ସହରକୁ ଆସୁଥିବା ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ ବୋଲି ସିଏମ୍‌ସି ନିଷ୍ପତ୍ତି ନେଇଥିଲା। ଉପରୋକ୍ତ ୫ ଜିଲା ମଧ୍ୟରେ ଗଞ୍ଜାମ, ଖୋର୍ଦ୍ଧା, ଯାଜପୁର, ଗଜପତି, ବାଲେଶ୍ୱର ଏବଂ ୫ ବ୍ଲକ ମଧ୍ୟରେ ନିଶ୍ଚିନ୍ତକୋଇଲି, ତିଗିରିଆ, ବଡ଼ମ୍ବା, ନରସିଂହପୁର ଓ ମାହାଙ୍ଗା ରହିଥିଲା। ଚାକିରି ଓ ବ୍ୟବସାୟ ଉଦ୍ଦେଶ୍ୟରେ ଭୁବନେଶ୍ୱରରୁ କଟକ ମଧ୍ୟରେ ଦୈନିକ ଯାତାୟତ କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ବାଦ୍ ଦିଆଯାଇଥିଲା।

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ,୧୦।୭:** ଜଙ୍ଗଲୀ ଜୀବଜନ୍ତୁଙ୍କ ପ୍ରତି ବର୍ବର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ପକ୍ଷରୁ ଶୁକ୍ରବାର ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରାଯାଇଛି। ସେମାନଙ୍କ ପ୍ରତି ଏଭଳି ନିଷ୍ଠୁର ଆଚରଣ ବେଆଇନ ଓ ଅସାମ୍ବିଧାନିକ ବୋଲି କୋର୍ଟ ଦର୍ଶାଇଛନ୍ତି। କେରଳରେ ହାତୀକୁ ସପୁରିରେ ବାଣ ଦେଇ ମାରିବା ଓ ପ୍ରାଣୀଙ୍କୁ ନିଷ୍ଠୁର ଭାବେ ମାଡ଼ମାରିବା ଘଟଣାକୁ ନେଇ ଖଣ୍ଡପୀଠ ଏଭଳି କହିଛନ୍ତି। ଶୁଭମ୍ ଅୱସ୍ଥିଙ୍କ ଦ୍ୱାରା ଆଗତ ଆବେଦନର

**ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବା ଲାଗି ବର୍ବର କାଣ୍ଡ ଘଟଣା**

ଶୁଣାଣି କରି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାର ଓ ଅନ୍ୟ ୧୨ ରାଜ୍ୟକୁ ମଧ୍ୟ ନୋଟିସ କରିଛନ୍ତି। ଜୀବଙ୍କ ପ୍ରତି ନିଷ୍ଠୁରତା ନିରାକରଣ ଆଇନ ୧୯୬୦ର ଆବଶ୍ୟକୀୟ ସଂଶୋଧନ କରିବା ସହ ଅଭିଯୁକ୍ତଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଙ୍ଗଲ ବିଭାଗରେ ଖାଲିଥିବା ପଦବୀଗୁଡ଼ିକୁ ସରକାର ଶୀଘ୍ର ପୂରଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ୩୧ ନମୁନା ରିପୋର୍ଟ ନେଗେଟିଭ

## ଆଚାର୍ଯ୍ୟ ହରିହରରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ ଆରମ୍ଭ

**କଟକ ଅଫିସ,୧୦।୭**

ଏସ୍‌ସିବିରେ ଗତ ୭ ତାରିଖ ଆରମ୍ଭ ହୋଇଥିଲା ରାପିଡ୍ ଆଣ୍ଟିଜେନ ଟେଷ୍ଟ। କଟକରେ ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ପାଇଁ ସହରର ଅବଶିଷ୍ଟ ୩ ପ୍ରମୁଖ ହସ୍ପିଟାଲରେ ଏହି ଟେଷ୍ଟ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଶୁକ୍ରବାର ଆରମ୍ଭ ହୋଇଛି ରାପିଡ୍ ଆଣ୍ଟିଜେନ ଟେଷ୍ଟ। ପ୍ରଥମ ଦିନ ୩୧ ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଏମାନଙ୍କ ମଧ୍ୟରୁ ୩ ଜଣ ରୋଗୀ, ଜଣେ ସମ୍ପର୍କୀୟ ଓ ୨୭ ଜଣ ଉକ୍ତ ହସ୍ପିଟାଲରେ କାମ କରୁଥିବା ଠିକାସଂସ୍ଥାର କର୍ମଚାରୀ। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି।

# 'ଆତ୍ମନିର୍ଭର ଭାରତରେ ଗରିବଙ୍କ କଲ୍ୟାଣକୁ ପ୍ରାଧାନ୍ୟ'

**ପୁରୀ ଅଫିସ,୧୦।୭**

ଆତ୍ମନିର୍ଭର ଭାରତ ଅଭିଯାନରେ ଗରିବଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦିଆଯାଇଛି। ଏହା କରୋନା ମୁକାବିଲାରେ ବଡ଼ ଭୂମିକା ଗ୍ରହଣ କରିବା ସହ ନୂଆ ଭାରତ ଦିଗରେ ଅଗ୍ରସର ହେଉଛି ବୋଲି ଶୁକ୍ରବାର ପୁରୀ ଜିଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ଭାଜପା ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ଜନଧନ ଆକାଉଣ୍ଟ, ସାମାଜିକ ସୁରକ୍ଷା ଭତ୍ତା ଓ ଉଜ୍ଜ୍ୱଳା ଯୋଜନାରେ ଜୁନ୍ ୨୮ ସୁଦ୍ଧା ୪୦ କୋଟି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୬୪ ହଜାର ୫୦୦ କୋଟି ଟଙ୍କା ସିଧାସଳଖ ଡିବିଟି ମାଧ୍ୟମରେ ଯାଇଛି। ଗରିବ ଓ ପ୍ରବାସୀଙ୍କ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୮ ମାସ ଅର୍ଥାତ୍ ନଭେମ୍ବର ଯାଏ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ଗୋଟିଏ ପରିବାରକୁ ମାସିକ ମୁଣ୍ଡପିଛା ୫ କେଜି ଚାଉଳ କିମ୍ବା ଗହମ ଓ ପ୍ରତି ପରିବାରକୁ ୧ କିଲୋ ଡାଲି ଆଗାମୀ ୫ ମାସ ପାଇଁ ଦିଆଯିବ। ଅନେକ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କୁ ଆସନ୍ତା ୨ ମାସ ମାଗଣାରେ ଖାଦ୍ୟ ଯୋଗାଇବା ପାଇଁ ଗୋଟିଏ ଦେଶ ଗୋଟିଏ ରାଶନ କାର୍ଡ ବ୍ୟବସ୍ଥା ଲାଗୁ ହୋଇଛି। ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରାଯାଇଛି। କିଷାନ କ୍ରେଡିଟ ମାଧ୍ୟମରେ ୨.୫ କୋଟି ଚାଷୀ ତଥା ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ଋଣ ଦିଆଯିବା ବ୍ୟବସ୍ଥା ହୋଇଛି। କୃଷି ଋଣ ପାଇଁ ସ୍ୱତନ୍ତ୍ର ନଗଦ ପାଣ୍ଠି ବ୍ୟବସ୍ଥା କରାଯାଇଛି।

## ପୋଲିସ ସେବା ଭବନ ୪୮ ଘଣ୍ଟା ବନ୍ଦ

**ଭୁବନେଶ୍ୱର,୧୦।୭ (ବ୍ୟୁରୋ):** କମିଶନରେଟ୍ ପୋଲିସର ମୁଖ୍ୟାଳୟ 'ପୋଲିସ୍ ସେବା ଭବନ' ୪୮ଘଣ୍ଟା ପାଇଁ ବନ୍ଦ କରାଯାଇଛି। ୧୧ତାରିଖ ସକାଳ ୯ଟାରୁ ୧୩ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। କର୍ମଚାରୀ ଓ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ଏହି ସମୟରେ କାର୍ଯ୍ୟାଳୟର ସମସ୍ତ କୋଠରିକୁ ବିଶୋଧନ କରାଯିବ। କରୋନା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି। କମିଶନରେଟ ପୋଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ରହିଛି। ଶୁକ୍ରବାର ସୁଦ୍ଧା ୬୦୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ କିଛି ଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏଥିସହ କର୍ମଚାରୀଙ୍କ ଡ୍ୟୁଟି କ୍ୱାରାଣ୍ଟାଇନ୍ ସେଣ୍ଟର ସହ ଅନ୍ୟ ମେଡିକାଲ ଆଦି କୋଭିଡ୍ ସଂକ୍ରମିତ ସ୍ଥାନରେ ପଡୁଛି। ଏହି ଦୃଷ୍ଟିରୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପୋଲିସ ସେବା ଭବନକୁ ୨ଦିନ ଧରି ବିଶୋଧନ କରିବାକୁ ସ୍ଥିର କରିଥିବା ସେ କହିଛନ୍ତି। ସୂଚନାଥାଉ କି, ଗତ କିଛି ଦିନ ପୂର୍ବେ କମିଶନରେଟ୍ ପୋଲିସର ଜଣେ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିଲେ।

# ବୟାନ ରେକର୍ଡ, ଟ୍ରେନ୍ ତଥ୍ୟ ମାଗିଲା ଜିଆରପି

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ଯୁବ ସାମାଜିକ କର୍ମୀ ଆଦିତ୍ୟ ଦାସ ମୃତ୍ୟୁ ଘଟଣା ଏବେବି ରହସ୍ୟ ହୋଇ ରହିଛି। ଭୁବନେଶ୍ୱର ଜିଆର୍‌ପି ଥାନା ପୋଲିସ ମାମଲାର ତଦନ୍ତ ଚଳାଇଥିଲେ ମଧ୍ୟ କିଛି ବି ନୂଆ ସୁରାକ ପାଇପାରିନି। ଆଦିତ୍ୟଙ୍କ ପିପୁଲ ଫର୍ ସେବାର ସଦସ୍ୟ ଓ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଛି। ଶୁକ୍ରବାର ସମସ୍ତଙ୍କ ବୟାନ ଆଧାରରେ ପୋଲିସ ସଂଗଠନର ଫଣ୍ଡ ଓ ଆଦିତ୍ୟଙ୍କ ଆକାଉଣ୍ଟରେ ଥିବା ଟଙ୍କାକୁ ଯାଞ୍ଚ କରୁଛି। ଏଥିସହ ଘଟଣା ଘଟିଥିବା ସୋମବାର ସନ୍ଧ୍ୟାରେ ଲିଙ୍ଗରାଜ ଷ୍ଟେଶନ ଦେଇ ଯାଇଥିବା ସମସ୍ତ ଟ୍ରେନ୍‌ର ତାଲିକା ମାଗିଛି। ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ମୃତ୍ୟୁ ସମୟ ଆଧାରରେ ଧକ୍କାଦେଇଥିବା ଟ୍ରେନକୁ ଚିହ୍ନଟ କରାଯିବ। ଏହାପରେ ଉକ୍ତ ଟ୍ରେନ୍‌ରେ ଥିବା ଲୋକୋ ପାଇଲଟଙ୍କୁ ପୋଲିସ ପଚରାଉଚରା କରିବ। ଟ୍ରେନ୍ ଯିବା ସମୟରେ ଆଦିତ୍ୟ ଟ୍ରେନ୍ ଲାଇନରେ ଛିଡା ହୋଇଥିଲେ କି? କେହି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କଲା ଭଳି ଜଣାପଡିଥିଲା କି? ଏଭଳି କେତେକ ପ୍ରଶ୍ନର ଉତ୍ତର ପାଇବାକୁ ଲକ୍ଷ୍ୟ ରଖିଛି ପୋଲିସ।

**ଆଦିତ୍ୟଙ୍କ ମୃତ୍ୟୁ ରହସ୍ୟ ଖୋଲିବାକୁ ଟଣାଘଣା**

- ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ ଓ ସାଙ୍ଗ ପପୁ ଦୋଷ ଲଦାଲଦି
- ସିବିଆଇ ତଦନ୍ତ ଦାବିକଲା ସାମାଜିକ ସଂଗଠନ

ଅନ୍ୟପକ୍ଷରେ ଆଦିତ୍ୟଙ୍କ ସାଙ୍ଗ ପପୁ ଓ ଆଦିତ୍ୟଙ୍କ ସ୍ତ୍ରୀ ଏବେ ପରସ୍ପରକୁ ଦୋଷ ଦେଉଛନ୍ତି। ଆଦିତ୍ୟଙ୍କ ସ୍ତ୍ରୀ କହିଛନ୍ତି ଯେ, ଆଦିତ୍ୟଙ୍କ ସଂଗଠନ ଦ୍ୱାରା ପରିଚାଳିତ ଆଶ୍ରମର ସମସ୍ତ ଦାୟିତ୍ୱ ପପୁ ଓ ବିକାଶଙ୍କୁ ଦିଆଯାଇଥିଲା। ହେଲେ ଦୁହେଁ ତାଙ୍କୁ ବାରମ୍ବାର ପଛରୁ ଧୋକା ଦେଉଥିବା ଭଳି କାମ କରୁଥିଲେ। ପୂର୍ବରୁ ପପୁ ଆଦିତ୍ୟଙ୍କଠାରୁ ନେଇଥିବା ୩୦ ହଜାର ଟଙ୍କା ଫେରାଇ ନ ଥିବାବେଳେ ଭଉଣୀ ବାହାଘର ପାଇଁ ପୁଣି ୭୦ ହଜାର ଟଙ୍କା ମାଗିଥିଲେ। ଆଦିତ୍ୟଙ୍କ ନିକଟରେ ଟଙ୍କା ନ ଥିବାରୁ ସେ ବାଧ୍ୟହୋଇ ଫଣ୍ଡରୁ ଉକ୍ତ ଟଙ୍କା ଦେଇଥିଲେ। ହେଲେ ବିଦ୍ୟାଶ୍ରୀ ଜରୁରୀ କାମ ପାଇଁ ଆଦିତ୍ୟଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ ମଧ୍ୟ ସେ ଦେଇପାରି ନ ଥିଲେ। ଏହାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ହେଲେ ପପୁ ନେଇଥିବା ଟଙ୍କା କେଉଁଠୁ ଆଣି ସଂଗଠନ ଆକାଉଣ୍ଟରେ ଭରଣା କରିବେ ସେନେଇ ଆଦିତ୍ୟ ମାନସିକ ଚିନ୍ତାରେ ରହୁଥିଲେ ବୋଲି ସ୍ତ୍ରୀ ବିଦ୍ୟାଶ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପପୁ କହିଛନ୍ତି, ଆଦିତ୍ୟ ସବୁବେଳେ କହୁଥିଲେ ଏତେ ଶୀଘ୍ର ବାହାଦେବା ଠିକ୍ ନ ଥିଲା। ମୋତେ ଆଦିତ୍ୟ ଟଙ୍କା ଦେଇଥିବାରୁ ସ୍ତ୍ରୀ ବିଦ୍ୟାଶ୍ରୀ ତାଙ୍କସହ ସବୁବେଳେ ଝଗଡ଼ା କରୁଥିଲେ। ତେଣୁ ତାଙ୍କ ମୃତ୍ୟୁ ପଛରେ ପାରିବାରିକ ଝଗଡ଼ା ରହିଥାଇପାରେ। ଟଙ୍କା କଥାକୁ ନେଇ ମୋତେ ସନ୍ଦେହ କରିବା ଠିକ୍ ନୁହେଁ। ପୋଲିସ ତଦନ୍ତ କଲେ ହତ୍ୟାକାରୀ କିଏ ପଦାକୁ ଆସିବ ବୋଲି ପପୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ନ୍ୟାୟ ନିବେଦନ କରିଛି ୟୋର୍ସ ହୋପ୍ ଫାଉଣ୍ଡେଶନ ଟ୍ରଷ୍ଟ। ସଂଗଠନର ସଦସ୍ୟାସଦସ୍ୟମାନେ ଶୁକ୍ରବାର ସୂଚନା ଭବନ ସମ୍ମୁଖରେ ଆଦିତ୍ୟ ମୃତ୍ୟୁର ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି।





ୟୋର୍ସ ହୋପ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଉଛି।



ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ଯୁବତୀ ଛାତ ଉପରୁ ତଳେ ଥିବା ପୁଲ୍‌କୁ ଡେଉଁଛନ୍ତି। ଯୁବତୀ ଜଣକ ଯେତିକି ଉଚ୍ଚ ଛାତରୁ ଡେଇଁଲେ ଆଦୌ ବଞ୍ଚିବା କଥା ନୁହେଁ। ମାତ୍ର ସେ ଆରାମରେ ଡେଇ ପୁଣି ଫେରିଆସିଥିଲେ। ଯୁବତୀ ଜଣକ ପୁଲ୍‌କୁ ଡେଇଁବା ପାଇଁ ଛାତ ଉପରୁ ଯାଇଥିଲେ। ଠିକ୍ ଏତିକିବେଳେ ସେ ଛାତରୁ ଧକ୍କା ଖାଇ ପୁଲ୍‌ରେ ପଡ଼ିଥିଲେ। ଭିଡିଓଟି ଆମେରିକାର। ଏହା ଚଳିତ ମାସର ବୋଲି ଜଣାପଡ଼ିଛି। ଭାଇରାଲ ହୋଇଥିବା ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୧୧.୨ ମିଲିୟନରୁ ଅଧିକ ଲୋକ ଦେଖିସାରିଲେଣି।

# ପାଚେରିରେ ଫଳୁଛି ପରିବା

**ବିନା ଜମିରେ ଆଧୁନିକ ଚାଷ ପଦ୍ଧତି 'ଭର୍ଟିକାଲ ଫାର୍ମିଂ'। ଖାଦ୍ୟାଭାବ ଦୂର କରିବା ଲାଗି ଏହି ପ୍ରଣାଳୀକୁ ଏବେ ବିଭିନ୍ନ ଦେଶ ଆପଣାଇଲେଣି। ତେବେ ଏହି କ୍ଷେତ୍ରରେ ଗୋଟିଏ ପାଦ ଆଗରେ ରହିଛି ଇସ୍ରାଏଲ।**

**ନୂଆଦିଲ୍ଲୀ:** ବଢ଼ୁଥିବା ଜନସଂଖ୍ୟା ଅନୁପାତରେ ଖାଦ୍ୟାଭାବ ପୂରଣ କରିବା ସବୁବେଳେ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧାନ ଲାଗି ବୈଜ୍ଞାନିକମାନେ ଅହରହ ଗବେଷଣା ଚଳାଇଛନ୍ତି। ବିକଳ୍ପ ସ୍ୱରୂପ ସହରରେ ଏବେ କିଚେନ ଗାର୍ଡେନ୍‌କୁ ପ୍ରାଧାନ୍ୟ ଦିଆଯାଉଛି। ତେବେ ସହରାଞ୍ଚଳରେ ତଟକା ପରିବା ପାଇଁ 'ଭର୍ଟିକାଲ ଫାର୍ମିଂ' ବା 'ପାଚେରିରେ ଚାଷ' ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି ଅନେକେ। ଏହି ଚାଷ ପଦ୍ଧତିକୁ ବିଭିନ୍ନ ସ୍ଥାନରେ ପରୀକ୍ଷାମୂଳକ ଭାବେ କରାଗଲାଣି।

ଭାରତର କୃଷିକାର୍ଯ୍ୟ ଲାଗି ପର୍ଯ୍ୟାପ୍ତ ଚାଷଜମି ରହିଛି। ହେଲେ ଇସ୍ରାଏଲ ଭଳି ଛୋଟ ଦେଶରେ ଜନସଂଖ୍ୟା ତୁଳନାରେ ଜମିର ପରିମାଣ କମ୍। ତେଣୁ ଖାଦ୍ୟ ସମସ୍ୟାର ସମାଧାନ ଲାଗି ଏଠାରେ 'ଭର୍ଟିକାଲ ଫାର୍ମିଂ' ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ଆଧୁନିକ କୃଷିର ନୂଆଯୁଗର ଅୟମାରମ୍ଭ ବୋଲି କୁହାଯାଉଛି। ଜନବହୁଳ ସହରରେ ଏହି ଚାଷ ପ୍ରଣାଳୀ ଦ୍ୱାରା ଆଞ୍ଚଳିକ ସ୍ତରରେ ହେଉଥିବା ଖାଦ୍ୟାଭାବକୁ ବହୁମାତ୍ରାରେ ଦୂର କରାଯାଇପାରିବ। 'ଭର୍ଟିକାଲ ଫାର୍ମିଂ' ଦ୍ୱାରା ଜଣେ ନିଜ ଇଚ୍ଛା ଅନୁଯାୟୀ କାନ୍ଥରେ ଗହମ, ଧାନ ଭଳି ଶସ୍ୟ ସମେତ ବିଭିନ୍ନ ପ୍ରକାରର ପରିବା ଉତ୍ପାଦନ କରିପାରିବ। ଏହି ଚାଷ ପ୍ରଣାଳୀ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ପରିବେଶକୁ ଶୀତଳ ରଖିବାରେ ସହାୟକ ହୁଏ। ଏଥିସହ ପ୍ରଦୂଷଣ ହ୍ରାସ ପାଇଥାଏ।



**ଆଧୁନିକ କୃଷି 'ଭର୍ଟିକାଲ ଫାର୍ମିଂ'**

## କେମିତି କରାଯାଏ

'ଭର୍ଟିକାଲ ଫାର୍ମିଂ' ପାଇଁ ପାଚେରିରେ ଛୋଟଛୋଟ କୁଣ୍ଡକୁ ବ୍ୟବସ୍ଥିତ ଭାବେ ରଖିବାକୁ ପଡ଼େ। ପ୍ରଥମେ ଚାରାଗୁଡ଼ିକ ଜମିରେ ଲଗାଯାଇଥାଏ। ଟିକେ ବିକଶିତ ହୋଇଯିବା ପରେ ଏହାକୁ କୁଣ୍ଡକୁ ସ୍ଥାନାନ୍ତର କରାଯାଏ। ଗଛ ବଞ୍ଚାଇବା ଲାଗି ବୁନ୍ଦା ଜଳସେଚନର ପ୍ରୟୋଗ କରାଯାଏ। ଇସ୍ରାଏଲରେ ଏହା କମ୍ପ୍ୟୁଟର ଦ୍ୱାରା ସଞ୍ଚାଳିତ। ଏହି ଫାର୍ମିଂରେ ବିଭିନ୍ନ ପଦ୍ଧତି ରହିଛି। କମ୍ ମାଟି ଏବଂ ପବନରେ ବଢ଼ିପାରୁଥିବା ଗଛକୁ ଏଥିରେ ଗୁରୁତ୍ୱ ଦିଆଯାଉଛି। ଆମେରିକା, ଅଷ୍ଟ୍ରେଲିଆ, ଇସ୍ରାଏଲ, ଚାଇନା, କୋରିଆ, ଜାପାନ ସମେତ ଭାରତର ବଡ଼ ସହରୀ ଇଲାକାରେ 'ଭର୍ଟିକାଲ ଫାର୍ମିଂ'ର ଆଦର ବଢ଼ିବାରେ ଲାଗିଛି। ତେବେ ଏହି ଚାଷ ପ୍ରଣାଳୀରେ ଖର୍ଚ୍ଚ ପାରମ୍ପରିକ ଚାଷ ତୁଳନାରେ ଅଧିକ। ଖାସ୍‌କରି ପ୍ରାରମ୍ଭିକ ଅବସ୍ଥାରେ ପାଚେରି ପ୍ରସ୍ତୁତ କରିବା ଲାଗି ଅଧିକ ଖର୍ଚ୍ଚ ହୋଇଥାଏ। ତଥାପି ସୌଖୀନ ଚାଷରେ ମନୋନିବେଶ କରୁଥିବା ପରିବାର 'ଭର୍ଟିକାଲ ଫାର୍ମିଂ'ରୁ ବ୍ୟକ୍ତିଗତ ଚାହିଦା ମେଣ୍ଟାଇବା ସହ ଭଲ ରୋଜଗାର ମଧ୍ୟ କରୁଛନ୍ତି।

## ଦୁବେ ଏନ୍‌କାଉଣ୍ଟରକୁ ବଲିଉଡ୍ ସହ ଯୋଡ଼ିଲେ ତାପସୀ



ତାପସୀ ପନ୍ନୁ

**ମୁମ୍ବାଇ:** ଅଭିନେତ୍ରୀ ତାପସୀ ପନ୍ନୁ ବଲିଉଡ୍‌ରେ ତାଙ୍କ ଉଚ୍ଚକୋଟିର ଅଭିନୟ ଲାଗି ଯେତିକି ପରିଚିତ, ତା'ଠାରୁ ଅଧିକ ସୋସିଆଲ୍ ମିଡିଆରେ ତାଙ୍କ ଆକ୍ଟିଭ୍‌ନେସ୍। ସେ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କାନପୁରର ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେଙ୍କୁ ଏନ୍‌କାଉଣ୍ଟର କରି ହତ୍ୟା କରାଯିବା ଘଟଣା ସମ୍ପର୍କରେ ଏବେ ତାପସୀ ନିଜର ମତ ରଖିଛନ୍ତି। ୮ ପୋଲିସଙ୍କୁ ମାରି ଫେରାର୍ ହୋଇଯାଇଥିବା ଦୁବେଙ୍କୁ ପୋଲିସ ଗିରଫ କରି ଆଣୁଥିବାବେଳେ ଗାଡ଼ି ଓଲଟି ପଡ଼ିବା ଓ ସେ ଫେରାର୍ ହେବା ଲାଗି ଉଦ୍ୟମ କରିବାରୁ ଏନ୍‌କାଉଣ୍ଟର କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଏହାକୁ ନେଇ ତାପସୀ କହିଛନ୍ତି, ଏଭଳି ହେବ ବୋଲି କେବେ ବି ଆଶା କରି ନ ଥିଲି। ବଲିଉଡ୍‌ରେ କାହାଣୀଗୁଡ଼ିକ ବାସ୍ତବତାଠାରୁ ବହୁ ଦୂରରେ। ଏହା କହିବା ସହ ତାପସୀ ବଲିଉଡ୍ କାହାଣୀ ସତ୍ୟ ଘଟଣା ଉପରେ ଆଧାରିତ ବୋଲି କହିଆସୁଥିବା ଲୋକଙ୍କୁ ଟାର୍ଗେଟ କରିଛନ୍ତି। ଗତ ଜୁନ୍ ମାସରେ ୩୬ ହଜାର ଟଙ୍କାର ବିଜୁଳି ବିଲ୍ ପାଇବା ପରେ ଟୁଇଟର ମାଧ୍ୟମରେ ସେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ତାଙ୍କୁ ଅନେକେ ସମର୍ଥନ ମଧ୍ୟ କରିଥିଲେ। ଫିଲ୍ମ 'ଥପ୍ପଡ' ପରେ ଏବେ ତାପସୀଙ୍କ ଅନ୍ୟ ଏକ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି।

## କରୋନା ସମୟରେ ବୋହୂ ସାଜିଲେ ହୀନା

**ମୁମ୍ବାଇ:** ବ୍ରାଇଡାଲ ଲୁକ୍‌ରେ ଅଭିନେତ୍ରୀ ହୀନା ଖାନ। ନାଲି ରଙ୍ଗର ଲେହେଙ୍ଗା, ହାତରେ ଚୁଡ଼ା ପିନ୍ଧି, ମେହେନ୍ଦି ଲଗାଇ କୌଣସି ପରିଠାରୁ କମ୍ ଲାଗୁ ନାହାନ୍ତି ସେ। ଇନ୍‌ଷ୍ଟାଗ୍ରାମରେ ଏହି ଲୁକ୍‌ର ଫଟୋ ଶେୟାର କରିବା ପରେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି ପ୍ରଶଂସକ। ଫଟୋଗୁଡ଼ିକ କୌଣସି ଫଟୋଶୁଟ ସମୟର ଅଥବା ସେ ବିବାହ କରିବାକୁ ମନ ବଳାଇଛନ୍ତି ତାହା ଜଣାପଡ଼ିନାହିଁ। ହେଲେ ସେ ଖୁବ ସୁନ୍ଦର ବୋହୂ ସାଜିବେ ବୋଲି ସମସ୍ତେ କହୁଛନ୍ତି।

ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ୟେ ରିସ୍ତା କ୍ୟା କେହେଲାତା ହୈ'ରୁ ନିଜର ପରିଚୟ ସୃଷ୍ଟି କରିଥିଲେ ହୀନା। ଶୋ' ଛାଡ଼ିବା ପରେ ସେ ବିଗ୍‌ବସ୍‌ରେ ନଜର ଆସିଥିଲେ। ଏବେ ତାଙ୍କୁ ଷ୍ଟାଇଲ ଆଇକନ ଭାବେ ଧରାଯାଏ। ଲୋକମାନେ ତାଙ୍କ ସହ କାମ କରିବାକୁ ଅପେକ୍ଷା କରନ୍ତି। ନିଜର ଷ୍ଟାଇଲିଶ ଲୁକ୍ ଏବଂ ଡ୍ରେସିଂ ସେନ୍ସକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସୁଛନ୍ତି। ତାଙ୍କ ବୟଫ୍ରେଣ୍ଡ ରକିଙ୍କୁ ଖୁବ୍‌ଶୀଘ୍ର ବିବାହ କରନ୍ତୁ ବୋଲି ପ୍ରଶଂସକମାନେ ଚାହୁଁଛନ୍ତି। ଏବେ ସତରେ ହୀନା ବିବାହ କରୁଛନ୍ତି, ନା ଏହା କେବଳ ରିଲ୍ ପାଇଁ ତାହା ଜାଣିବା ବାକି ରହିଲା। ଏବେ କୋଭିଡ-୧୯କୁ ନେଇ ଚାରିଆଡେ ଲକ୍‌ଡାଉନ ସ୍ଥିତି ଜାରି ରହିଛି। ଏସବୁ ମଧ୍ୟରେ ଅଭିନେତ୍ରୀ ଅଭିନେତାମାନେ ପୁଣି ଥରେ ଶୁଟିଂ ସେଟ୍‌କୁ ଫେରୁଛନ୍ତି। ହୀନାଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ନାଗୀନ-୫ରେ ଦେଖିବାକୁ ମିଳିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।



## କବରସ୍ଥାନ ପାଇଁ ଜମି ଦେଲେ ହିନ୍ଦୁ ପରିବାର

**ଜିନ୍ଦ୍(ହରିୟାଣା):** ଜାତି, ଧର୍ମ ଭୁଲି ଭାଇଚାରା ଓ ମାନବିକତାର ପରିଚୟ ଦେଇଛନ୍ତି ଏକ ହିନ୍ଦୁ ପରିବାର। ମୃତ୍ୟୁ ପରେ କବର ଦେବା ପାଇଁ ଜମି ମିଳୁ ନ ଥିବାବେଳେ ଜଣେ ହିନ୍ଦୁ ବ୍ୟକ୍ତି ନିଜ ଜମି ଯୋଗାଇଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ହରିୟାଣାର ଜିନ୍ଦ୍ ଜିଲା ଅନ୍ତର୍ଗତ ଗୁଲ୍‌କାନି ଗ୍ରାମରୁ ଆସିଛି ଏପରି ଖବର। ଘଟଣା ହେଲା, ବର୍ଷା ହେଲେ ଗାଁ କବରସ୍ଥାନରେ ପାଣି ଜମି ରହୁଛି; ଯଦ୍ୱାରା କାହାର ମୃତ୍ୟୁ ଘଟିଲେ କବର ଦେବାରେ ବହୁ ଅସୁବିଧା ହେଉଛି। ୧୦ ବର୍ଷ ହେଲା ଏପରି ସମସ୍ୟା ଲାଗିରହିଛି। ଏଠାରେ ଅନେକ ମୁସଲମାନ ପରିବାର ରହୁଥିବାବେଳେ ଅସୁବିଧା ବିଷୟରେ ସରପଞ୍ଚ ଏବଂ ଜିଲା ପ୍ରଶାସନକୁ ଅନେକ ଥର ଅବଗତ କରାଯାଇଛି। ହେଲେ ସମାଧାନ ହୋଇପାରୁନି। ନିକଟରେ ଏକ ମୁସଲମାନ ପରିବାରର ୧୩ ବର୍ଷୀୟା ଝିଅଙ୍କ ମୃତ୍ୟୁ ଘଟିଥିଲା। ଏ ସମୟରେ କବରସ୍ଥାନରେ ବର୍ଷାଜଳ ଭର୍ତ୍ତି ଯୋଗୁ ତାଙ୍କୁ କବର ଦେବା ଅସମ୍ଭବ ହୋଇପଡ଼ିଥିଲା। ପରିବାର ଲୋକେ ବହୁ ଚେଷ୍ଟାକରି ଉପାୟ ପାଉ ନ ଥିଲେ। ଏହି ସମୟରେ ଜଣେ ହିନ୍ଦୁ ପଡ଼ୋଶୀ ସହଯୋଗର ହାତ ବଢ଼ାଇଥିଲେ। ଝିଅର ଅନ୍ତିମ କାର୍ଯ୍ୟ ନିମନ୍ତେ କବରସ୍ଥାନ ନିକଟରେ ଥିବା ନିଜର ଜମି ଯୋଗାଇ ଦେଇଥିଲେ। ଏ ନେଇ ମୃତ ଝିଅଙ୍କ ବାପା ଯୋଗିନ୍ଦର କହିଛନ୍ତି, ଦୀର୍ଘ ବର୍ଷ ଧରି ଗାଁରେ ଏହି ସମସ୍ୟା ଲାଗିରହିଛି। ପ୍ରଶାସନ ଏ ଦିଗରେ ବିଫଳ ହୋଇଥିବାବେଳେ ଜଣେ ପଡ଼ୋଶୀଙ୍କ ସାହାଯ୍ୟ ଯୋଗୁ ଝିଅର ଅନ୍ତିମ କାର୍ଯ୍ୟ କରିପାରିଛି। ତେବେ ଆମେ ସ୍ଥାୟୀ ସମାଧାନ ଚାହୁଁ ବୋଲି ଯୋଗିନ୍ଦର କହିଛନ୍ତି।



## ଇମୋଶନାଲ କଲା 'ଦିଲ୍ ବେଚାରା'ର ଟାଇଟଲ ଟ୍ରାକ୍

**ମୁମ୍ବାଇ:** ବଲିଉଡ୍ ନାୟକ ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ ଶେଷ ଫିଲ୍ମ 'ଦିଲ୍ ବେଚାରା'ର ଟାଇଟଲ ଟ୍ରାକ୍ ରିଲିଜ୍ ହୋଇଛି। ଆଉ ଏହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଗୋଟିଏ ଦିନ ପୂର୍ବରୁ ଏହାର ଟିଜର ରିଲିଜ୍ ହୋଇଥିବା ବେଳେ ଏବେ ଏହାର ଟାଇଟେଲ୍ ଟ୍ରାକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏହା ସୁଶାନ୍ତଙ୍କ ଜୀବନର ଶେଷ ଫିଲ୍ମ ହୋଇଥିବାରୁ ଦର୍ଶକେ ଏହାର ଟାଇଟେଲ ଟ୍ରାକ୍ ଦେଖିବା ପରେ ଇମୋଶନାଲ ହୋଇଯାଇଛନ୍ତି। ଏହି ଗୀତକୁ ଫରହା ଖାଁ କୋରିଓଗ୍ରାଫ କରିଥିବା ବେଳେ ଏହାକୁ ଦେଖି ଦର୍ଶକେ ସୋସିଆଲ ମିଡିଆରେ ସୁଶାନ୍ତଙ୍କ ଟ୍ୟାଲେଣ୍ଟର ପ୍ରଶଂସା କରି ଚାଲିଛନ୍ତି। ସୁଶାନ୍ତ ଓ ସଞ୍ଜନାଙ୍କ ଅଭିନୀତ ଏହି ଗୀତଟି ଫାଷ୍ଟ ଟେକ୍‌ରେ ହିଁ ଓକେ ହୋଇଥିବା କୁହାଯାଏ। ଏହାସହ ଏହି ଗୀତ ପାଇଁ କୋରିଓଗ୍ରାଫର ଫରହା ଖାଁ କୁହାଡେ ଆଦୌ କୌଣସି ପାରିଶ୍ରମିକ ନେଇ ନାହାନ୍ତି। ଏହାକୁ ଏଆର୍ ରହମାନ, ସଞ୍ଜନା ସାଙ୍ଗିଙ୍କ ସମେତ ଆହୁରି କେତେଜଣ ସେଲିବ୍ରିଟି ଟୁଇଟ୍ କରିଛନ୍ତି। ଟୁଇଟରରେ ଏହାକୁ ଜବରଦସ୍ତ ରେସ୍‌ପନ୍ସ ମିଳୁଥିବା ବେଳେ ସୁଶାନ୍ତଙ୍କ ଡ୍ୟାନ୍ସକୁ ଖୁବ୍ ପସନ୍ଦ କରିଛନ୍ତି ଦର୍ଶକେ। ଫିଲ୍ମର ସମସ୍ତ ଗୀତକୁ ରହେମାନ କମ୍ପୋଜ କରିଛନ୍ତି।



## ମନ୍ଦିରରେ ୧୨ ବର୍ଷରେ ପଡ଼େ ବଜ୍ରପାତ

**ଶିମ୍‌ଲା:** ହିମାଚଳ ପ୍ରଦେଶରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ଯେଉଁ କାରଣରୁ ଏହି ରାଜ୍ୟକୁ ଦେବଭୂମି ମଧ୍ୟ କୁହାଯାଏ। ଏଠାରେ ଏମିତି ଏକ ମନ୍ଦିର ରହିଛି, ଯାହାର ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ହିମାଚଳ ପ୍ରଦେଶର କୁଲୁ ସହରରେ ବ୍ୟାସ ଏବଂ ପାର୍ବତୀ ନଦୀର ସଙ୍ଗମସ୍ଥଳରେ ଭଗବାନ ଶଙ୍କରଙ୍କ ମନ୍ଦିର ରହିଛି। ଏହା ବେଶ୍ ରହସ୍ୟମୟ। ଯାହାର ରହସ୍ୟ ଆଜିପର୍ଯ୍ୟନ୍ତ କେହି ଜାଣିପାରୁ ନାହାନ୍ତି। ପ୍ରତି ୧୨ ବର୍ଷରେ ଥରେ ଏହି ମନ୍ଦିର ଉପରେ ବଜ୍ରପାତ ହୋଇଥାଏ। ଏହା ପରେ ମଧ୍ୟ ମନ୍ଦିରର କୌଣସି କ୍ଷତି ହୋଇ ନ ଥାଏ। ଫଳରେ ଶିବଲିଙ୍ଗ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏହା ଦେଖି ପୂଜାରୀ ଶିବଲିଙ୍ଗ ଉପରେ ମାର୍ବଲର ଆବରଣ ଦେଇଥିଲେ। ଯାହା ଦ୍ୱାରା ଭଗବାନ ଶଙ୍କରଙ୍କୁ ଆଶ୍ୱସ୍ତି ମିଳିଥିଲା।

କଥା ଅନୁସାରେ, ଭଗବାନ ଶିବ କୁଲାନ୍ତ ରାକ୍ଷସକୁ ବଧ କରିଥିଲେ। ପରେ ଇନ୍ଦ୍ର କହିଥିଲେ ଯେ, ୧୨ ବର୍ଷରେ ଥରେ ଏଠାରେ ବଜ୍ରପାତ ହେବ। ଇନ୍ଦ୍ରଙ୍କଠାରୁ ଏହା ଶୁଣିବା ପରେ ଭଗବାନ ଶଙ୍କର କହିଥିଲେ, ବଜ୍ରପାତ ହେଉ କୌଣସି ଆପତ୍ତି ନାହିଁ, ହେଲେ କାହାର ଯେମିତି କୌଣସି କ୍ଷତି ନ ଘଟୁ। ତେଣୁ ଭଗବାନ ତାଙ୍କ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଏଠାରେ ସମସ୍ତ ଅଘଟଣ ନିଜ ମୁଣ୍ଡକୁ ନେଇଥାନ୍ତି। ସେହିଦିନଠାରୁ ପ୍ରତି ୧୨ ବର୍ଷରେ ଥରେ ଏହି ମନ୍ଦିର ଉପରେ ବଜ୍ରପାତ ହୋଇଆସୁଛି। ମାତ୍ର ବୈଜ୍ଞାନିକମାନେ ଏହାର ସଠିକ୍ କାରଣ ଆଜି ପର୍ଯ୍ୟନ୍ତ ଜାଣିପାରୁନାହାନ୍ତି।



ପୌରାଣିକ ମାନ୍ୟତା ଅନୁଯାୟୀ, ଏହି ମନ୍ଦିର ଯେଉଁ ଘାଟି ଉପରେ ଥିଲା ସେଠାରେ ଏକ ସାପ ବାସ କରୁଥିଲା। ଯାହାକୁ ଭଗବାନ ଶଙ୍କର ମାରିଥିଲେ। ଏହା ପରେ ଏଠାରେ ବ୍ରଜପାତ ହୋଇଥିଲା।

## କରୋନା ରୋଗୀଙ୍କୁ ସୁସ୍ଥ କରିବ କଙ୍କଡ଼ା ରକ୍ତ

**ୱାଶିଂଟନ:** କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏବେ ଏଥିରୁ ମୁକ୍ତି ପାଇବାକୁ ସମସ୍ତ ବିକାଶଶୀଳ ଦେଶ ପ୍ରୟାସ ଜାରି ରଖିଛନ୍ତି। ପ୍ରଥମେ ଏହାର ଭ୍ୟାକ୍ସିନ ମୂଷା ଓ ମାଙ୍କଡଙ୍କଠାରେ ପରୀକ୍ଷା କରାଯାଉଥିବା ବେଳେ ଏବେ ଏହା ମାନବ ଶରୀରରେ ପରୀକ୍ଷା କରାଯିବାକୁ ଯୋଜନା ଚାଲିଛି। ଏବେ ବିଶେଷଜ୍ଞମାନେ ଏକ ବିଶେଷ ପ୍ରକାର କଙ୍କଡାକୁ କରୋନା ଚିକିତ୍ସା ପାଇଁ ବ୍ୟବହାର କରିବା କଥା ଚିନ୍ତା କରିଛନ୍ତି। ହର୍ଷସୁ କ୍ରାବର ରକ୍ତରେ କରୋନା ରୋଗୀଙ୍କ ଚିକିତ୍ସା କରାଯିବାକୁ ଯୋଜନା ଚାଲିଛି। ଏହା ପୂର୍ବରୁ ମେଡିକାଲ ସାଇନ୍ସରେ ଉପଯୋଗ ହୋଇ ସାରିଥିବା ବେଳେ ଏବେ ଏହା କରୋନା ଚିକିତ୍ସାରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି। ତେବେ ଏହି କଙ୍କଡାର ରକ୍ତକୁ ବ୍ୟବହାର କରିବା ପୂର୍ବରୁ ପ୍ରଥମେ ମେଡିକାଲ ଉପକରଣ ସବୁ ବ୍ୟାକ୍ଟେରିଆ ଫ୍ରି ହେବା ଜରୁରୀ। ନଚେତ୍ ଏହାଦ୍ୱାର ସମସ୍ତ ରୋଗୀ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ଅଧିକ ଥାଏ। ବିଶ୍ୱର ବହୁ ପୁରାତନ ଜୀବମାନଙ୍କ ମଧ୍ୟରେ ଗୋଟିଏ ହେଉଛି ଏହି ହର୍ଷସୁ କ୍ରାବ। ଡାଇନେସୋର ପୂର୍ବରୁ ଏହି କଙ୍କଡା ପୃଥିବୀରେ ଦେଖାଯାଉଥିବା କୁହାଯାଏ। ତେବେ ୨୦୧୯ରେ ହୋଇଥିବା ଏକ ମେଡିକାଲ ଆନାଲିସିସରେ ଜଣାପଡିଥିଲା କି ଏହି କଙ୍କଡା ୩୦କୋଟି ବର୍ଷରୁ ଅଧିକ ସମୟ ହେବ ପୃଥିବୀରେ ଅଛନ୍ତି। ତେଣୁ ଏମାନଙ୍କୁ ଲିଭିଙ୍ଗ ଫାସିଲ୍ସ ଶ୍ରେଣୀରେ ରଖାଯାଇଛି। ପ୍ରତିକୂଳ ପରିବେଶରେ ବି ଏମାନେ ବଞ୍ଚି ରହିଥାଆନ୍ତି ବୋଲି କୁହାଯାଏ। ଏହି କଙ୍କଡ଼ାର ରକ୍ତ ନୀଳ ରଙ୍ଗର। ଏମାନଙ୍କ ରକ୍ତରେ ଆଇରନ ବଦଳରେ କପର ବା ତମ୍ବା ସହ ହେମୋସିଆନିନ ନାମକ ଏକ ରାସାୟନିକ ପଦାର୍ଥ ଥିବା କାରଣରୁ ଏମାନଙ୍କ ରକ୍ତର ରଙ୍ଗ ନୀଳ ହୋଇଥାଏ। ଏହି ରଙ୍ଗରେ ଥିବା ତତ୍ତ୍ୱ ସହଜରେ ବିଷାକ୍ତ ପଦାର୍ଥକୁ ଚିହ୍ନଟ କରିପାରିଥାଏ। ବିଶେଷ କରି ଏହା ଏଣ୍ଡୋଟକ୍ସିନକୁ ସହଜରେ ଚିହ୍ନି ପାରିଥାଏ। ବ୍ୟାକ୍ଟେରିଆ ଶେଷ ହେବା ପରେ ଏହି ଏଣ୍ଡୋଟକ୍ସିନ ଶରୀରରୁ ନିର୍ଗତ ହୋଇଥାଏ। ଏହା ଏତେ ମାରାତ୍ମକ ଯେ ଯଦି ହସ୍ପିଟାଲର କୌଣସି ସର୍ଜରୀ ଉପକରଣ ଅବା ଇଞ୍ଜେକଶନରେ ଏହାର ସୂକ୍ଷ୍ମ ମାତ୍ରା ଥାଏ ତେବେ ଏହା ରୋଗୀର ଜୀବନ ପାଇଁ ବଡ ବିପଦ ସୃଷ୍ଟି କରିଥାଏ। ଏହି ନୀଳ ରଙ୍ଗର ରକ୍ତ ଏଣ୍ଡୋଟକ୍ସିନକୁ ଚିହ୍ନଟ କରିଥାଏ। ଏହାପରେ ଉକ୍ତ କଙ୍କଡା ଦେହରୁ ଏକ ରାସାୟନିକ ନିର୍ଗତ ହୋଇଥାଏ ଯାହା ବ୍ୟାକ୍ଟେରିଆ ସଂସ୍ପର୍ଶରେ ଆସିଥିବା ରକ୍ତକୁ ଏକାଠି କରିଥାଏ ଓ ତା' ଭିତରେ ହିଁ ସେ ସେହି ବ୍ୟାକ୍ଟେରିଆକୁ ମାରି ଦେଇଥାଏ। ତେଣୁ ଏବେ କରୋନା ପାଇଁ ପ୍ରସ୍ତୁତ ଅନେକ ଭ୍ୟାକ୍ସିନକୁ ଏହି ନୀଳ ରକ୍ତ ସହ ମିଶ୍ରଣ କରାଯାଇ ଏହା ବିଷାକ୍ତ କି ନା ପରୀକ୍ଷା କରାଯିବ ବୋଲି ଜଣାପଡିଛି। ତେବେ ଏହି କଙ୍କଡାର ନୀଳ ରକ୍ତର ଗୋଟିଏ ଲିଟରର ଦାମ ପାଖାପାଖି ୧୧ ଲକ୍ଷ ଟଙ୍କା ବୋଲି କୁହାଯାଏ। ୧୯୭୦ରୁ ମେଡିକାଲ ଏକ୍ସପର୍ଟ ଏହି ହର୍ଷସୁ କ୍ରାବର ରକ୍ତକୁ ବ୍ୟବହାର କରି ଆସୁଛନ୍ତି। ଏହାଦ୍ୱାର ମେଡିକାଲ ଉପକରଣ ଓ ଔଷଧ ସମ୍ପୂର୍ଣ୍ଣ ଭାବେ ବ୍ୟାକ୍ଟେରିଆ ମୁକ୍ତ କି ନା ତାହା ଜଣାପଡ଼ିଥାଏ।

**୧ ଲିଟରର ଦାମ୍ ୧୧ ଲକ୍ଷ ଟଙ୍କା**




## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



୬ ରାଧାମଣି ଷଡ଼ଙ୍ଗୀ
ଅଲାରପୁର, ବଳଙ୍ଗା, ପୁରୀ
ତିରୋଧାନ- ୨।୭।୨୦୨୦
ଗୁରୁବାର- ରାତ୍ର ୧୦.୪୦
ବୋଉଲୋ, ତୁ ଥିଲୁ ବୋଲି, ଏ ପରିଣତ ବୟସରେ ବି ଆମେମାନେ ତୋତେ ଭରସା କରୁଥିଲୁ । ତୁ ଚାଲିଗଲୁ ଆମେମାନେ ଆଶ୍ରାହୀନ ହୋଇଗଲୁ। ଶ୍ରୀଜଗନ୍ନାଥ ସୁନାବେଶ ହୋଇ ବସିଥିବାବେଳେ ଚାଲିଗଲୁ, ସେଇ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ ।
ତୋର ହତଭାଗ୍ୟ: ପୁତ୍ର, ପୁତ୍ରବଧୂ, କନ୍ୟା, ନାତି ଓ ନାତୁଣୀମାନେ ।
ଧ-୧୭୭୨୪

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚିତ୍ତରଞ୍ଜନ ଜେନା
ଗବସାହି, ଭଦ୍ରକ
ଆବିର୍ଭାବ: ୧୮।୦୫।୧୯୬୭
ତିରୋଧାନ: ୦୧।୦୭।୨୦୨୦
ଅଦିନରେ ଓ ଅସମୟରେ ଝରିଗଲ। ତୁମର ଅନୁପସ୍ଥିତି ଆମେ ଗ୍ରହଣ କରିପାରୁ ନାହୁଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସାଇଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ହତଭାଗ୍ୟ- ପୁତ୍ର: ସତ୍ୟ (ଚିଣ୍ଟୁ), ହତଭାଗିନୀ ପତ୍ନୀ: ପ୍ରଣତୀ, ପିତା, ମାତା, ଭାଇ, ଭାଇ ବୋହୂ, ପୁତୁରା, ଝିଆରୀ, ଭଉଣୀ, ଭିଣୋଇ, ଭଣଜା,ଭାଣିଜୀ ଶଶୁର,ଶାଶୁ, ଶଳା, ଶଳା ଭାଉଜ, ତଥା ଜେନା ଆସୋସିଏଟସ୍‌ର ସଦସ୍ୟବୃନ୍ଦ।
ଧ-୧୭୭୧୮

**ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଆର୍ତ୍ତ ପଣ୍ଡା
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୯୮୭୧

**୧୪ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମନମୋହନ ପଟ୍ଟନାୟକ
ଜଗନ୍ନାଥବିହାର, ବରମୁଣ୍ଡା
ତିରୋଧାନ: ୧୬।୦୭।୨୦୦୬
ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀତିଥି
ଚାହୁଁ ଚାହୁଁ ୧୪ବର୍ଷ ବିତିଯାଇଛି, ଏ ଦୁନିଆରେ ଅନେକ ପରିବର୍ତ୍ତନ ଆସି ଯାଇଛି, କିନ୍ତୁ ତୁମର ପବିତ୍ର ଅନାବିଳ ସ୍ମୃତି ଆମର ହୃଦୟରେ ଚିର ସ୍ମରଣୀୟ ହୋଇ ରହିଯାଇଛି।
-:ଇତି ଆପଣଙ୍କର ପରିବାର:-
ପତ୍ନୀ: ଝୁନୁ, ଟାଟୁ, ସାନୁ, ନାନୁ, ରୁନୁ, ଜିନୁ, ଲିନୁ, କୁନ୍‌ମୁନ୍, ଆଦୁ, ଇଷୁ, ପିହୁ
ଧ-୧୭୭୧୭

# କବିତା

## ଶୁଣ ସୁଜନେ

ଶୁଣ ମନ କର୍ଣ୍ଣ ଦେଇ ସୁଜନେ
ବାହାରେ ନ ବୁଲି ରୁହ ସଦନେ
ମଝିରେ ମଝିରେ ସାବୁନ ମାରି
ହାତ ଧୋଇପକା ଉତ୍ତମ କରି।
ଦୂରତା ବଜାଇ ରଖିବ ଭାଇ
ରୋଗକୁ ଲୁଚାଇ ରଖିବ ନାହିଁ
ନାମ ତା' କରୋନା ସେ ମହାମାରୀ
ତା' ସଙ୍ଗେ ଲଢ଼ିବା ନ ଯାଇ ଡରି।
ସରକାର ଯାହା କହୁ ଅଛନ୍ତି
ମାନି ଚଳିଗଲେ ରୋଗରୁ ମୁକ୍ତି
ଭୂତାଣୁଜନିତ ଏହି ରୋଗଟି
ପରିଷ୍କାର ହେଲେ ଯାଏ ସେ ହଟି।
ସଚେତନ ବଳେ ଏହି ରୋଗକୁ
ସଂହାର କରିବା ବଢ଼ି ଆଗକୁ।

*–ବସନ୍ତ କୁମାର ଦାସ,*
*ରମ୍ଭା, ବରି, ଯାଜପୁର*



## ବଡବଡୁଆଙ୍କ କଥା

ବିରାଟ ତାଲାକୁ ଛୋଟିଆ ଚାବି
ଛୋଟ ଛୋଟ କଥା ମନରେ ଭାବି
ବଢ଼ାଇବ ପାଦ ଯିଏ
ହାତ ପାଆନ୍ତାରେ ସରଗର ଜହ୍ନ
ସତେ ପାଇଯିବ ସିଏ।
ଦିନରେ ସୂରୁଜ ରାତିରେ ତାରା
କାମ ବେଳେ କାମ କରିବା ପରା
ଖେଳୁଥିଲେ ଖେଳ ବେଳେ
ଦେହ ମନ ସବୁ ରହିବ ସତେଜ
ରୋଗ ଛୁଇଁବନି ତିଳେ।
ସୂରୁଜ ଗୋଲିଆ ଗୋଲିଆ ଚାନ୍ଦ
ବିପଦ ବେଳରେ ବୁଦ୍ଧିଟେ ଫାନ୍ଦ
ବୁଦ୍ଧିଥିଲେ ସିଦ୍ଧି ସବୁ
ବୁଦ୍ଧିଟି ନ ଥିଲେ ନିର୍ବୁଦ୍ଧିଆ ବୋଲି
ନାମଟି ପାଇବୁ ବାବୁ।
ନାକକୁ ନୋଥଣୀ କାନକୁ ନୋଳି
ଧରାରେ ମଣିଷ ଭଳିକି ଭଳି
ମନରେ ଯେ ପାଞ୍ଚେ ଯାହା
କପାଳ ଲିଖନ ନ ହୁଏଟି ଆନ
ବିଧାତା ଲେଖଇ ତାହା।
ବୈଶାଖ ଖରା ଶ୍ରାବଣେ ବାରି
ସକାଳୁ ଉଠିବା ନ କରି ଡେରି
କାମ କଲେ ମନ ଦେଇ
କେହି ନ କହିବେ ଠାପୁଆଟା ବୋଲି
ସୁଖରେ ରହିବୁ ତୁହି।
ମୁଣ୍ଡରେ ପଗଡି ପାଦରେ ତେଲ
ବଇଦ ସାଙ୍ଗରେ ଖେଳିଲେ ଗେଲ
ବଡବଡୁଆଙ୍କ କଥା
ଶୁଣି କରି ଯଦି ବୁଝି ପାରିବୁ
ଆପେ ନଇଁଯିବ ମଥା।

*–ଛନ୍ଦା ମିଶ୍ର, ଭୁବନେଶ୍ୱର*

## ଖିଲିଖିଲି ହସ

ଥରେ ଚିଣ୍ଟୁ ତା' ମା'ଙ୍କ ସହ ଟ୍ରେନ୍‌ରେ ଯାଉଥାଏ। ଚିଣ୍ଟୁ ଦୁଷ୍ଟ ହେବାର ଦେଖି ତା' ମା' କହିଲେ, ଚିଣ୍ଟୁ, ତୁ ଯଦି ଏମିତି ମୋ କଥା ନ ମାନି ଦୁଷ୍ଟ ହେବୁ ତେବେ ମାଡ ଖାଇବୁ। ଏକଥା ଶୁଣି ଚିଣ୍ଟୁ ଉତ୍ତର ଦେଲା, 'ମା, ତୁମେ ମୋତେ ମାରିଲେ ମୁଁ ମୋର ପ୍ରକୃତ ବୟସ କେତେ ଟିଟିଇକୁ କହିଦେବି। କାରଣ ତୁମେ ମୋର ଭୁଲ୍ ବୟସ କହି ଟିକେଟ କାଟିଛ।'

ଥରେ ସୋନୁ ସ୍କୁଲରେ ଫେରି ଉଦାସ ଭାବରେ ବସି ପଡିଲା। ଏହାଦେଖି ତାହାର ମା' ପଚାରିଲେ, ଆରେ ଆଜି କାହିଁକି ଏମିତି ମୁହଁ ଶୁଖାଇ ବସିଛୁ ? କ'ଣ ହୋଇଛି କି ? ସୋନୁ ପଚାରିଲା, ଆଚ୍ଛା ମା, ଦେଖିଲ ମୁଁ ଭଗବନାଙ୍କ ପରି ଦେଖାଯାଉଛି ? ମା' ଉତ୍ତର ଦେଲେ, କାହିଁ ନାଇ ତ। ତୋତେ ଏକଥା କିଏ କହିଲା ? ଚିଣ୍ଟୁ ଉତ୍ତର ଦେଲା, ମା, ମୁଁ କ୍ଲାସକୁ ଗଲେ ମୋ ସାଙ୍ଗମାନେ କହୁଛନ୍ତି, ଆରେ, ଭଗବାନ ପୁଣି ଆସିଗଲେ।

## ଆଇନା




## କହିଲ ଦେଖି

କାଟିଲେ ତାକୁ କାନ୍ଦେନି ସିଏ
କାଟିବା ଲୋକକୁ କନ୍ଦେଇ ଦିଏ
ଆଖିରୁ ଝରଇ ଲୁହର ଧାର
କିଏ ସେ କହିବ ନାମ ତାହାର
**ଉତ୍ତର : ପିଆଜ**





ଦୁଇଗୋଟି ଚକା କାଠେ ତିଆରି
ଆଠ ଗୋଡ଼ ଥାଏ ସାଥେ ତାହାରି
ଲୋଡ଼ା ପଡ଼େ ଦ୍ରବ୍ୟବୋହିବା ପାଇଁ
କିଏ ସେ ପାରିବ ନାମ ତା'କହି
**ଉତ୍ତର : ଶଗଡ଼**

ଚାରୋଟି ଅକ୍ଷରେ ଫୁଲ ସମ୍ଭାର
ପ୍ରଥମ ଦ୍ୱିତୀୟ ସାଜେ ଠାକୁର
ତୃତୀୟ ଚତୁର୍ଥ ଅଟେ ଆହାର
ଦେଖିବାକୁ ଲାଗେ ସେ ମନୋହର



ନାଲିଆ ରଙ୍ଗର ଫୁଲଟି ସିଏ
ନାମଟି ତାହାର କହିବ କିଏ
**ଉତ୍ତର : କୃଷ୍ଣଚୂଡ଼ା**

ଜନ୍ମବେଳେ ସିଏ ଦୂରେଇ ଥାଏ
ବୟସ ବଢ଼ିଲେ ପାଖେଇ ଯାଏ
ପାରେ ନାହିଁ କେହି ତା'ବାଟ ରୋକି
ନେଇଯାଏ ସିଏ ସାଥିରେ ଡାକି
ବାକି ସବୁ ମିଛ ଅଟେ ସେ ସତ
ଜନ୍ମ ଥିଲେ ତାହା ଘଟେ ନିଶ୍ଚିତ
**ଉତ୍ତର : ମୃତ୍ୟୁ**

**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର
ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

# ଭଲ ଆଉ ମନ୍ଦ

ଗପ



ଗୋଟିଏ ଛୋଟ ଗାଁରେ ଜଣେ ପଣ୍ଡିତ ଶାସ୍ତ୍ରୀ ରହୁଥିଲେ। ସେ ବହୁତ ଦୟାଶୀଳ। ସବୁବେଳେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଥିଲେ । ଆଖ ପାଖ ଗାଁରେ ଏହି କାମ ଯୋଗୁ ତାଙ୍କର ବହୁତ ନାଁ ଥିଲା। ତାଙ୍କର ସେବକ ନାମକ ଗୋଟିଏ ଦୁଷ୍ଟ ପୁଅ ଥିଲା। ପଣ୍ଡିତ ବହୁତ ଆଶା କରିଥିଲେ ତାଙ୍କ ପୁଅ ପାଠ ପଢି ତାଙ୍କ ଭଳି ଦୟାଶୀଳ ହୋଇ ପୂଜା ପାଠରେ ତାଙ୍କୁ ସାହାଯ୍ୟ କରିବ । କିନ୍ତୁ ସେ ବାଲୁଙ୍ଗା ହୋଇଗଲା । ପଣ୍ଡିତ ତାକୁ ବହୁତ ବୁଝେଇଲେ, ହେଲେ ତାକୁ ଦୁଷ୍ଟାମି ଅଭ୍ୟାସକୁ ସେ ଛାଡି ପାରିଲା ନାହିଁ। କାରଣ ଦୁଷ୍ଟାମି କରିବାରେ ତାକୁ ମଜା ଆସୁଥିଲା । ଶେଷରେ ନିରାଶ ହୋଇ ପଣ୍ଡିତ ତାକୁ ବୁଝେଇବା ଛାଡି ଦେଲେ । ଯେତେବେଳେ ସେ ଦୁଷ୍ଟାମି କରି ଆସୁଥିଲା ସେ ତାଙ୍କ ମୁଖ୍ୟ ଦ୍ୱାରରେ ଗୋଟିଏ କଣ୍ଟା ପିଟି ଦେଉଥିଲେ । କିଛି ଦିନ ଭିତରେ ସେ କାନ୍ଥ କଣ୍ଟାରେ ଭର୍ତ୍ତି ହୋଇଗଲା ।

ଦିନେ ଜଣେ ଅନ୍ଧ ଲୋକ କାନ୍ଦି କାନ୍ଦି ଆସି ପଣ୍ଡିତଙ୍କ ପାଖକୁ ଆସିଲେ । ଆଉ ପଣ୍ଡିତଙ୍କୁ ସେ କହିଲେ, ତାଙ୍କ ପୁଅ ତାଙ୍କ ହାତରୁ ବାଡି ଟାଣି ନେଇଗଲା ଆଉ ତାଙ୍କ ଗଣ୍ଠୁଲିକୁ କୂଅରେ ପକେଇ ଦେଇଛି । ସେ କାନ୍ଥ ଆଡେ ଅନେଇଲେ ଦେଖିଲେ ଆଉ ଗୋଟିଏ କଣ୍ଟା ପିଟିବା ପାଇଁ ଜାଗା ଅଛି। ପଣ୍ଡିତ ମହାଶୟ ସେ ଅନ୍ଧ ବ୍ୟକ୍ତିଙ୍କୁ କ୍ଷମା ମାଗି ତାଙ୍କୁ ବିଦା କଲେ । ଆଉ କଣ୍ଟାକୁ ନେଇ ସେ କାନ୍ଥରେ ପିଟିବାକୁ ଯାଉଥିଲେ ସେ ସମୟରେ ସେବକ ଆସି ପହଞ୍ଚି ତା' ବାପାଙ୍କୁ ପଚାରିଲା, ଆପଣ ଏ କ'ଣ କରୁଛନ୍ତି ? ତା' ବାପା ବହୁତ ଦୁଃଖରେ କହିଲେ, ପୁଅ ଏ ହେଲା ତୋର ଦୁଷ୍ଟାମିର ହିସାବ। ସେବକ ଆଶ୍ଚର୍ଯ୍ୟ ହୋଇ କାନ୍ଥରେ ପିଟା ହେଇଥିବା କଣ୍ଟାକୁ ଅନେଇଲା । ଆଉ ପଚାରିଲା ସେ ସବୁ କଣ୍ଟା ଯୋଉ ପିଟା ହେଇଛି ସେ ସବୁ ମୋ କାରଣରୁ। ଏହା ଶୁଣି ପଣ୍ଡିତ କହିଲେ, ହଁ, ସେ ସବୁ ତୋ ଦୁଷ୍ଟାମିର ହିସାବ। ଦେଖ୍ ପୁଅ ! ମନ୍ଦ କାମ ଛାଡିଦେଇ ପରୋପକାର, ଆଉ ସତ୍ କାମରେ ଲାଗିପଡ । ଭଲ ପାଠ ପଢ, ଏବେ ମଧ୍ୟ ସମୟ ଅଛି ନିଜକୁ ବଦଳାଇବାକୁ ଚେଷ୍ଟା କର। ଏହା ଶୁଣି ସେବକ ମନେ ମନେ ନିର୍ଣ୍ଣୟ ନେଲା କି ସେ ଏବେ ଭଲ କାମ କରିବ ଆଉ ବାପା କହିଥିବା ମାର୍ଗରେ ଯିବ।

ତତ୍‌କ୍ଷଣାତ୍ ତା'ର ଜୀବନର ଗତି ବଦଳି ଗଲା । ସେ ଲୋକମାନଙ୍କୁ ଆଉ ହଇରାଣ କଲାନି । ଆଉ ସମସ୍ତଙ୍କୁ ସାହାଯ୍ୟ କରିବାରେ ଆଗେଇ ଆସିଲା। ତା'ର ବଦଳିବା ବ୍ୟବହାରରେ ପଣ୍ଡିତ ବହୁତ ଖୁସି ହେଲେ। ସେ କ'ଣ କଲେନା ସେବକର ପ୍ରତ୍ୟେକ ଭଲ କାମ ଯୋଗୁଁ ସେ ଗୋଟିଏ ଲେଖାଏ କଣ୍ଟା ବାହାର କରିବାକୁ ଲାଗିଲେ କାନ୍ଥରୁ। ଆଉ ଧୀରେ ଧୀରେ ସବୁ କାନ୍ଥରୁ କଣ୍ଟା ବାହାର କରିଦେଲେ। କିନ୍ତୁ ଗୋଟିଏକୁ ଛାଡି କରି। ଦିନେ ପଣ୍ଡିତ ମହାଶୟ ଅଗଣାରେ ବସି ଧୂପ ଦେଉଥିଲେ, ସେତିକି ବେଳେ ଜଣେ ଲୋକ ଆସି କହିଲେ, ଏବେ ଏବେ ସେବକ ଜଣେ ଗରିବ ବୃଦ୍ଧାଙ୍କୁ ସାହାଯ୍ୟ କରୁଛି । ଏହି ଖବରରେ ବହୁତ ଖୁସି ହେଲେ ପଣ୍ଡିତ ମହାଶୟ । ଆଉ ସେ ଯାଇ ଶେଷ କଣ୍ଟାକୁ ବାହାର କରିଦେଲେ କାନ୍ଥରୁ । ସେ ସମୟରେ ସେବକ ଆସି ପହଞ୍ଚିଲା । ସେବକ କେତେବେଳେ ତା' ବାପାଙ୍କୁ ଅନୋଉଥାଏ ତ କେତେବେଳେ କାନ୍ଥକୁ। ବାପା କାନ୍ଥରୁ କଣ୍ଟା ତ ବାହାର କରିଦେଲେ ହେଲେ କାନ୍ଥରେ ଦାଗ ସବୁଦିନ ପାଇଁ ରହିଗଲା । ଏହା ଦେଖି ପଣ୍ଡିତ କହିଲେ, 'ଦେଖ୍ ପୁଅ ! ଦୁଷ୍ଟ କାମ ଛାଡିଦେଲେ କଳଙ୍କର ଦାଗ ଜମାରୁ ଯାଏନି' । ସେଥିପାଇଁ ଆମେ କେବେ ଭୁଲ୍ କାମ କରିବା ନାହିଁ। ମଣିଷ ଦ୍ୱାରା କରାଯାଇଥିବା ଛୋଟ ଛୋଟ ଭୁଲ୍ କାମ ତା'ର କଳଙ୍କର ଦାଗ ହୋଇ ଜୀବନ ସାରା ରହିଥାଏ।

**–ମନୋଜ କୁମାର ବେହେରା**
ପ୍ଲଟ ନଂ–୨୧୭, ୟୁନିଟ–୯(ଫ୍ଲାଟ)
ବାୟାବାବା ମଠ ଲେନ, ଭୁବନେଶ୍ୱର

## ଜାଣିଛ କି

- ଆମ ପୃଥିବୀର ପାଖାପାଖି ୭୦ ଭାଗ ଜଳ ଦ୍ୱାରା ଆଚ୍ଛାଦିତ।
- ମହାସାଗରଗୁଡିକ ମଧ୍ୟରେ ପ୍ରଶାନ୍ତ ମହାସାଗର ବୃହତ୍ତମ ଆଉ ଏହା ପୃଥିବୀର ୩୦ ଭାଗକୁ ଆଚ୍ଛାଦିତ କରିଛି।
- ମାରିୟାନା ଟ୍ରେଞ୍ଚ ହେଉଛି ସବୁଠାରୁ ଗଭୀରତମ ସାଗର। ଏହାର ଗଭୀରତା ହେଉଛି ୧୧ କି.ମି.।
- ଆମେ ଗ୍ରହଣ କରୁଥିବା ଅମ୍ଳଜାନ (ଅକ୍ସିଜେନ୍)ର ୭୦ ପ୍ରତିଶତ ସମୁଦ୍ରରୁ ହିଁ ଆସିଥାଏ।
- ସମୁଦ୍ର ଭିତରେ ଥିବା ଆଇସବର୍ଗକୁ ଯଦି ତରଳାଇ ପାଣିରେ ପାଣିରେ ରୂପାନ୍ତରିତ କରାଯାଏ ତେବେ ତାହା ପ୍ରାୟ ଏକ ମିଲିୟନ ଲୋକଙ୍କୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପିଇବା ପାଣି ଯୋଗାଇପାରିବ ବୋଲି ଏକ ସର୍ଭେରୁ ଜଣାପଡିଛି।



- ସମୁଦ୍ରରୁ ସୃଷ୍ଟି ହେଉଥିବା ସୁନାମିର ଗତି କେତେ ଜାଣିଛ ? ଏହାର ଘଣ୍ଟା ପ୍ରତି ଗତି ହେଉଛି ୫୦୦ ମାଇଲ।

## ଗିନିଜ୍ ୱାର୍ଲ୍ଡରେକର୍ଡ

# ଆଣ୍ଠୁରେ ଟାଏକୋଣ୍ଡୋ କରି ରେକର୍ଡ




ପିଲାମାନେ, ତୁମେ ଜାଣିଛ କି ଅଭ୍ୟାସ ବଳରେ ମଣିଷ ସବୁକିଛି ଅସାଧକୁ ସାଧନ କରିପାରେ। ଏହାର ଏକ ଉଦାହରଣ ହେଉଛନ୍ତି ସାକେତ୍ ଚିତାଲୁରି। ଆଣ୍ଠୁରେ ଟାଏକୋଣ୍ଡୋ ଷ୍ଟ୍ରାଇକ୍ କରି ସେ ଗିନିଜ୍ ୱାର୍ଲଡ ରେକର୍ଡରେ ନିଜ ନାମକୁ ପରିସରଭୁକ୍ତ କରାଇପାରିଛନ୍ତି। ହାଇଦ୍ରାବାଦର ଶ୍ରୀ ସ୍ୱାମୀ ନାରାୟଣ ଗୁରୁକୁଳ ସ୍କୁଲର ଛାତ୍ର ହେଉଛନ୍ତି ସାକେତ୍। ଛୋଟବେଳରୁ ତାଙ୍କର ଟାଏକୋଣ୍ଡୋ ଖେଳ ପ୍ରତି ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥିଲା। ଏଥିପାଇଁ ସେ ବହୁ ସମୟ ଅଭ୍ୟାସ କରୁଥିଲେ। ଫଳରେ ଅଧିକ ସମୟ ସେ ଗୋଡ଼ ବ୍ୟବହାର କରିପାରୁଥିଲେ। ୯୦ ପ୍ରତିଶତ ଗୋଡ଼ ବ୍ୟବହାର କରିବା ସହ ସେ ୧୦ ପ୍ରତିଶତ ହାତ ବ୍ୟବହାର କରିପାରନ୍ତି। ତାଙ୍କର ଏହି ଅଭ୍ୟାସ ହିଁ ତାଙ୍କୁ ରେକର୍ଡ କରିବାରେ ସାହାଯ୍ୟ କରିପାରିଥିଲା। ସାକେତ୍ ନବମ ଶ୍ରେଣୀରେ ପଢୁଥିବାବେଳେ ବନସ୍ଥଳୀପୁରମ୍‌ରେ ଆୟୋଜିତ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୩୧ ଜଣିଆ ଟିମ୍‌ରେ ଭାଗ ନେଇଥିଲେ। ଏହିସମୟରେ ସେ ଗୋଟିଏ ଘଣ୍ଟା ମଧ୍ୟରେ ୩୫,୭୭୪ ଥର ଆଣ୍ଠୁରେ ଷ୍ଟ୍ରାଇକ୍ କରି ଗିନିଜ୍ ୱାର୍ଲଡ ରେକର୍ଡ କରିବାକୁ ସକ୍ଷମ ହୋଇଥିଲେ।

## ମତାମତ

- ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।
  *–ପ୍ରଶାନ୍ତ କୁମାର ଦାସ,ଅନୁଗୋଳ*
- 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ର ଗୁଡିକ ବେଶ୍ ଆକର୍ଷଣୀୟ ହୋଇ ପାରୁଛି।
  *–ସୁନୀତା ନାୟକ, ଢେଙ୍କାନାଳ*
- 'କହିଲ ଦେଖି'ରେ ପ୍ରକାଶିତ ବିଷୟଗୁଡିକୁ ପଢ଼ି ଅନେକ କଥା ଜାଣି ହେଉଛି। *–ବିଜୟ କୁମାର ସାହୁ, କଟକ*

## ଚଗଲା ଭୀମୁ




## ତୁମ ତୂଳୀରୁ





ଅନନ୍ୟା ରୁପାଲି ତ୍ରିପାଠୀ
କ୍ଲାସ– ୫, ସରକାରୀ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଗୋବିନ୍ଦପାଲ୍ଲୀ, ମାଲକାନଗିରି






**ଆକାଂକ୍ଷା ରଣା,** କ୍ଲାସ– ୯, ବିଦ୍ୟାଭାରତୀ
ଆବାସିକ ବିଦ୍ୟାଳୟ, ବଲାଙ୍ଗୀର





ପି. ସି. ବାଦଲ କୁମାର,
କ୍ଲାସ–୫, ଭେଙ୍କଟେଶ୍ୱର ସ୍କୁଲ,
ଜାରକା, ଜଇପୁର

## ୨ ଲକ୍ଷ ୬୭ ହଜାର ଜରିମାନା ଆଦାୟ

ଭୁବନେଶ୍ୱର,(ବ୍ୟୁରୋ)- କୋଭିଡ୍ ଏସ୍ଓପି ଅନୁପାଳନ ଉଲ୍ଲଂଘନ ଅଭିଯୋଗରେ ବିଏମ୍ସି ଏଯାଏ ୨ଲକ୍ଷ ୬୭ ହଜାର ଜରିମାନା ଆଦାୟ କରିଛି। ମାସ୍କ ନ ପିନ୍ଧିବା, ଦୋକାନ ସମ୍ମୁଖରେ ଭିଡ କରିବା ଏବଂ ଆବର୍ଜନା ଏଣେତେଣେ ଫୋପାଡିବା ଅଭିଯୋଗରେ ଜରିମାନା ଆଦାୟ ହୋଇଛି। ଚଳିତ ମାସରେ ଚଢ଼ାଉ ଅଭିଯାନକୁ ବ୍ୟାପକ କରାଯାଇ ୭ ଦିନ ଭିତରେ ୧ ଲକ୍ଷ ୧୦ ହଜାର ଜରିମାନା ଆଦାୟ ହୋଇଥିବା ବିଏମ୍ସି କହିଛି।

## ସଂକ୍ଷେପରେ

### ଡେଣ୍ଟାଲ ୱିଙ୍ଗ୍‌ରେ ହେବ ଆଇସୋଲେଶନ ୱାର୍ଡ

**କଟକ ଅଫିସ,୧୦।୭:** ହସ୍ପିଟାଲରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥା ସମ୍ଭବ ପଦକ୍ଷେପ ନିଆଯାଉଛି। ଏସ୍ସିବିର ଦନ୍ତ ବିଭାଗରେ ମଧ ସନ୍ଦିଗ୍ଧ ରୋଗୀଙ୍କୁ ସ୍ୱତନ୍ତ୍ର ଭାବେ ରଖି ଚିକିତ୍ସା କରିବା ପାଇଁ ଆଇସୋଲେଶନ ୱାର୍ଡ ନିର୍ମାଣ କରାଯାଇଛି। ସାଧାରଣତଃ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏହି ୱାର୍ଡରେ ରଖି ଅପରେଶନ କରାଯିବା ସହ ଦୀର୍ଘ ଦିନ ଧରି ଚିକିତ୍ସା କରାଯାଇଥାଏ। ଏବେ ଏଠାରେ ଆଇସୋଲେଶନର ବ୍ୟବସ୍ଥା କରାଯିବାରୁ କର୍ମଚାରୀଙ୍କ ନିରାପତ୍ତା ଅଧିକ ସୁଦୃଢ଼ ହୋଇପାରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

### କୋଭିଡ୍ ଆଉଟ୍‌ଡୋରରୁ ମୃତଦେହ ଉଦ୍ଧାର

**କଟକ ଅଫିସ,୧୦।୭:** ଏସ୍ସିବି କରୋନା ଆଉଟ୍‌ଡୋର ପାଖ ବାଥ୍‌ରୁମ୍‌ଠାରେ ଶୁକ୍ରବାର ମଧାହ୍ନରେ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ବୃଦ୍ଧା ଜଣକର ପରିଚୟ ମିଳିପାରି ନାହିଁ। ବୃଦ୍ଧାଙ୍କ ମୃତଦେହ ପଡ଼ିଥିବା ଦେଖି ସେଠାକାର ଜଣେ କର୍ମଚାରୀ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ମଙ୍ଗଳାବାଗ ଫାଣ୍ଡି ପୋଲିସ ମୃତଦେହକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ପୋଲିସକୁ ଆକ୍ରମଣ କରି ଲୁଟ୍

**ପିପିଲି,୧୦।୭(ସ୍ୱ.ପ୍ର.):** ପିପିଲି ଥାନା ଅଧୀନ ତରାକାଜ ଓଭରବ୍ରିଜ ଛକ ନିକଟରେ ଗୁରୁବାର ରାତିରେ ଜଣେ କନଷ୍ଟେବଲଙ୍କୁ ଆକ୍ରମଣ କରି ଲୁଟ୍ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ନଂ. ୧୮୭/୨୦ରେ ଏକ ମାମଲା ରୁଜୁ କରି ଗୋଟିଏ ପଲସର ବାଇକ୍ ଜବତ କରିଛି। ଧଉଳି ଥାନାର କାର୍ଯ୍ୟରତ କନଷ୍ଟେବଲ ରାକେଶ ପରିଡା କାର୍ଯ୍ୟ ସାରି ବଳଙ୍ଗାସ୍ଥିତ ଘରକୁ ଫେରୁଥିଲେ। ବାଇପାସ୍‌ରେ ୨ଲୁଟେରା ଆସି ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ପିନ୍ଧିଥିବା ସୁନାଚେନ ଓ ୨୦ହଜାର ଟଙ୍କା ନେଇ ପଳାଇଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ପହଞ୍ଚି ରାକେଶଙ୍କୁ ଉଦ୍ଧାର କରିବା ସହ୍ ମେଡିକାଲକୁ ପଠାଇଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ଚଢ଼ାଉ କରିଥିଲା। ଶୁକ୍ରବାର ମଙ୍ଗଳପୁର ଅଞ୍ଚଳରେ ଚଢ଼ାଉ ବେଳେ ଜଣେ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା।

### ଗଣ୍ଡମୁଣ୍ଡା ଖଦି, ଗ୍ରାମୋଦ୍ୟୋଗ ପରିସରରୁ ଉଚ୍ଛେଦ

**ଭୁବନେଶ୍ୱର,୧୦।୭(ବ୍ୟୁରୋ):** ବିଡିଏ, ବିଏମ୍ସି, ସାଧାରଣ ପ୍ରଶାସନ ବିଭାଗ ଓ କମିଶନରେଟ ପୋଲିସର ମିଳିତ ଉଚ୍ଛେଦ ଅଭିଯାନ ଜାରି ରହିଛି। ଶୁକ୍ରବାର ଭୀମପୁର ମୌଜାର ଗଣ୍ଡମୁଣ୍ଡାରେ ଥିବା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିସରରୁ ବେଆଇନ ନିର୍ମାଣ ଉଚ୍ଛେଦ ହୋଇଛି। ୧୦ଟି ଏସି ଛପର ଦୋକାନ, ୨ଟି ଏସି ଘର ଏବଂ ୨ଟି କ୍ୟାବିନ୍ ଉଚ୍ଛେଦ ହୋଇଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ୱର୍ଗଦ୍ୱାରକୁ ବାହାର ମୃତଦେହ ମନା ନିଷ୍ପତ୍ତିକୁ ବିରୋଧ

**କଟକ ଅଫିସ,୧୦।୭:** କରୋନା କଟକଣାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ବାହାର ସ୍ଥାନରୁ ଆସୁଥିବା ମୃତଦେହକୁ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହାର ବିରୋଧ କରିଛି ଓଡ଼ିଶା ସୁରକ୍ଷା ସେନା। ସଙ୍ଗଠନର ସଭାପତି ଅଭିଷେକ ଯୋଶୀ ଅଭିଯୋଗ କରିଛନ୍ତି ଯେ, ଏହି ନିଷ୍ପତ୍ତି ହିନ୍ଦୁ ଧର୍ମ ପ୍ରତି କୁଠାରାଘାତ ଭଳି। ଜିଲା ପ୍ରଶାସନ ତୁରନ୍ତ ଏଭଳି ନିଷ୍ପତ୍ତି ପରିବର୍ତ୍ତନ କରିବା ପାଇଁ ସେ ଦାବି କରିଛନ୍ତି। ଏଥିସହ କରୋନାର ସମସ୍ତ ନିୟମ କଡ଼ାକଡ଼ି ପାଳନ କରି ମୃତଦେହର ଦାହ ସଂସ୍କାର ସଠିକ ଭାବେ କରାଯିବା ନେଇ ସରକାର ଧ୍ୟାନ ଦେବା ଜରୁରୀ ବୋଲି ସଭାପତି ଯୋଶୀ ମତ ଦେଇଛନ୍ତି।

### ମହିଳାଙ୍କୁ ଅସଦାଚରଣ

**ଭୁବନେଶ୍ୱର,୧୦।୭ (ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଡମଣା ଅଞ୍ଚଳରେ ଭଡ଼ାରେ ରହୁଥିବା ଜଣେ ମହିଳାଙ୍କୁ ଘର ମାଲିକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ କେସ୍ ନଂ-୨୩୬/୨୦ ରୁଜୁ କରିଛି। ମହିଳାଙ୍କ ସ୍ୱାମୀ ମୁମ୍ବାଇରେ ରହି ଚାକିରି କରନ୍ତି। ମହିଳାଙ୍କ ସ୍ୱାମୀ ଘର ମାଲିକଙ୍କୁ ଭଡ଼ା ଟଙ୍କା ଆକାଉଣ୍ଟରେ ପଠାଉଥିଲେ। ଗତ ଜୁନ ୧୦ରେ ଘରମାଲିକ ମହିଳାଙ୍କ ଘରେ ପଶି ଅସଦାଚରଣ କରିଥିଲେ।

# ଆମେ ଅମାନିଆ, କିଛି ମାନିବୁନି...

ଭୁବନେଶ୍ୱର, ୧୦।୭(ବ୍ୟୁରୋ)



କରୋନାଠାରୁ ଦୂରରେ ରହିବାକୁ ହେଲେ ସାମାଜିକ ଦୂରତ୍ୱ ଏକମାତ୍ର ବିକଳ୍ପ। ଏଥିପାଇଁ କଡ଼ା ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିଶେଷକରି ଅନ୍‌ଲକ୍ ପର୍ଯ୍ୟାୟ ଆରମ୍ଭରୁ ଦୋକାନ ବଜାର ଓ ହାଟରେ ଗହଳି ପରିସ୍ଥିତି ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କଟକଣା ଲଗାଇଛି। ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ଜାରି କରିଛି। ହେଲେ ସବୁ ନିୟମ ଓ ଭୟକୁ ଖାତିର କରୁନାହାନ୍ତି ଅମାନିଆ ବ୍ୟବସାୟୀ ଓ ଗ୍ରାହକ। ବିଶେଷକରି ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ୍ ଥିବାରୁ ଶୁକ୍ରବାର ସହରର ୟୁନିଟ୍-୧ ହାଟ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ, ଜନପଥ, ବାପୁଜୀ ନଗର, ଶହୀଦ ନଗର ଆଦି ପ୍ରମୁଖ ହାଟବଜାରରେ ଲୋକଙ୍କ ଅସମ୍ଭାଳ ଗହଳି ଦେଖିବାକୁ ମିଳୁଛି। ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଗ୍ରାହକଙ୍କ ମଧରେ ସାମାଜିକ ଦୂରତ୍ୱ ଆଦୌ ରହୁନି। ଝୁନ୍ଦାଝୁନ୍ଦି ହୋଇ ଚଳପ୍ରଚଳ କରୁଥିବାରୁ ଅଜାଣତରେ ସଂକ୍ରମଣ ବ୍ୟାପିବା ସମ୍ଭାବନା ରହୁଛି। ଏପଟେ ଜୁଲାଇ ଆରମ୍ଭରୁ ଭୁବନେଶ୍ୱରରେ ସଂକ୍ରମଣ ହୁହୁ ହୋଇ ବଢ଼ିବା ସହ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏପରି ସ୍ଥଳେ ବିଏମ୍ସି କର୍ତ୍ତୃପକ୍ଷ ଓ ଅଧିକାରୀ ଏସ୍ଓପି ଜାରି କରି ଚୁପ୍ ରହୁଥିବାରୁ ହାଟବଜାର ସଂକ୍ରମଣ ଆଗକୁ ସହରର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ମେ ୧୬ରେ ବିଏମ୍ସି ବାପୁଜୀ ନଗର ବ୍ୟବସାୟୀଙ୍କ ଦୋକାନ ଖୋଲିବା ଓ ବନ୍ଦ କରିବା ନେଇ ଏସ୍ଓପି ଜାରି କରିଥିଲା। ଉକ୍ତ ଏସ୍ଓପିକୁ ମାନି ଇଚ୍ଛୁକ ବ୍ୟବସାୟୀମାନେ ଏକ ଶପଥନାମା ଲେଖି ଦୋକାନ ଖୋଲିବାକୁ ଅନୁମତି ମାଗିବେ। ବିଶେଷକରି ମାସ୍କ, ସାନିଟାଇଜର, ସୋସିଆଲ ଡିଷ୍ଟାନ୍ସ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ଦୋକାନ ସମ୍ମୁଖରେ ଗାଡି ପାର୍କିଂ ନ କରିବା ପାଇଁ ବ୍ୟବସାୟୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାହକ ମୁଖ୍ୟ ରାସ୍ତାରେ ଗାଡି ପାର୍କ କରି ବଜାରକୁ ଆସିଲେ ହିଁ ସେବା ପାଇପାରିବେ ବୋଲି ସ୍ଥିର କରାଯାଇଥିଲା। ସେହିଭଳି ଏସ୍ଓପି ଖିଲାପ କଲେ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଜରିମାନା କରାଯିବ ବୋଲି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଥିଲେ। ହେଲେ ବର୍ତ୍ତମାନ ବ୍ୟବସାୟୀମାନେ କୌଣସି ଏସ୍ଓପି ପାଳନ କରୁ ନ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ସେହିଭଳି ୟୁନିଟ୍ -୧ ହାଟ, ମାର୍କେଟ ବିଲ୍ଡିଂ, ଜନପଥ ଓ ଶହୀଦନଗର ବଜାରରେ ସମାନ ସ୍ଥିତି ଉପୁଜିଛି। ବିଏମ୍ସି ଅଧିକାରୀମାନେ ଆଉ ପୂର୍ବଭଳି ତଦାରଖ କରୁ ନ ଥିବାରୁ ସ୍ଥିତି ଅସମ୍ଭାଳ ହୋଇପଡୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଏମ୍ସିର ଅଧିକାରୀମାନେ ମୁହଁ ଖୋଲିବାକୁ ଚାହୁଁନାହାନ୍ତି।

**ହାଟବଜାର ଭିଡ଼କୁ ବିଏମ୍ସିର ନାହିଁ ରୋକ୍**

- ଏସ୍ଓପି ଜାରିକରି ଚୁପ୍ ବସିଛନ୍ତି ଅଧିକାରୀ
- ବ୍ୟାପିଗଲାଣି ସଂକ୍ରମଣ, ସ୍ଥିତି ହେଲାଣି ଅସମ୍ଭାଳ

## ପରିବା ମାର୍କେଟ ବଢ଼ାଉଛି ଗୋଷ୍ଠୀ ସଂକ୍ରମଣ ଡର

କଟକ ଅଫିସ,୧୦।୭

ସହରରେ ସଂକ୍ରମଣ କ୍ରମଶଃ ବୃଦ୍ଧି ପାଉଥିବାରୁ ଶଟ୍‌ଡାଉନ ଘୋଷଣା କରିଛି ସିଏମ୍ସି। କିନ୍ତୁ ଶଟ୍‌ଡାଉନରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସହରରେ ଖୋଲା ରହୁଥିବା ପରିବା ବଜାରରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ମାଲମାଲ ଗାଡ଼ି ବୁଲୁଛି। ଏହା ହିଁ ଗୋଷ୍ଠୀ ସଂକ୍ରମଣର କାରଣ ହେବ ବୋଲି ଅନେକ ଆଶଙ୍କା କଲେଣି। ଖୋଦ୍ ଥାନାଠାରୁ କିଛି ଦୂରରେ ଥିବା ପରିବା ବଜାରରେ ଅସମ୍ଭାଳ ଭିଡ଼ ହେଉଛି। ଏହା ସିଏମ୍ସିର କରୋନା ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାଁକୁ ଶଟ୍‌ଡାଉନ। ଲୋକେ ବିନା ଜରୁରୀ କାର୍ଯ୍ୟରେ ଅବାଧରେ ବାହାରେ ବୁଲୁଛନ୍ତି। ପୋଲିସ କି ସିଏମ୍ସି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ମଧୁପାଟଣା ମାତୃ ଭବନ ରୋଡ୍‌ରେ ବସିଥିବା ପରିବା ମାର୍କେଟରେ ପ୍ରତିଦିନ ଭିଡ଼ ରହୁଛି। ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ନିୟମ ଏଠି ବାଟବଣା। ମଧୁପାଟଣା ପୋଲିସ ଷ୍ଟେଶନଠାରୁ ଅଳ୍ପ କେତେ ମିଟର ଦୂରରେ ଏହି ପରିବା ମାର୍କେଟ ରହିଥିଲେ ବି ପୋଲିସ ଅଧିକାରୀଙ୍କ ନଜରରେ ପଡୁନି। ସହରରେ ବର୍ତ୍ତମାନ ସୁଦ୍ଧା ୨୨୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଏହି ଖାମଖିଆଲି ମନୋଭାବ ଯୋଗୁ କଟକ ସହରରେ ଗୋଷ୍ଠୀ ସଂକ୍ରମଣ ଡର ଲାଗି ରହିଛି। ଏନେଇ ସିଏମ୍ସି ଏନଫୋର୍ସମେଣ୍ଟ ଅଧିକାରୀ ଅବିନାଶ ରାଉତ କହିଛନ୍ତି ଯେ, ପ୍ରତିଦିନ ଚଢ଼ାଉ କରାଯାଉଛି। ଲୋକଙ୍କଠାରୁ ବହୁ ପରିମାଣରେ ଜରିମାନା ଆଦାୟ କରାଯାଉଛି। ଏହା ସତ୍ତ୍ୱେ ବି ସେମାନେ ସଚେତନ ହେଉନାହାନ୍ତି। ଆଗକୁ ନିୟମ କଡ଼ାକଡ଼ି କରାଯିବ।

## କଟକ ଜିଲା: ଦିନକରେ ୫୦ ପଜିଟିଭ

କଟକ ଅଫିସ,୧୦।୭

କଟକ ଜିଲାରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଗୋଟିଏ ଦିନରେ ଜିଲାରେ ୫୦ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ବଡ଼ମ୍ବାରେ ସର୍ବାଧିକ ୩୩ ଜଣ ଥିବାବେଳେ ଏସ୍ସିବିରେ ୧୩ ଜଣ, କଟକ ସହରରୁ ୨ଜଣ ଏବଂ ନିଶ୍ଚିନ୍ତକୋଇଲି ଓ ଅଡ଼ଙ୍ଗପୁରରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। କଟକ ସହରର ଦୁଇ ପଜିଟିଭଙ୍କ ମଧରେ ସିଡିଏ ସେକ୍ଟର-୧୧ର ଜଣେ ପୁରୁଷ ଆକ୍ରାନ୍ତ ଥିବା ଜଣାପଡ଼ିଛି। ତାଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି, ସେ ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଅନ୍ୟ ଜଣେ ପଜିଟିଭ ମଙ୍ଗଳାବାଗ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ବଡ଼ମ୍ବାରେ ୮ଟି ପଞ୍ଚାୟତରୁ ୩୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ ଜଣ ହୋମ କ୍ୱାରାଣ୍ଟାଇନରେ ଥିବାବେଳେ ୩୧ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସେହି ୩୧ ଜଣ ପାଥୋଲ୍ୟାବ ଓ ଜଣେ ସଂକ୍ରମିତ ପୋଲିସ କର୍ମଚାରୀଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଜିଲାରେ ୧୦ ତାରିଖ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୯୯୧ ଛୁଇଁଥିବା ବେଳେ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩୧ରେ ପହଞ୍ଚିଛି।

## ପଞ୍ଚାୟତ ଅଫିସରେ ତାଲା ପକାଇଲେ ମହିଳା

କୃଷ୍ଣପ୍ରସାଦ,୧୦।୭(ଡି.ଏନ୍.ଏ.)

**ଫାଇଲିନ୍ ଗୃହ ସହାୟତା ଦାବି**

ଫାଇଲିନ ବାତ୍ୟାକୁ ୭ବର୍ଷ ବିତିଯାଇଥିଲେ ମଧ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବାସିନ୍ଦା ଗୃହ ସହାୟତା ପାଇବାରେ ବଞ୍ଚିତ ହୋଇଛନ୍ତି। ଏ ନେଇ ହିତାଧିକାରୀମାନେ ବାରମ୍ବାର ପ୍ରଶାସନକୁ ଜଣାଇ ବିଫଳ ହେବା ପରେ ଶୁକ୍ରବାର ଇପିଙ୍ଗବାଉରୀପଲ୍ଲୀ ଗ୍ରାମର କେତେଜଣ ମହିଳା ପଞ୍ଚାୟତ ଅଫିସରେ ତାଲା ପକାଇବା ସହ ଧାରଣା ଦେଇଥିଲେ।

ସୂଚନାଥାଉ କି, ୨୦୧୩ ଫାଇଲିନ ବାତ୍ୟାରେ ପୁରୀ, ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାରେ ବହୁ କ୍ଷତି ହୋଇଥିଲା। ବିପନ୍ନଙ୍କ ପାଇଁ ସରକାରୀ ସହାୟତା ଘୋଷଣା କରିବା ସହ ଗୃହ ଶୂନ୍ୟ ପରିବାରଙ୍କୁ ବିଶ୍ୱ ବ୍ୟାଙ୍କ ମାଗଣା ଗୃହ ଯୋଗାଇଥିଲା। ଏଥିରେ ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ହିତାଧିକାରୀମାନେ ସହାୟତା ପାଇ ଗୃହ କରିଥିବାବେଳେ ପୁରୀ ଜିଲାର ହିତାଧିକାରୀ ବାଦ୍ ପଡ଼ିଥିଲେ। ଜିଲାରେ ଫାଇଲିନ ସୁରକ୍ଷା ମଞ୍ଚ ଗଠନ କରି ଆନ୍ଦୋଳନ କରିବା ପରେ ସହାୟତା ପାଇଁ ସରକାର ପର୍ଯ୍ୟାୟକ୍ରମେ କାର୍ଯ୍ୟାଦେଶ ଦେଇଥିଲେ। ଇପିଙ୍ଗବାଉରୀପଲ୍ଲୀର ସରୋଜିନୀ ଜେନା, ରୀନା ପାହାଣ, ମମତା ବେହେରା, ପ୍ରଭାତି ପାହାଣଙ୍କ ସମେତ ଅନ୍ୟ ମହିଳାଙ୍କୁ ଗୃହ ପାଇଁ କାର୍ଯ୍ୟାଦେଶ ଦିଆଯିବା ସହ ୭୦ହଜାର ଟଙ୍କା ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିଲା। ଏ ନେଇ ସରପଞ୍ଚ ଓ ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ମଧ ସୁଫଳ ମିଳି ନ ଥିଲା। ଦୀର୍ଘଦିନ ବିତିଯାଇଥିଲେ ମଧ ସହାୟତା ନ ମିଳିବାରୁ ମହିଳାମାନେ ପଞ୍ଚାୟତ ଅଫିସ ତାଲା ପକାଇବା ସହ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ବିଡିଓ ଅଭିମନ୍ୟୁ ମାଝି ପହଞ୍ଚି ଫାଇଲିନ ଘର କଥା ଜାଣି ନ ଥିବା କହିଥିଲେ ବୋଲି ହିତାଧିକାରୀ ସରୋଜିନୀ କହିଛନ୍ତି। ପରେ ସନ୍ଧ୍ୟା ପ୍ରାୟ ୬ଟା ରେ ମହିଳାମାନେ ଘରକୁ ଫେରିଯାଇଥିଲେ। ଏ ନେଇ ବିଡିଓଙ୍କ ମୋବାଇଲ ନମ୍ବରକୁ ସମ୍ପର୍କ କରାଯାଇଥିଲେ ମଧ ଯୋଗାଯୋଗ ହୋଇପାରି ନ ଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ମାହାଙ୍ଗା,୧୦।୭(ସ୍ୱ.ପ୍ର.):** ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା କଂସାର ଗ୍ରାମର ଅଜୟ ସ୍ୱାଇଁଙ୍କ ପୁଅ ପ୍ରଭାତ। ଗୁରୁତର ହେଲେ ଜାଲକଣା ଗ୍ରାମର ଲିପୁନା ମହାପାତ୍ର। ଉଭୟ ଏକ ବାଇକ୍‌ରେ ଲଳିତଗିରି ବୌଦ୍ଧ ମ୍ୟୁଜିୟମ ଦେଖିବାକୁ ଆସୁଥିଲେ। ଲଳିତଗିରିଠାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଦୁହେଁ ଆହତ ହୋଇଥିଲେ। ସେମାନଙ୍କୁ ଲୋକେ ଉଦ୍ଧାର କରି ନଡ଼ିଆସାହାସପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ବାଦ୍ ପଡ଼ିଛନ୍ତି ଯୋଗ୍ୟ ହିତାଧିକାରୀ

ପୁରୀ ଅଫିସ,୧୦।୭:

**ଭତ୍ତା ଟଙ୍କା ପ୍ରଦାନରେ ଅନିୟମିତତା ଅଭିଯୋଗ**

ପୁରୀ ଜିଲାରେ ଭତ୍ତା ଟଙ୍କା ବଣ୍ଟନରେ ଦୀର୍ଘବର୍ଷ ହେବ ଅନିୟମିତତା ହେଉଥିବା ବୁଦ୍ଧଟର ଆକ୍ଟିଭିଷ୍ଟମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସରକାରୀ ଭତ୍ତା ପ୍ରଦାନ କ୍ଷେତ୍ରରେ ଅନିୟମିତତା ହେଉଛି। ବହୁ ଅଯୋଗ୍ୟ ହିତାଧିକାରୀ ଜାଲ୍ କାଗଜପତ୍ର ତଥା ବେଆଇନ ରାସ୍ତା ଆପଣାଇ ଭତ୍ତା ଟଙ୍କା ହଡ଼ପ କରୁଛନ୍ତି। ଫଳରେ ଜିଲାର ହଜାର ହଜାର ଅସହାୟ ଯୋଗ୍ୟ ହିତାଧିକାରୀ ଏହି ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନେକ କ୍ଷେତ୍ରରେ ସରକାରୀ ସହାୟତାରୁ ବାଦ୍ ପଡ଼ି ଅସଲ ହିତାଧିକାରୀ ହତାଶ ହୋଇପଡୁଛନ୍ତି। ତେଣୁ ଜାଲ୍ ହିତାଧିକାରୀଙ୍କୁ ଯାଞ୍ଚ କରି ପ୍ରକୃତ ଅସହାୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉ। ଉପଯୁକ୍ତ ହିତାଧିକାରୀ ଚୟନ ପ୍ରକ୍ରିୟା ଗ୍ରାମସଭା ବା ପଲ୍ଲିସଭା ମାଧ୍ୟମରେ କରାଯାଉ। ଏହାଦ୍ୱାରା ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ। ହିତାଧିକାରୀ ଚୟନର ଚୂଡ଼ାନ୍ତ ତାଲିକା ଫଟୋ ସହିତ ସମ୍ପୃକ୍ତ ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରାଯାଉ ବୋଲି ଦାବି କରାଯାଇଛି। ସୁଧାଂଶୁ ଜେନା, ସତ୍ୟରଞ୍ଜନ ସାହୁ, ଦେବ୍ରାସ ଦାସ, ଦେବେନ୍ଦ୍ର ସୁବୁଦ୍ଧି, ଅସୀମ ମହମ୍ମଦ ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଅଭିଯୋଗ ରଖୁନି ପୋଲିସ, ଏସ୍‌ପିଙ୍କୁ ଗୁହାରି

ପୁରୀ ଅଫିସ,୧୦।୭

**ଜମି ବିବାଦରୁ ଆକ୍ରମଣ ଘଟଣା**

ଜମିବାଡ଼ି ବିବାଦକୁ ନେଇ କେତେଜଣ ଅଭିଯୁକ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ୫ଜଣ ଆହତ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ଥାନା ଅଧିକାରୀ ତାହାକୁ ଗ୍ରହଣ କରୁନାହାନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ତାଙ୍କ ପରିବାର ସଦସ୍ୟଙ୍କୁ ମାରିଦେବାକୁ ଧମକଚମକ ଦେଉଛନ୍ତି ବୋଲି ଶୁକ୍ରବାର ଏସ୍‌ପିଙ୍କୁ ଗୁହାରି ଜଣାଇଛନ୍ତି କଣାସ ଥାନା ଅନ୍ତର୍ଗତ ଗଡ଼ସାନପୁଟର ଅନୁସୟା ବେହେରା (୩୪)। ସେ ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଦୀର୍ଘଦିନ ହେଲା ଜମିବାଡ଼ିକୁ ନେଇ କିଛି ଲୋକଙ୍କ ସହ ତାଙ୍କର ବିବାଦ ରହିଛି। କୋର୍ଟରେ ମାମଲା ଚାଲିଛି। ତେବେ ଗତ ୬ ତାରିଖରେ ସମ୍ପୃକ୍ତ ବ୍ୟକ୍ତିମାନେ ଟ୍ରାକ୍ଟରରେ ପଥର ଆଣି ଅଦାଲତଙ୍କ ନିର୍ଦ୍ଦେଶକୁ ବେଖାତିର କରି ତାଙ୍କ ଜାଗା ଦଖଲ ପାଇଁ ଉଦ୍ୟମ କରିଥିଲେ। ତାଙ୍କ ପୁଅ ବିଶ୍ୱଜିତ ଏହାକୁ ବିରୋଧ କରିବାରୁ ତାଙ୍କ ମୁଣ୍ଡକୁ ଅଭିଯୁକ୍ତମାନେ ଭୁଜାଲିରେ ହାଣିଥିଲେ। ଏହାପରେ ତାଙ୍କ ଝିଅ ମଧୁସ୍ମିତା, ଶ୍ୱଶୁର ଏବଂ ତାଙ୍କୁ ମଧ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀ ଏବଂ ଦିଅର ପହଞ୍ଚିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଅନୁସୟା, ତାଙ୍କ ପୁଅ, ଝିଅ, ଶ୍ୱଶୁରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଏ ନେଇ ସେ କଣାସ ଥାନାରେ ଅଭିଯୋଗ କଲେ ମଧ ପୋଲିସ ତାଙ୍କ ଅଭିଯୋଗ ରଖୁନାହିଁ। ତେଣୁ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଣାସ ଥାନା ଅଧିକାରୀଙ୍କୁ ପଚାରିବାରେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇ ମାମଲା (ନଂ. ୧୦୧/୨୦) ରୁଜୁ ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।




ପ୍ରବାସୀ ଶ୍ରମିକଙ୍କ ପାଇଁ ଅଧିକ ଟ୍ରେନ୍ ବ୍ୟବସ୍ଥା, ପେଟ୍ରୋଲ ଓ ଡିଜେଲ ଦର ନିୟନ୍ତ୍ରଣ, ରାଜ୍ୟକୁ ଅଧିକ କେନ୍ଦ୍ରୀୟ ଅନୁଦାନ ଆଦି ବିଭିନ୍ନ ଦାବି ନେଇ ଭାରତୀୟ କ୍ଷେତମଜଦୁର ୟୁନିଅନ ଏବଂ ଦଳିତ-ଆଦିବାସୀ-କ୍ଷେତମୂଲିଆ ବଞ୍ଚାଓ ସଂଗଠନ ପକ୍ଷରୁ ସିପିଆଇ ଅଫିସ ପରିସରରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏଆଇଏସ୍ଏଫ୍‌ର ଦାବିପତ୍ର

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଓ ଗୃହ ମନ୍ତ୍ରଣାଳୟର ମଞ୍ଜୁରୀ ପରେ ୟୁଜିସି ଯେଉଁ ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ ଜାରି କରିଛି ତାହା ସମ୍ପୂର୍ଣ୍ଣ ଅମାନବୀୟ। ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ପରୀକ୍ଷା କରାଇବାର ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କୁ ମୃତ୍ୟୁମୁଖକୁ ଠେଲି ଦେବା ସଦୃଶ। ପରୀକ୍ଷା ନିଷ୍ପତ୍ତିରେ ବାରମ୍ବାର ପରିବର୍ତ୍ତନ ଯୋଗୁ ସେମାନଙ୍କ ମାନସିକ ଚିନ୍ତା ବଢୁଛି। ତେଣୁ ଏଥିରେ ତୁରନ୍ତ ପରିବର୍ତ୍ତନ କରିବାକୁ ଅଖିଳ ଭାରତ ଛାତ୍ରସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏଆଇଏସ୍ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ଅଫ୍‌ଲାଇନ୍ ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ରହିଛି। ଅନ୍‌ଲାଇନ୍ ପରୀକ୍ଷା ସମ୍ପୂର୍ଣ୍ଣ ଶିକ୍ଷା ଓ ଛାତ୍ର ବିରୋଧୀ। ଏହି ଅବସରରେ ସଂଘମିତ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇ ତୁରନ୍ତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ମାଗଣାରେ ପୁସ୍ତକ ଓ ପାଠ୍ୟ ଉପକରଣ ପହଞ୍ଚାଇବା ପାଇଁ ଆଲୋଚନା କରିଛନ୍ତି। ମନ୍ତ୍ରୀ ସାହୁ ଏହାକୁ ବିଚାରକୁ ନେଇ ଛାତ୍ର ସମାଜର ହିତରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ରମଣ ବଢ଼ାଇଛି ସରକାରୀ ଉଦାସୀନତା

କଟକ ଅଫିସ,୧୦।୭

**ମୋକିମ୍‌ଙ୍କ ଅଭିଯୋଗ**

ଗତ ମାର୍ଚ୍ଚ ମଧଭାଗରୁ କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ନିଜ ଢାଞ୍ଚାରେ ଉଦ୍ୟମ କରୁଛନ୍ତି ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ତାହା ନୁହେଁ। ରାଜ୍ୟରେ ତୃଣମୂଳ ସ୍ତରରେ ସ୍ଥିତି ସମ୍ପର୍କରେ ଅବଗତ ଥିବା ଜନପ୍ରତିନିଧି କିମ୍ବା ମନ୍ତ୍ରୀଙ୍କୁ କୋଭିଡ ନିୟନ୍ତ୍ରଣ ପ୍ରକ୍ରିୟାରେ ସାମିଲ କରାଯାଇନାହିଁ। କିନ୍ତୁ ଆଇଏଏସ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଉ ଥିବାରୁ ଫଳ କିଛି ହେଉନାହିଁ। ସରକାରୀ ଉଦାସୀନତା କରୋନା ସଂକ୍ରମଣକୁ ବ୍ୟାପକ କରିଛି। ସଇଦାନୀ ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ୍ ଏଭଳି ଅଭିଯୋଗ ରଖିଛନ୍ତି। ମାସ୍କ କିଣା, ଆଣ୍ଟିଜେନ ଟେଷ୍ଟ କିଟ୍ କିଣା, ହୋମ କ୍ୱାରାଣ୍ଟାଇନ, ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ, ଆଇସୋଲେଶନ ୱାର୍ଡ, କୋଭିଡ କେୟାର ସେଣ୍ଟର ଓ ପ୍ରବାସୀଙ୍କ ଥଇଥାନ ଆଦିରେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। କଟକ ସହରରେ ଉଚ୍ଚ ନ୍ୟାୟାଳୟ, ପୋଲିସ ମୁଖ୍ୟାଳୟ, ବଡ଼ ଡାକ୍ତରଖାନା, ଶିଶୁଭବନ ସମେତ ବିଭିନ୍ନ ମୁଖ୍ୟ କାର୍ଯ୍ୟାଳୟ ଥାଇ ମଧ କରୋନା ନିୟନ୍ତ୍ରଣରେ ରାଜ୍ୟ ସରକାର କଟକ ସହର ପ୍ରତି ଚରମ ଅବହେଳା କରିଛନ୍ତି। ଜିଲାପାଳ ଓ କମିଶନର କେବଳ ଗୋପଦ ଅଭିଯାନରେ ଯାଇ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ନିଜକୁ ଗଣମାଧ୍ୟମରେ ବାନ୍ଧି ରଖିଛନ୍ତି। ପ୍ରବାସୀଙ୍କ ଥଇଥାନରେ ରାଜ୍ୟ ସରକାରଙ୍କ ଅପରିଣାମଦର୍ଶିତାରୁ ସଂକ୍ରମଣ ଅଧିକ ଜଟିଳ ହେଲା ବୋଲି ମୋକିମ୍ ଅଭିଯୋଗ କରିଛନ୍ତି। ସହରରେ କୋଭିଡ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି, ଏମ୍‌ପି, ବିଧାୟକ, ଜିଲାପାଳ, କମିଶନର ଓ ନୋଡାଲ ଅଫିସରଙ୍କୁ ନେଇ କୋଭିଡ ପରିଚାଳନା କମିଟି କରାଯିବା ପାଇଁ ସେ ଦାବି କରିଛନ୍ତି।

## ଫିକା ପଡ଼ିପାରେ ମୂର୍ତ୍ତି ବଜାର

**ମାଟି କାରିଗରଙ୍କ ଭିତରେ ଭାଳେଣି**

କଟକ ଅଫିସ,୧୦।୭

ପର୍ବପର୍ବାଣିକୁ ନେଇ ସାରା ଦେଶରେ କଟକ ସହରର ସ୍ୱତନ୍ତ୍ର ପରିଚୟ ରହିଛି। ପୂଜା ପରମ୍ପରାରେ କଟକର ମୂର୍ତ୍ତି ଓ ମେଢ଼ କଥା ଟିକେ ନିଆରା। ଗଣେଶ ପୂଜାଠାରୁ ଦଶହରା, କାଳୀପୂଜା ଯାଏ ମୂର୍ତ୍ତି କାମରେ ମଗ୍ନ ଥାଆନ୍ତି କାରିଗର। ଏହି ପୂଜା ଋତୁରେ ହିଁ ମାଟିକୁ ମୃଣ୍ମୟ ରୂପ ଦେବାରେ ସେମାନଙ୍କ ହାତ ଚଳଚଞ୍ଚଳ ହୋଇଉଠେ। ପୂଜାଋତୁର ୪ ମାସର ଏହି ମାଟି କଳା ହିଁ ସେମାନଙ୍କ ବର୍ଷ ଯାକ ପେଟ ପୋଷେ।

କଟକ ସହରରେ ପୂଜା ଆସିଲେ ଏହି ମାଟି କାରିଗରଙ୍କ ଭଲ ରେଜଗାର ହୋଇଥାଏ। କିନ୍ତୁ କରୋନା ପାଇଁ ସେମାନଙ୍କ ଭିତରେ ଭାଳେଣି ପଡ଼ିଲାଣି। ଗଣେଶ ପୂଜା ସମୟରୁ ଆରମ୍ଭ ହୋଇଥାଏ ମୂର୍ତ୍ତି ଗଢ଼ା। କାଳୀପୂଜା ପରେ ଶେଷହୁଏ। ମୂର୍ତ୍ତି ଗଢ଼ା କାମରେ ଏଠିକାର ଶିଳ୍ପୀ କେବଳ କଟକରେ ନୁହେଁ, ରାଜ୍ୟର ବହୁ ସ୍ଥାନକୁ ଯାଇଥାନ୍ତି। କଟକ ସହରରେ ୨ ଶହରୁ ଊର୍ଦ୍ଧ୍ୱ ପୂଜା କମିଟି ରହିଛି। ଏହି ପୂଜା କମିଟିକୁ ବାଦ୍ ଦେଲେ ବହୁ ଅନୁଷ୍ଠାନରେ ବି ଗଣେଶ ପୂଜା ହୋଇଥାଏ। ପ୍ରତିବର୍ଷ କଟକ ସହରରେ ୧୭ ଶହରୁ ଊର୍ଦ୍ଧ୍ୱ ମୂର୍ତ୍ତି ପୂଜା କରାଯାଏ। ହେଲେ ଚଳିତବର୍ଷ ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟକ୍ରମ ହେବ ନାହିଁ। ଫଳରେ କାରିଗରଙ୍କ ବ୍ୟବସାୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ପୂଜା ପୂର୍ବରୁ ଏବେଠାରୁ ବିଭିନ୍ନ ପୂଜା କମିଟି ଓ କ୍ଲବ ତରଫରୁ ବରାଦ ଆସୁଥିଲେ ବି ଏ ବର୍ଷ ଗୋଟିଏ ହେଲେ ବି ବରାଦ ଆସିନାହିଁ। ଅନେକ କାରିଗର ଏହି ଆଶାରେ ଅନାଇ ରହିଛନ୍ତି କି ଗଣେଶ ପୂଜା ଆସୁଥିବାରୁ ନିଶ୍ଚିତ ମୂର୍ତ୍ତି ବରାଦ ଆସିବ। କିନ୍ତୁ ମୂର୍ତ୍ତିର ଚାହିଦା ଏଥର କମ୍ ରହିବ ଓ ବେପାର ମଧ ଭଲ ହେବନାହିଁ ବୋଲି ଅନେକ ଆଶଙ୍କା କଲେଣି। ଯେଉଁମାନେ ଆଗରୁ ବଡ଼ ମୃଣ୍ମୟୀ ମୂର୍ତ୍ତି ନେଉଥିଲେ, ସେମାନେ ଏବର୍ଷ ଛୋଟ ମୂର୍ତ୍ତି ନେବାକୁ ଚିନ୍ତା କରୁଛନ୍ତି। ଏବେ ହାତରେ କିଛି କାମ ନ ଥିବାରୁ ବାଧହୋଇ ମୂର୍ତ୍ତି କାରିଗର ଏବେ କୌଳିକ ବୃତ୍ତିକୁ ମଧ ବଦଳାଇ ଅଲଗା ବ୍ୟବସାୟ ଆରମ୍ଭ କରିଲେଣି। କିଏ ମାଛ ଦୋକାନ ଦେଇ ବସିଛି ତ ଆଉ କିଏ ପରିବା ଦୋକାନ।

**କରୋନା ମାଡ଼**



### ସେମାନଙ୍କ ମତରେ.......



ମୂର୍ତ୍ତି ତିଆରି କରିବାକୁ ପାଖରେ ଯଥେଷ୍ଟ ଟଙ୍କା ନାହିଁ। ବନ୍ଧାବନ୍ଧି ଆରମ୍ଭ କରିଥିଲୁ। ଏବେ ବନ୍ଦ କରିଛୁ। ମୂର୍ତ୍ତି ତିଆରି କରିବାରେ ଟଙ୍କା ଖର୍ଚ୍ଚ କଲେ ବି ବ୍ୟୟ ହୋଇଥିବା ଟଙ୍କା ମିଳିବ ନାହିଁ। ତେଣୁ ଏବର୍ଷ କିଭଳି ପରିବାର ଚଳାଇବୁ ଚିନ୍ତିତ ଅଛି।

**- ଶିବ ପ୍ରସାଦ ବେହେରା, କାରିଗର**



୫ ମାସ ହେବ ଘରେ ବସି ରହିଛୁ। କାମ ଆସୁନି। ସେଥିପାଇଁ ଏଭଳି ସମୟରେ କୌଳିକ ବୃତ୍ତିକୁ ଭୁଲି ଅନ୍ୟ ବ୍ୟବସାୟ କରିବାକୁ ବାଧ ହେଉଛି। ନ ହେଲେ ପରିବାର ଅବସ୍ଥା ଶୋଚନୀୟ ହୋଇପଡ଼ିବ। ଆମ୍ଭମାନଙ୍କ ପାଇଁ ସରକାର କିଛି ପଦକ୍ଷେପ ନେବା ଉଚିତ୍।

**- ବିନୋଦ ବେହେରା, କାରିଗର**



ତିନି ପିଢ଼ି ମଧରେ ଏଭଳି ପରିସ୍ଥିତି ପ୍ରଥମଥର ପାଇଁ ଉଭା ହୋଇଛି। ପ୍ରତିବର୍ଷ ଜଣେ କାରିଗର ୩୦ରୁ ୪୦ଟି ମୂର୍ତ୍ତି ନିର୍ମାଣ କରନ୍ତି। ହେଲେ ଏ ବର୍ଷ ଗୋଟିଏ ହେଲେ ବି କାମ ଆସୁନି। ଫଳରେ ଆମ ସାହିର ପ୍ରାୟ ୧୫୦ଟି ପରିବାର ରୋଜଗାର ହରାଇଛନ୍ତି। ଆଗକୁ ଦଶହରା ମଧ ଆସୁଛି। ତାହା ବି ଯଦି ବନ୍ଦ ହୋଇଯାଏ ଆମେ ଦୁର୍ଦ୍ଦିନରେ ଜୀବନ କାଟିବୁ।

**- ଭାଗବତ ବେହେରା, କାରିଗର**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁଲାଇ ୧୧/୨୦୨୦ Saturday, July 11/2020

# ପ୍ରଥମ ଟେଷ୍ଟ: ୱେଷ୍ଟଇଣ୍ଡିଜ ଅଗ୍ରଣୀ

**ସାଉଥାମ୍ପଟନ, ୧୦।୭**

ସ୍ଥାନୀୟ ରୋଜ ବାଓଲ ଷ୍ଟାଡିୟମରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। କ୍ରେଗ୍ ବ୍ରାଥ୍‌ୱେଟ ଓ ଶେନ ଡୋରିଚ୍ ଅର୍ଦ୍ଧଶତକ ହାସଲ କରିଥିବାବେଳେ ଶାମରା ବ୍ରୁକ୍ସ ଓ ରଷ୍ଟନ ଚେଜ୍ ଉପଯୋଗୀ ବ୍ୟାଟିଂ କରି ଭ୍ରମଣକାରୀ ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ଶୁକ୍ରବାର ତୃତୀୟ ଦିବସରେ ଖବର ମିଳିବା ବେଳକୁ ୱେଷ୍ଟଇଣ୍ଡିଜ ୬ ଉଇକେଟ ହରାଇ ୨୭୬ ରନ ସଂଗ୍ରହ କରିଛି। ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୨୦୪ ରନ କରି ଅଲଆଉଟ ହୋଇ ଯାଇଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୫୭/୧ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ତୃତୀୟ ଦିବସ ପ୍ରଥମ ସେସନରେ ଆଉ ୨ ଉଇକେଟ ହରାଇଥିଲା। ଶାଇ ହୋପ୍ ୧୬ ଏବଂ ବ୍ରାଥୱେଟ୍ ୬୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ୧୨୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ରାଥୱେଟ ନିଜ ଇନିଂସ ମଧ୍ୟରେ ୬ ଚୌକା ମାରିଥିଲେ। ଏହା ଥିଲା ତାଙ୍କ ଟେଷ୍ଟ କ୍ୟାରିୟରର ୧୮ତମ ଅର୍ଦ୍ଧଶତକ। ହୋପ୍ ସ୍ପିନର ଡମ୍ ବେସ୍‌ଙ୍କ ଶିକାର ହୋଇଥିବାବେଳେ ବ୍ରାଥୱେଟ୍‌ଙ୍କ ଇନିଂସର ପରିସମାପ୍ତି ଘଟାଇଥିଲେ ଅଧିନାୟକ ବେନ୍ ଷ୍ଟୋକ୍ସ। ଦ୍ୱିତୀୟ ସେସନରେ ମିଡଲ ଅର୍ଡରେ ବ୍ୟାଟ୍ସମ୍ୟାନେ ଭଲ ବ୍ୟାଟିଂ କରିଥିଲେ। ଏକାଗ୍ରତାର ସହିତ ଖେଳି ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ବ୍ରୁକ୍ସ ୩୯ ରନ କରିଥିବାବେଳେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଉଇକେଟ କିପର ଜୋସ ବଟଲରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ବ୍ରୁକ୍ସ ରିଭ୍ୟୁ ମାଗିଥିଲେ ହେଁ ନିଷ୍ପତ୍ତି ତାଙ୍କ ବିପକ୍ଷରେ ଯାଇଥିଲା। ଜେର୍ମିନ ବ୍ଲାକ୍‌ଉଡ୍ ମାତ୍ର ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ରଷ୍ଟନ ଚେଜ୍ ଏବଂ ଉଇକେଟ କିପର ଶେନ ଡୋରିଚ୍ ଲଢୁଆ ପ୍ରଦର୍ଶନ କରି ଦଳକୁ ବଡ଼ ଅଗ୍ରଣୀ ଆଡ଼କୁ ନେଇ ଯାଇଥିଲେ। ଦୁହେଁ ୬ଷ୍ଠ ଉଇକେଟରେ ମୂଲ୍ୟବାନ ୮୧ ରନର ଭାଗୀଦାରି ଗଢ଼ିଥିଲେ। ଚେଜ୍ ୧୪୨ ବଲ୍‌ରୁ ୬ ଚୌକା ସହାୟତାରେ ୪୭ ରନ କରିଥିବାବେଳେ ଅଣ୍ଡରସନଙ୍କ ଏକ ବଲ୍‌କୁ ଖେଳିବାରେ ବିଫଳ ହୋଇଥିଲେ। ବଲ୍ ତାଙ୍କ ଉଭୟ ପ୍ୟାଡ୍‌କୁ ହିଟ୍ କରିଥିଲା। ଅମ୍ପାୟର ବ୍ୟାଟ୍‌ରେ ବଲ୍ ବାଜିଥିବା ସନ୍ଦେହ କରି ଆଉଟ ଦେଇ ନ ଥିଲେ। ମାତ୍ର ଇଂଲଣ୍ଡ ରିଭ୍ୟୁ ନେବାପରେ ବଲ୍ ଟ୍ରାକିଂରେ ସେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିବା ସ୍ପଷ୍ଟ ହୋଇଥିଲା। ଡୋରିଚ ୯୧ ବଲ୍ ଖେଳି ୭ ଚୌକା ସହ କ୍ୟାରିୟରର ୯ମ ଟେଷ୍ଟ ଅର୍ଦ୍ଧଷତକ ପୂରଣ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମ୍ସ ଆଣ୍ଡରସନ ୩ଟି, ଡମ୍ ବେସ୍ ୨ଟି ଏବଂ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ ପରେ କ୍ରେଗ୍ ବ୍ରାଥ୍‌ୱେଟ।

### ବ୍ରାଥ୍‌ୱେଟ, ଡୋରିଚ୍‌ଙ୍କ ଅର୍ଦ୍ଧଶତକ

# ବିଦେଶରେ ଫସି ରହିବାର ଫାଇଦା ନେଲେ ଲିଅନ

**ଚେନ୍ନାଇ, ୧୦।୭(ପି.ଟି.)**

କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ କଟକଣା ଯୋଗୁ ବିଦେଶରେ ଫସି ରହିବାର ଫାଇଦା ନେଇଛନ୍ତି ଭାରତର ଯୁବ ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ଲିଅନ ଲୁକେ ମେଣ୍ଡୋଙ୍କା। ସର୍ବିୟାରେ ଅନୁଷ୍ଠିତ ପାରାସିନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ସେ ରନର୍ସଅପ୍ ହୋଇଛନ୍ତି। ୨୪୭୦ ଏଲୋ ରେଟିଂପ୍ରାପ୍ତ ୧୪ ବର୍ଷୀୟ ଏହି ଗୋଆ ଚେସ୍ ପ୍ରତିଭା ୯ ରାଉଣ୍ଡରୁ ୭ ପଏଣ୍ଟ ହାସଲ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଭାରତରେ ଲକ୍ ଡାଉନ୍ କଟକଣା ଲାଗୁ ହୋଇଯିବାରୁ ପିତା ଲିଣ୍ଡନଙ୍କ ସହ ଲିଅନ ପାଖାପାଖି ୩ ମାସ ହେଲା ହଙ୍ଗେରିରେ ଅଟକି ରହିଛନ୍ତି। ସମୟର ସଦୁପଯୋଗ କରି ଏହାର ଫାଇଦା କିନ୍ତୁ ନେଇଛନ୍ତି ଲିଅନ। ସେ ଗତ ଜୁନ୍‌ରେ ବୁଦାପେଷ୍ଟରେ ଅନୁଷ୍ଠିତ ବାଲାଟନ ଚେସ୍ ଫେଷ୍ଟିଭାଲରେ ଚାମ୍ପିୟନ ହୋଇଥିବାବେଳେ ଏବେ ପାରାସିନ ଓପନରେ ରନର୍ସଅପ୍ ହୋଇଛନ୍ତି। ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଥିବା ଲିଅନ ଗ୍ରାଣ୍ଡମାଷ୍ଟର ନର୍ମ ହାସଲରୁ ଅଳ୍ପକେ ବଞ୍ଚିତ ହେଲେ ବୋଲି ପ୍ରକାଶ କରିଛନ୍ତି। "ପାରାସିନ ଓପନରେ ମୋ ପ୍ରଦର୍ଶନରେ ମୁଁ ଖୁସି। ତେବେ ଶେଷ ରାଉଣ୍ଡରେ ୨୩୪୦ରୁ ଉର୍ଦ୍ଧ୍ୱ ରେଟିଂ ପ୍ରାପ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳି ପାରିଥିଲେ ମୁଁ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିପାରିଥାନ୍ତି। ଅଳ୍ପକେ ସେଥିରୁ ବଞ୍ଚିତ ହେଲି" ବୋଲି ସେ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ସେ ୫ ବିଜୟ ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରତିଯୋଗିତା ସ୍ଥଳକୁ ପ୍ରବେଶ ପୂର୍ବରୁ ପିଲାମାନଙ୍କୁ ଥର୍ମାଲ ସ୍କିନିଂ କରାଯିବା ସହ ସାନିଟାଇଜର ପ୍ରଦାନ କରାଯାଇଥିଲା ଏବଂ ନିଜ ବୋର୍ଡ ନିକଟରେ ବସିବା ସମୟରେ ମାସ୍କ ପରିଧାନ କରିବାକୁ କୁହା ଯାଇଥିଲା। ଶନିବାରଠାରୁ ପାରାସିନରେ ଆରମ୍ଭ ହେବାକୁ ଯାଉଥିବା ଗ୍ରାଣ୍ଡମାଷ୍ଟର ରାଉଣ୍ଡ-ରବିନ ଟୁର୍ନାମେଣ୍ଟରେ ଲିଅନ ଭାଗନେବେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ତାଙ୍କର ପରିବର୍ତ୍ତୀ ଲକ୍ଷ୍ୟ। ତାଙ୍କ ମା' ଜଣେ ଡାକ୍ତର ହୋଇଥିବାରୁ ଗୋଆରେ କରୋନା ଭାଇରସରେ ସଂକ୍ରମିତ ରୋଗୀଙ୍କ ସେବାରେ କାର୍ଯ୍ୟରତ।



ଲିଅନ ଲୁକେ ମେଣ୍ଡୋଙ୍କା

# ୱିମ୍ବେଲଡନ ପୁରସ୍କାର ବାଣ୍ଟି ଦିଆଯିବ

**ୱିମ୍ବେଲଡନ, ୧୦।୭ (ଏପି):** କରୋନା ଭାଇରସ୍ ମହାମାରୀ ଯୋଗୁ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍ ବାତିଲ କରିଦିଆଯାଇଛି। ଏହା ସତ୍ତ୍ୱେ ୧୨.୫ ନିୟୁତ ଡଲରା ପୁରସ୍କାର ରାଶିକୁ ୬୨୦ ଖେଳାଳିଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ବୋଲି ଅଲ୍ ଇଂଲଣ୍ଡ କ୍ଲବ ତରଫରୁ ଶୁକ୍ରବାର ପ୍ରକାଶ କରାଯାଇଛି। ବୀମା ଯୋଗାଣକାରୀଙ୍କ ସହ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିବା ପ୍ରତ୍ୟେକ ଖେଳାଳି ୨୫,୦୦୦ ପାଉଣ୍ଡ (୩୧,୦୦୦ ଡଲାର) ଲେଖାଏ ପାଇବେ। କ୍ୱାଲିଫାଇଙ୍ଗ୍‌ରେ ଭାଗ ନେଇଥିବା ୨୨୪ ଖେଳାଳି ପ୍ରତ୍ୟେକ ଜଣ ପିଛା ୧୨,୫୦୦ ପାଉଣ୍ଡ (୧୫,୬୦୦ ଡଲାର) ଲେଖାଏ ପାଇବେ। ଏହାଛଡ଼ା ଡବଲ୍ସରେ ଭାଗ ନେବାକୁଥିବା ୧୨୦ ଖେଳାଳିଙ୍କୁ ୬,୨୫୦ ପାଉଣ୍ଡ(୭,୮୦୦ ଡଲାର), ହ୍ୱିଲଚେୟାର ଇଭେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ୧୬ ଖେଳାଳି ଜଣପିଛା ୬,୦୦୦ ପାଉଣ୍ଡ (୭.୫୦୦ ଡଲାର) ଏବଂ କ୍ୱାଡ୍ ହ୍ୱିଲଚେୟାର ଇଭେଣ୍ଟରେ ଭାଗ ନେବାକୁ ଥିବା ୪ ଖେଳାଳିଙ୍କୁ ୫,୦୦୦ ପାଉଣ୍ଡ (୬,୨୦୦ ଡଲାର) ଲେଖାଏ ପ୍ରଦାନ କରାଯିବ। ଅଲ୍ ଇଂଲଣ୍ଡ କ୍ଲବ ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ଲୁଇସ୍ କହିଛନ୍ତି କରୋନା ମହାମାରୀ ଯୋଗୁ ବର୍ତ୍ତମାନ ଅନିଶ୍ଚିତ ପରିସ୍ଥିତି ଦେଖାଦେଇଛି। କେତେଜଣ ଖେଳାଳି ବିଶ୍ୱ ର୍‍ୟାଙ୍କିଙ୍ଗ ଭିତ୍ତିରେ ୱିମ୍ବେଲଡନରେ ପୁରସ୍କାର ହାସଲ ଆଶାରେଥିବେ। କେତେଜଣ ହୁଏତ ଏହି ସମୟରେ ଆର୍ଥିକ ସଂକଟ ଦେଇ ଗତି କରୁଥିବେ।

# ହକି ଇଣ୍ଡିଆ ଅଧ୍ୟକ୍ଷ ମୁସ୍ତାକଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୦।୭(ପି.ଟି.):** ହକି ଇଣ୍ଡିଆ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ମହମ୍ମଦ ମୁସ୍ତାକ ଅହମ୍ମଦ। ବ୍ୟକ୍ତିଗତ କାରଣରୁ ସେ ହାଇପ୍ରୋଫାଇଲ ପଦ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ମଣିପୁରର ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍ କାର୍ଯ୍ୟବାହକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବେ ବୋଲି ହକି ଇଣ୍ଡିଆ କାର୍ଯ୍ୟକାରୀ ବୋର୍ଡ ଘୋଷଣା କରିଛି। ହକି ଇଣ୍ଡିଆର କାର୍ଯ୍ୟକାରୀ ବୋର୍ଡ ବୈଠକରେ ଶୁକ୍ରବାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ କାର୍ଯ୍ୟବାହକ ଅଧ୍ୟକ୍ଷ ଭାବେ ଜ୍ଞାନେନ୍ଦ୍ରୋଙ୍କ ନାମ ଚୟନ ହୋଇଥିଲା। ମୁସ୍ତାକ ଅହମ୍ମଦ ଇସ୍ତଫା ଦେବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଗତ ୭ ତାରିଖରେ ମୁସ୍ତାକଙ୍କ ଇସ୍ତାଫା ପତ୍ର ହସ୍ତଗତ ହୋଇଥିଲା। ବ୍ୟକ୍ତିଗତ ଓ ପାରିବାରିକ କାରଣରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି ବୋଲି ମୁସ୍ତାକ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଥାଉ କି, ପୂର୍ବରୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ମୁସ୍ତାକଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ତାଙ୍କ ନିର୍ବାଚନ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍‌ର କାର୍ଯ୍ୟକାଳ ନିୟମାବଳୀକୁ ଉଲ୍ଲଂଘନ କରୁଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଥିଲା। ଏହି ନିର୍ବାଚନ ପରେ ସେ ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ।



# ୩୫ ପିଲାଙ୍କ ହାର୍ଟ ସର୍ଜରି କରାଇବେ ଗାଭାସ୍କର

**ମୁମ୍ବାଇ, ୧୦।୭:** ୭୧ତମ ଜନ୍ମ ଦିନରେ ସୁନୀଲ ଗାଭାସ୍କର ୩୫ ପିଲାଙ୍କର ହାର୍ଟ ସର୍ଜରି କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଖାରଘରସ୍ଥିତ ସତ୍ୟସାଇ ସଞ୍ଜୀବନୀ ହସ୍ପିଟାଲ ଫର ଚାଇଲ୍ଡ ହାର୍ଟ କେୟାରରେ ଏହି ଅସ୍ତ୍ରୋପଚାର କରାଇବେ। ଏହି ପିଲାମାନଙ୍କ ମାତାପିତା ଅସ୍ତ୍ରୋପଚାର ପାଇଁ ଅର୍ଥ ଯୋଗାଡ କରିପାରି ନ ଥିବାରୁ ଗାଭାସ୍କର ଏମାନଙ୍କ ଦାୟିତ୍ୱ ନେବେ। ଗତବର୍ଷ ମଧ୍ୟ ସେ ଏପରି ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିଥିଲେ। ଭାରତ ପାଇଁ ୩୫ଟି ଶତକ ହାସଲ କରିଥିବାରୁ ସେ ୩୫ଜଣ ପିଲାଙ୍କର ଅସ୍ତ୍ରୋପଚାର କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିହେବ ବୋଲି ଗାଭାସ୍କର କହିଛନ୍ତି। ତେବେ ଛୋଟପିଲାମାନଙ୍କର ବିଶେଷ ଭାବେ ଗୁରୁତ୍ୱ ରହିଛି। ପିଲାଙ୍କୁ ନେଇ ସବୁ ପରିବାରରେ ଖୁସିର ବାତାବରଣ ଥାଏ ଓ ଏମାନେ ପରିବାର ତଥା ଦେଶର ଭବିଷ୍ୟତ ବୋଲି ଗାଭାସ୍କର କହିଛନ୍ତି।









# ବେନ୍ ଷ୍ଟୋକ୍ସଙ୍କ ଜର୍ସିରେ ବିକାଶ କୁମାର

**ଲଣ୍ଡନ, ୧୦।୭:** କୋଭିଡ୍-୧୯ ମହାମାରୀ ଯୋଗୁ ଦୀର୍ଘ ୧୧୭ ଦିନ ପରେ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟେଷ୍ଟ ମ୍ୟାଚ ସହ ଅନ୍ତର୍ଜାତୀୟ କ୍ରିକେଟ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରାକ୍ଟିସ ସେସନରେ ଇଂଲଣ୍ଡ ଖେଳାଳି ବେନ୍ ଷ୍ଟୋକ୍ସ ପରିଧାନ କରିଥିବା ଜର୍ସିରେ ନିଜ ନାମ ଦେଖି ଭାରତୀୟ ବଂଶୋଦ୍ଭବ ଡାକ୍ତର ବିକାଶ କୁମାରଙ୍କ ଖୁସିର ସୀମା ରହି ନ ଥିଲା। ଦିଲ୍ଲୀର ୩୫ ବର୍ଷୀୟ ବିକାଶ କୁମାର ୨୦୧୯ରେ ସ୍ତ୍ରୀ ଏବଂ ଦୁଇ ବର୍ଷରୁ ପୁତ୍ର ସନ୍ତାନ ସହ ଇଂଲଣ୍ଡ ଯାଇ ସେଠାରେ ଅବସ୍ଥାନ କରୁଛନ୍ତି। ସ୍କୁଲ ଛାତ୍ର ଥିବାବେଳେ ଟପ୍ ଲେଭଲ କ୍ରିକେଟ ଖେଳିବା ତାଙ୍କର ଏକ ଅଭିଳାଷ ଥିଲା। ତାହା ସାକାର ହୋଇ ପାରି ନ ଥିଲେ ମଧ୍ୟ ୩ ବର୍ଷ ପୂର୍ବେ ଦିଲ୍ଲୀର ଫିରୋଜ ଶାହ କୋଟ୍‌ଲା ଷ୍ଟାଡିୟମରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ୍ ପାଇଁ ସେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ। ଏବେ ସେ ଡରାହମ୍‌ର ଡାର୍ଲିଂଟନ୍‌ସ୍ଥିତ ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ଟ୍ରଷ୍ଟ ହସ୍ପିଟାଲର କ୍ରିଟିକାଲ କେୟାର ୟୁନିଟ୍‌ରେ କାର୍ଯ୍ୟ କରୁଛନ୍ତି। କୋଭିଡ୍-୧୯ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବାକୁ ଯାଇ ଇଂଲଣ୍ଡ ଟେଷ୍ଟ ଖେଳାଳିମାନେ ଦେଶର କେତେଜଣ ଆଗଧାଡ଼ି ସ୍ୱାସ୍ଥ୍ୟକର୍ମୀଙ୍କ ନାମ ଲେଖାଥିବା ଜର୍ସି ପରିଧାନ କରିଥିଲେ। ଇଂଲଣ୍ଡ କ୍ରିକେଟ କ୍ଲବଗୁଡ଼ିକ ତରଫରୁ ଚାଲିଥିବା 'ରେଜ୍ ଦ ବ୍ୟାଟ୍' ଅଭିଯାନର ଅଂଶ ସ୍ୱରୂପ ଖେଳାଳିମାନଙ୍କ ଜର୍ସିରେ କେଉଁମାନଙ୍କ ନାମ ସ୍ଥାନ ପାଇବ ସେମାନଙ୍କ ତରଫରୁ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ତାଲିକାର ଶୀର୍ଷରେ ବିକାଶ କୁମାରଙ୍କ ନାମ ରହିଥିଲା। ଫଳରେ ତାଙ୍କ ନାମ ଇଂଲଣ୍ଡ ଅଧିନାୟକ ତଥା ବିଶ୍ୱକପ୍ ଷ୍ଟାର ବେନ୍ ଷ୍ଟୋକ୍ସଙ୍କ ଜର୍ସିରେ ସ୍ଥାନ ପାଇଥିଲା। ଭାରତୀୟ ବଂଶୋଦ୍ଭବ ଡାକ୍ତର କହିଛନ୍ତି, ଷ୍ଟୋକ୍ସଙ୍କ ଭଳି ଖେଳାଳିଙ୍କ ଜର୍ସିରେ ନିଜ ନାମ ଦେଖି ମୁଁ ଖୁସିରେ ଆତ୍ମହରା ହୋଇପଡ଼ିବା ସହ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲି। କରୋନା ମହାମାରୀ ଯୋଗୁ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛେ। ଏନ୍‌ଏଚ୍‌ଏସ୍ ଷ୍ଟାଫ୍‌ମାନଙ୍କ ତ୍ୟାଗ ଅତୁଳନୀୟ। କୋଭିଡ୍ ଯୋଦ୍ଧାଙ୍କୁ ସ୍ୱୀକୃତି ଓ ସମ୍ମାନ ମିଳୁଛି ନିଶ୍ଚିତ ଏକ ଅନ୍ୟମାନଙ୍କ ପ୍ରତି ଏକ ଭଲ ବାର୍ତ୍ତା। ମୌଲାନା ଆଜାଦ ମେଡିକାଲ କଲେଜରେ ଆନାସ୍ଥେସିଆରେ ପୋଷ୍ଟ-ଗ୍ରାଜୁଏଟ୍ ଡିପ୍ଲୋମା କରିଥିବା ବିକାଶ କୁମାର କହିଛନ୍ତି ମୁଁ ପିଲଦିନରୁ ଜଣେ କ୍ରିକେଟପ୍ରେମୀ। ମୁଁ ମୋ ମେଡିକାଲ କଲେଜ ତରଫରୁ ଖେଳିଛି। କିନ୍ତୁ ମୋ ପରିବାରର ସମସ୍ତେ ପାଠକୁ ଅଗ୍ରାଧିକାର ଦେଉଥିବାରୁ ମୋତେ ମୋ ଭାଇମାନଙ୍କ ଭଳି ଜଣେ ଡାକ୍ତର ହେବାକୁ ପଡ଼ିଥିଲା। ଏସୀୟ ବଂଶୋଦ୍ଭବ ଖେଳାଳିମାନଙ୍କୁ ନେଇ ଇଂଲଣ୍ଡରେ ଗିଲି ବଏଜ୍ ଆମେଚର କ୍ଲବ ଗଠନ କରାଯାଇଛି। ଏହି କ୍ଲବ ବ୍ୟତୀତ ନ୍ୟୁକ୍ୟାସେଲ ନିକଟବର୍ତ୍ତୀ କାଓଗେଟ୍ କ୍ରିକେଟ କ୍ଲବରେ ମଧ୍ୟ ମଧ୍ୟ ଖେଳିଥାଏ। ବିକାଶ ଇଂଲଣ୍ଡ କ୍ରିକେଟ ଟିମ୍‌ର ଡାକ୍ତର ଭାବେ ମଧ୍ୟ କାର୍ଯ୍ୟକରୁଛନ୍ତି।




ଅଭ୍ୟାସ ଅବସରରେ ବେନ୍ ଷ୍ଟୋକ୍ସ।



ପରିବାର ସହ ବିକାଶ କୁମାର।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ